


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୩ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 03 JULY 2021

Vol.No. 32 ■ No. 167 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସୁରକ୍ଷାକର୍ମୀଙ୍କ ଗୁଳିରେ ୫ ଆତଙ୍କୀ ନିହତ : ଜଣେ ଯବାନ ସହୀଦ



ପୁଲଓ୍ୱାମା,୦୨/୦୭: ୧୨ ଘଂଟାରୁ ଅଧିକ ସମୟ ଧରି ଜାରି ରହିଥିବା ପୁଲଓ୍ୱାମା ଏନକାଉଣ୍ଟର ଶେଷ ହୋଇଛି । ଆଉ ସେନା ଗୁଳିରେ ନିହତ ହୋଇଛନ୍ତି ଲସ୍କର-ଇ-ତୋଇବାର ୫ ଆତଙ୍କୀ । ସେପଟେ ଆତଙ୍କୀଙ୍କ ସହ ଗୁଳିବିନିମୟରେ ଜଣେ ଯବାନ ସହିଦ ହୋଇଛନ୍ତି । ଜମ୍ମୁକଶ୍ମୀର ପୁଲଓ୍ୱାମାରେ ସରିଲା ଏନକାଉଣ୍ଟର । ଦୀର୍ଘ ଘଂଟାର ଗୁଳିବିନିମୟ ପରେ ସେନାକୁ ମିଳିଛି ସଫଳତା । ସୁରକ୍ଷାକର୍ମୀଙ୍କ ଗୁଳିରେ ୫ଜଣ ଆତଙ୍କବାଦୀ ନିପାତ ହୋଇଛନ୍ତି । ଶୁକ୍ରବାର ଭୋରରୁ ରାଜପୋରା ଜିଲ୍ଲା ହାଜିନ ଗାଁରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଘେରିଥିଲେ ସୁରକ୍ଷାକର୍ମୀ । ପ୍ରତ୍ୟେକ ଆତଙ୍କୀ ସେନାର ଗୁଳିରେ ମୃତ୍ୟୁ ବରଣ କରିଛନ୍ତି । ନିହତ ହୋଇଥିବା ସମସ୍ତ ଆତଙ୍କୀ ଲସ୍କର-ଇ-ତୋଇବାର ବୋଲି ସୂଚନା ଦେଇଛନ୍ତି ଜମ୍ମୁକାଶ୍ମୀର ଆଇଜି । ଅନ୍ୟପଟେ ଗୁଳିବିନିମୟରେ ଜଣେ ଯବାନ ସହିଦ ହେବା ସହ ଜଣେ ସ୍ଥାନୀୟ ବାସିନ୍ଦା ମଧ ପ୍ରାଣ ହରାଇଛନ୍ତି । ପୁଲଓ୍ୱାମା ସ୍ଥିତ ରାଜପୁରା ଗାଁରେ ଆତଙ୍କୀ ଥିବା ଖବର ପାଇଥିଲେ ସ୍ଥାନୀୟ ପୋଲିସ୍ । ଏହାପରେ ପୋଲିସର ସହାୟତାରେ ସିଆରପିଏଫ ସହ ମିଶି ଗୁରୁବାର ସନ୍ଧ୍ୟାରୁ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲା ଭାରତୀୟ ସେନା । ସେନାର ଅପରେସନ ବେଳେ ଲୁଚିରହିଥିବା ଆତଙ୍କବାଦୀ ପୋଲିସ ଉପରେ ଆକ୍ରମଣ କରିଥିଲେ । ସେନାର ପାଟ୍ରୋଲିଂ ଗାଡି ଉପରକୁ ଆକ୍ରମଣ କରି ଏହି ଆତଙ୍କବାଦୀମାନେ ଫେରାର ହୋଇଥିଲେ । ସେତେବେଳ ଠାରୁ ସେନାର ଏନକାଉଣ୍ଟର ଆରମ୍ଭ ହୋଇଥିଲା । ଯାହା ଶୁକ୍ରବାର ମଧ୍ୟାହ୍ନରେ ଶେଷ ହୋଇଛି । ଘାଟିରେ ଆତଙ୍କବାଦୀଙ୍କ ମୂଳପୋଛ ପାଇଁ ସେନା କରୁଛି ଲଗାତାର ସର୍ଚ୍ଚ ଅପରେସନ୍ । ଆଉ ନିପାତ ହେଉଛନ୍ତି ଆତଙ୍କୀ ।

## ୭୦% ସିଲାବସ୍ ମଧ୍ୟରେ ହେବ ମାଟ୍ରିକ ପରୀକ୍ଷା



ଭୁବନେଶ୍ୱର,୦୨/୦୭ (ନି.ପ୍ର): ମାଟ୍ରିକ ପରୀକ୍ଷା ମାର୍କିଂରେ ଅସନ୍ତୁଷ୍ଟ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଅଫ୍‌ଲାଇନ୍‌ରେ ପରୀକ୍ଷା ୭୦ ପ୍ରତିଶତ ସିଲାବସ ମଧ୍ୟରେ ହେବ । ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଆଜି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏଥିପାଇଁ ଆସନ୍ତା ୫ ତାରିଖରୁ ଫର୍ମ ଫିଲପ୍ ପ୍ରକ୍ରିୟା ଆରମ୍ଭ ହେବ । ଜୁଲାଇ ୧୪ ତାରିଖ ପର୍ଯ୍ୟନ୍ତ ଫର୍ମ ଫିଲପ୍ ଚାଲିବ । ଜୁଲାଇ ୩୦ରୁ ଅଗଷ୍ଟ ୫ ଯାଏ ପରୀକ୍ଷା ହେବ । କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରି ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି । ମନ୍ତ୍ରୀ ସମୀର ଦାଶ କହିଛନ୍ତି, ୩୦% ସିଲାବସ୍ ହ୍ରାସ ହୋଇଥିବାରୁ ୭୦% ମଧ୍ୟରେ ପରୀକ୍ଷା ହେବ । ଆଉ ପରୀକ୍ଷାର ୧୫ ଦିନ ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇଁ ଚେଷ୍ଟା କରାଯିବ । ତେଣୁ ପରୀକ୍ଷା ଫଳାଫଳକୁ ନେଇ ଯେଉଁମାନଙ୍କର ଆଶଙ୍କା ରହିଛି, ସେମାନେ ଫର୍ମ ଫିଲପ୍ କରନ୍ତୁ । ଉଲ୍ଲେଖନୀୟ ଯେ ଚଳିତ ଥର ମାଟ୍ରିକ ପରୀକ୍ଷାରେ ୯୭.୮୯% ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ମୋଟ୍ ୫ ଲକ୍ଷ ୭୪ ହଜାର ୧୨୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୫ଲକ୍ଷ ୬୨ ହଜାର ୧୦ ଜଣ ଛାତ୍ରଛାତ୍ରୀ ପାସ୍ କରିଥିଲେ ।

## ଭିଏସ୍‌ଏସ୍ ନଗର ମାର୍କେଟ ସିଲ୍

ଭୁବନେଶ୍ୱର,୦୨/୦୭ (ନି.ପ୍ର): ଭୁବନେଶ୍ୱର ଭିଏସ୍‌ଏସ୍ ନଗର ମାର୍କେଟ ସିଲ୍ ହୋଇଛି । କୋଭିଡ୍ ଗାଇଡଲାଇନ ଉଲ୍ଲଂଘନ ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଏହି ମାର୍କେଟ୍‌କୁ ସିଲ୍ କରିଛି । ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଭିଏସ୍‌ଏସ୍ ନଗର ମାର୍କେଟ ବନ୍ଦ ରହିବ ।

## ପଞ୍ଜାବରେ ବିଜୁଳି ସଂକଟ : ହାତରେ ବିଞ୍ଚଣା ଧରି ରାସ୍ତାକୁ ଓହ୍ଲାଇଲା ଅକାଳୀଦଳ

### ନିଜ ଦଳ ବିରୋଧରେ ଆଗକୁ ଆସିଲେ ସିଦ୍ଧୁ

ପଞ୍ଜାବ,୦୨/୦୭ (ନି.ପ୍ର): ପଞ୍ଜାବରେ ଦେଖାଦେଇଛି ବିଜୁଳି ସଂକଟ । ଏହାକୁ ନେଇ ପଞ୍ଜାବ ଷ୍ଟେଟ୍ ପାଓ୍ୱାର କର୍ପୋରେସନ୍ ରାଜ୍ୟର ଶିଳ୍ପସଂସ୍ଥା ମାନଙ୍କୁ ସପ୍ତାହରେ ୨ ଦିନ ଛୁଟି ରଖିବାକୁ ଘୋଷଣା କରିଛି । ରାଜ୍ୟର ଅନେକ ଜିଲ୍ଲାରେ ଦୈନିକ ୧୦-୧୫ ଘଂଟା ବିଜୁଳି କାଟ ହେଉଛି । ବିଜୁଳି ସଂକଟ ଫଳରେ କୃଷକମାନେ ବି କୃଷି କାର୍ଯ୍ୟ କରିପାରୁ ନଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଅମରିନ୍ଦରସିଂ ସରକାରୀ କାର୍ଯ୍ୟାଳୟରେ କାମ କରିବାର ସମୟ ବି ବଦଳାଇ ଦେଇଛନ୍ତି । ଏବେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ସକାଳ ୮ ରୁ ଦିନ ୨ ଟା ପର୍ଯ୍ୟନ୍ତ ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ ସରକାରୀ କାର୍ଯ୍ୟାଳୟରେ ଏସି ବନ୍ଦ ରହିବ । ଏଭଳି ବିଜୁଳି ସଂକଟକୁ ନେଇ ରାସ୍ତାକୁ ଉହ୍ଲାଇଛି ବିରୋଧୀ ଅକାଳୀ ଦଳ । ରାଜ୍ୟର ବିଭିନ୍ନ ସ୍ଥାନରେ ଅକାଳୀଦଳର କର୍ମୀମାନେ ହାତରେ ବିଞ୍ଚଣା ଧରି ରାସ୍ତାରେ ବିକ୍ଷୋଭ କରିଛନ୍ତି । ଅନ୍ୟପଟେ ରାଜ୍ୟର ବିଜୁଳି ସଂକଟକୁ ନେଇ ପଞ୍ଜାବ କଂଗ୍ରେସର ବିବାଦୀୟ ନେତା ନବଜୋତସିଂ ସିଦ୍ଧୁ ସରକାରଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି । ସେ ଟ୍ୱିଟ ଯୋଗେ ▶▶ପୃଷ୍ଠା ୭

## ରାଜ୍ୟର ଅଧିକାଂଶ ସ୍ଥାନରେ ୧୦୦ ଟପିଲା ପେଟ୍ରୋଲ

### କାଲିମେଳାରେ ସର୍ବାଧିକ ୧୦୬ଟଙ୍କା, ନବରଙ୍ଗପୁରରେ ୧୦୪



ଭୁବନେଶ୍ୱର,୦୨/୦୭(ନି.ପ୍ର): ପେଟ୍ରୋଲ ଦରରେ ସେଞ୍ଚୁରୀ । ଆଜି ପେଟ୍ରୋଲ ଦର ରାଜ୍ୟର ଅଧିକାଂଶ ସ୍ଥାନରେ ଶତକ ପାର କରିଛି । କାଲିମେଳାରେ ଏହା ସର୍ବାଧିକ ୧୦୬ ଟଙ୍କା ରହିଛି । ସେହିଭଳି ନବରଙ୍ଗପୁରରେ ପେଟ୍ରୋଲ ଲିଟର ପିଛା ୧୦୪ ଟଙ୍କା ୧୧ ପଇସା ରହିଛି । ଖୋର୍ଧା ଓ କଟକରେ ବି ପେଟ୍ରୋଲ ଦର ଶହେ ପାର କରିଛି । ଖୋର୍ଦ୍ଧାରେ ପେଟ୍ରୋଲ ଦର ୧୦୦ ଟଙ୍କା ୬ପଇସା ରହିଥିବାବେଳେ କଟକରେ ପେଟ୍ରୋଲ ଦର ଲିଟର ପିଛା ୧୦୦ ଟଙ୍କା ୨୭ ପଇସା ରହିଛି । ଅନ୍ୟ ସହରରେ ବି ପେଟ୍ରୋଲ ଶତକ ପାର କରିଛି । ପେଟ୍ରୋଲ ଦରରେ ଲଗାତାର ଏଭଳି ବୃଦ୍ଧି ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ଗତ କିଛି ଦିନ ହେବ ପେଟ୍ରୋଲ ଦରରେ ଲଗାତାର ବୃଦ୍ଧି ପାଇଛି । ଗାଡି ବାହାର କରିବା ପୂର୍ବରୁ ଲୋକେ ଚିନ୍ତା କରୁଛନ୍ତି । ଏପରିକି ପେଟ୍ରୋଲ ପାଇଁ ପକେଟ ଫାଙ୍କା ହୋଇଯାଉଥିବା କହିଛନ୍ତି ଲୋକେ ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୪୬ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୪୫ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୪୧୦୯ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୯ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ପୁରୀ ଓ ନୟାଗଡ ଓ ସୁନ୍ଦରଗଡ ଜିଲ୍ଲାରେ ୪ ଜଣ ଲେଖାଏଁ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ଢେଙ୍କାନାଳ, କଟକ, ଗଂଜାମ ଓ ସମ୍ବଲପୁର, କେନ୍ଦ୍ରାପଡା ଜିଲ୍ଲାରେ ୩-୩ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ଅନୁଗୁଳ, ବାଲେଶ୍ୱର, ବରଗଡ. ଜଗତସିଂହପୁର, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୁରଭଂଜ ଓ ସୁବର୍ଣ୍ଣପୁର ଜିଲ୍ଲାରେ ୧-୧ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।

## ରାଜ୍ୟକୁ ଆସିଲା ୯ ଲକ୍ଷ ୪୩ ହଜାର ୯୩୦ କୋଭିସିଲ୍ଡ ଟିକା




ଭୁବନେଶ୍ୱର,୦୨/୦୭(ନି.ପ୍ର): ରାଜ୍ୟକୁ ଆସିଲା ଆଉ ୯ ଲକ୍ଷ ୪୩ ହଜାର ୯୩୦ କୋଭିସିଲ୍ଡ ଟିକା । ଭୁବନେଶ୍ୱରରେ ଏହି କୋଭିସିଲ୍ଡ ଟିକା ଆସି ପହଞ୍ଚିଛି । ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ଗତକାଲି ୧ ଲକ୍ଷ ଟିକା ଆସି ଭୁବନେଶ୍ୱରରେ ପହଞ୍ଚିଥିଲା । ତେବେ ଟିକା ଆସିବା ପରେ ପୁଣି ରାଜ୍ୟରେ ଆରମ୍ଭ ହେବ ଟିକାକରଣ । ଗତକାଲି ରାଜ୍ୟକୁ କୋଭାକ୍ସିନ ଟିକା ମଧ ଆସି ପହଞ୍ଚିଛି । ଟିକା ଅଭାବରୁ ଗତ ଦୁଇ ଦିନ ହେବ ରାଜ୍ୟରେ ଟିକାକରଣ ବନ୍ଦ ରହିଥିଲା । ବର୍ତ୍ତମାନ ରାଜ୍ୟରେ କୋଭିସିଲ୍ଡ ଓ କୋଭାକ୍ସିନ ଟିକା ଆସି ପହଞ୍ଚିବା ପରେ ଏବେ ପୁଣି ଟିକାକରଣ ଆରମ୍ଭ ହେବ ।

## ଟିକାକୁ ନେଇ ଟ୍ୱିଟରରେ ମୁହାଁମୁହିଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଓ ରାହୁଲ ଗାନ୍ଧୀ



ରାହୁଲ ପଚାରିଲେ ଜୁଲାଇ ଆସିଲା, ଟିକା କାହିଁ, ହର୍ଷବର୍ଦ୍ଧନ କହିଲେ ଅହଙ୍କାରୀ ଭୂତାଣୁ ପାଇଁ ନାହିଁ ଟିକା

ନୂଆଦିଲ୍ଲୀ,୦୨/୦୭: ଟ୍ୱିଟରେ ମୁହାଁମୁହିଁ ହେଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀ । କୋଭିଡ୍-୧୯ ଟିକାକୁ ନେଇ ଟ୍ୱିଟରେ ପରସ୍ପରକୁ କଲେ ସମାଲୋଚନା । ରାହୁଲ ଗାନ୍ଧୀଙ୍କୁ ସାମାଲୋଚନା କରି ହର୍ଷବର୍ଦ୍ଧନ ଟ୍ୱିଟ୍ କରିଛନ୍ତି ଯେ, ଅହଙ୍କାରି ଆଉ ଅଜ୍ଞାନୀଙ୍କ ପାଇଁ କୌଣସି ଟିକା ନାହିଁ । କରୋନା ଟିକାକୁ ନେଇ ରାହୁଲ-ହର୍ଷବର୍ଦ୍ଧନ ମୁହାଁମୁହିଁ । ରାହୁଲଙ୍କୁ ଅହଙ୍କାରୀ କହିଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ । କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଟିକା ଉପରେ କରାଯାଉଥିବା ପ୍ରଶ୍ନର କିଛି ଏପରି ଉତ୍ତର ରଖିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ । ଟ୍ୱିଟ୍ କରି ସେ ଲେଖିଛନ୍ତି – "ମୁଁ ଜୁଲାଇ ମାସର ଟିକା ନେଇ ଟ୍ୱିଟ୍ କରିଆରେ ତଥ୍ୟ ଦେଇଥିଲି । ରାହୁଲ ଗାନ୍ଧୀଜିଙ୍କ କଣ ସମସ୍ୟା ଅଛି, ସେ କଣ ପଢି ପାରନ୍ତି ନାହିଁ, ନା ବୁଝି ପାରନ୍ତି ନାହିଁ । ଗର୍ବ ଆଉ ଅଜ୍ଞାନିଙ୍କ ପାଇଁ କୌଣସି ଟିକା ନାହିଁ ।" ଟ୍ୱିଟ୍ କରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ରାହୁଲ ଗାନ୍ଧୀଙ୍କୁ ଅହଙ୍କାରୀ ବୋଲି କହି ଦେଇଛନ୍ତି । ରାହୁଲ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଟିପ୍ପଣୀ କରି ଟ୍ୱିଟ୍ କରିଥିଲେ, ଜୁଲାଇ ଆସିଗଲାଣି ହେଲେ ଭାକ୍ସିନ୍ ଆସିଲା ନାହିଁ । ରାହୁଲ ଗାନ୍ଧୀଙ୍କ ଟିପ୍ପଣୀର କଡ଼୍ା ଜବାବ ରଖିଛି ବିଜେପି । କେନ୍ଦ୍ରର ମହାଟୀକାକରଣ ଅଭିଯାନ ଉପରେ କଂଗ୍ରେସ ବାରମ୍ବାର ଅଭିଯୋଗ କରିଆସୁଛି ଯେ, ଦେଶରେ ପର୍ଯ୍ୟାପ୍ତ ପରିମାଣର ଟିକା ନାହିଁ ଆଉ ଲୋକେ ଟିକା ନେବାରୁ ବଂଚିତ ହେଉଛନ୍ତି । ରାହୁଲ ଗାନ୍ଧୀ ବାରମ୍ବାର ଟ୍ୱିଟ୍ କରି କେନ୍ଦ୍ର ସରକାରକୁ ଦାୟୀ କରି ଆସୁଛନ୍ତି ।

## ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କୋଲକାତା ହାଇକୋର୍ଟଙ୍କ ଝଟକା

### ନିର୍ବାଚନ ପରେ ହୋଇଥିବା ସମସ୍ତ ହିଂସା ବିରୋଧରେ ଏଫଆଇଆର ରୁଜୁ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ



ପଶ୍ଚିମବଙ୍ଗ,୦୨/୦୭(ନି.ପ୍ର): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କୋଲକାତା ହାଇକୋର୍ଟଙ୍କ ଝଟକା । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ରାଜ୍ୟରେ ହୋଇଥିବା ସମସ୍ତ ହିଂସା ବିରୋଧରେ ଏଫଆଇଆର ରୁଜୁ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ଏଥିସହ ହିଂସାରେ ପ୍ରଭାବିତ ପୀଡିତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ଓ ରାସନ ଖର୍ଚ୍ଚ ମମତା ସରକାର ଯୋଗାଇବାକୁ କୋର୍ଟ କହିଛନ୍ତି । ଅନ୍ୟପଟେ ଏନଏଚଆରସି ଟିମର ତଦନ୍ତ ଅବଧିକୁ ବୃଦ୍ଧି କରି କୋର୍ଟ ଏହାକୁ ଜୁଲାଇ ୧୩ ପର୍ଯ୍ୟନ୍ତ ଜାରି ରଖିବାକୁ କହିଛନ୍ତି । ଜୁଲାଇ ୧୩ରେ ହେବ ମାମଲାର ଆଗାମୀ ଶୁଣାଣୀ । ହିଂସା ମାମଲାର ସମସ୍ତ ଦସ୍ତାବିଜ ସୁରକ୍ଷିତ ରଖିବା ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ହିଂସାର ଶିକାର ହୋଇ ଅନେକ ଲୋକ ଅନ୍ୟରାଜ୍ୟକୁ ପଳାଇଛନ୍ତି ଓ ପ୍ରାଣ ଭୟରେ ଫେରିବାକୁ ଚାହୁଁନଥିବା ଅଭିଯୋଗ ହୋଇଥିଲା । ଏହାକୁ ଏନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା । ହିଂସା ମାମଲାର ତଦନ୍ତ କରିବା ପାଇଁ କୋର୍ଟ ଜାତୀୟ ମାନବାଧିକାର କମିଶନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି ।

## ଭିକାରୀମୁକ୍ତ ହେବ ରାଜଧାନୀ



ଭୁବନେଶ୍ୱର,୦୨/୦୭ (ନି.ପ୍ର): ଭୁବନେଶ୍ୱରକୁ ଭିକାରୀମୁକ୍ତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । ବିଏମ୍‌ସି, କମିଶନରେଟ ପୋଲିସ୍ ଓ ୩ଟି ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଏଥିପାଇଁ ଏକ ବିରାଟ ଅଭିଯାନ ଆରମ୍ଭ ହୋଇଛି । ଭୁବନେଶ୍ୱରର ୬୧ଟି ଓ୍ୱାର୍ଡର ଗଳିକନ୍ଦିରୁ ଭିକ୍ଷାବୃତି କରୁଥିବା ବ୍ୟକ୍ତିମାନଙ୍କୁ ଥଇଥାନ କରିବାକୁ ଯୋଜନା ରଖାଯାଇଛି । ଏହି କ୍ରମରେ ଶୁକ୍ରବାର ଦିନ ଜନପଥ, ୟୁନିଟ -୧, ୟୁନିଟ -୨ ମାର୍କେଟ ଅଂଚଳରେ ଅଭିଯାନ ଚାଲିଛି । ରାଜଧାନୀର ସବୁ ଗଳି କନ୍ଦିରୁ ଭିକାରିମାନଙ୍କୁ ଉଦ୍ଧାର କରି ବିଭିନ୍ନ ଥଇଥାନ କେନ୍ଦ୍ରରେ ରଖାଯାଉଛି । ଏନେଇ ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି, ଭୁବନେଶ୍ୱରକୁ ଭିକାରୀମୁକ୍ତ କରିବାକୁ ଚେଷ୍ଟା ଆରମ୍ଭ ହୋଇଛି । ସେମାନଙ୍କୁ ଉଦ୍ଧାର କରି ବିଭିନ୍ନ ସରକାରୀ ପରିଚାଳିତ ଅନୁଷ୍ଠାନରେ ରଖାଯାଉଛି । ୨୦୦ ପାଖାପାଖି ଭିକାରୀଙ୍କୁ ▶▶ପୃଷ୍ଠା ୭

## ୨୩ ଜିଲ୍ଲାରେ ବର୍ଷାର ପୂର୍ବାନୁମାନ କଲା ପାଣିପାଗ ବିଭାଗ



ଭୁବନେଶ୍ୱର,୦୨/୦୭(ନି.ପ୍ର): ଆଗାମୀ ୨୪ ଘଣ୍ଟାରେ ୨୩ ଜିଲ୍ଲାରେ ବର୍ଷାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜରେ ବର୍ଷାର ପୂର୍ବାନୁମାନ ହୋଇଛି । ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, ସୋନପୁର, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଏବଂ କଳାହାଣ୍ଡିରେ ଆଗାମୀ ୨୪ ଘଣ୍ଟାରେ ବର୍ଷା ହୋଇପାରେ । ଏସବୁ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି । ଗତ ମାସକ ଭିତରେ ରାଜ୍ୟରେ ସ୍ୱାଭାବିକ ଠାରୁ ୧୮ ପ୍ରତିଶତ କମ୍ ବର୍ଷା ହୋଇଛି । ବିଶେଷକରି ଭଦ୍ରକ, ଗଜପତି, କେନ୍ଦୁଝର, ଯାଜପୁର ଓ ଗଞ୍ଜାମରେ ସବୁଠୁ କମ୍ ବର୍ଷା ହୋଇଛି । ଭଦ୍ରକରେ ୫୪ ପ୍ରତିଶତ, ଗଜପତି ୪୯ ପ୍ରତିଶତ, କେନ୍ଦୁଝର ୪୪ ପ୍ରତିଶତ, ଯାଜପୁର ୪୩ ପ୍ରତିଶତ ଓ ଗଞ୍ଜାମରେ ୪୨ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି ।

# ଫାଇଲେରିଆ ରୋଗର କାରଣ ଓ ନିରାକରଣ



ଭାଗିରଥୀ ସ୍ୱାଇଁ

ଫାଇଲେରିଆ ଗୋଟିଏ ପରଜୀବୀ ଜନିତ ରୋଗ। ଏହି ରୋଗର ପରଜୀବୀ (ପାରାସାଇଟ୍) ରୋଗୀ ଦେହରୁ ମଶା ଦ୍ୱାରା ସୁସ୍ଥ ଲୋକ ଶରୀରରେ ପ୍ରବେଶ କରି ପ୍ରଦାହ କରେ ଓ ରୋଗର ନିଦାନ ସୃଷ୍ଟି କରେ। ଏହି ତଥ୍ୟ ମହାନ୍ ବୈଜ୍ଞାନିକ ତଥା ଡାକ୍ତର 'ମାନ୍‌ସନ୍'ଙ୍କ ଦ୍ୱାରା ୧୮୮୦ ମସିହାରେ ପ୍ରମାଣିତ ହୋଇଥିଲା। ଏହା ପୂର୍ବରୁ ଏହି ରୋଗ ଜଳ ମାଧ୍ୟମରେ ପୋଖରୀରେ ଗାଧୋଇବା ସମୟରେ ସଂକ୍ରମିତ ହୁଏ ବୋଲି କୁହାଯାଉଥିଲା। ଏହାର ଜୀବାଣୁ ସଂକ୍ରମିତ ହେବା ପାଇଁ ମଶାର ଆବଶ୍ୟକତା ରହିଛି। ମଶା ଦେହରେ ପ୍ରବେଶ କରିବାର ୧୨ ଦିନ ପରେ ପରିପକ୍ୱ ହୋଇ ମଶା କାମୁଡ଼ିବା ଦ୍ୱାରା ସୁସ୍ଥ ଲୋକ ଦେହରେ ପ୍ରବେଶ କରେ। ତେଣୁ ମଶାର ପ୍ରାଦୁର୍ଭାବ ଓ ରୋଗ ସଂକ୍ରମଣ ପରସ୍ପର ପରିପୂରକ। ଯେଉଁ ସ୍ଥାନମାନଙ୍କରେ ପରିବେଶ ଅପରିଷ୍କାର, ପାଣି ଜମି ରହେ, ଜଳ ନିଷ୍କାସନର ବ୍ୟବସ୍ଥା ନଥାଏ, ସେହି ଅଞ୍ଚଳରେ ଏହି ରୋଗ ବେଶି ପରମାଣରେ ଦେଖିବାକୁ ମିଳେ। ମଶାମାନେ ୨୫ ଡ଼ିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ଅଧିକ ଉତ୍ତାପରେ ମରିଯାଆନ୍ତି। ତେଣୁ ଖରାଦିନେ ମଶାର ସଂଖ୍ୟା କମିଯାଏ। ଏହି ଫାଇଲେରିଆ ମଶାମାନେ ଦିନରେ ଅନ୍ଧାରିଆ ସ୍ଥାନରେ ଲୁଚି ରହନ୍ତି। ସନ୍ଧ୍ୟାହେଲେ ବାହାରକୁ ଆସି କାମୁଡ଼ନ୍ତି। ଦିନସାରା ଅନ୍ଧାରିଆ ସ୍ଥାନରେ ଲୁଚି ରହନ୍ତି। ସନ୍ଧ୍ୟା ହେଲେ ବାହାରକୁ ଆସି କାମୁଡ଼ନ୍ତି। ଦିନସାରା ସେମାନେ ଭୋକିଲା ଥାଆନ୍ତି। ରାତିରେ ଖାଦ୍ୟ ଅନ୍ୱେଷଣରେ ଘୁରିବୁଲନ୍ତି। ସୁଯୋଗ ପାଇଲେ ମଣିଷ ରକ୍ତ ଖାଆନ୍ତି। ଫାଇଲେରିଆ ରୋଗର ଶିଶୁ ପରଜୀବୀମାନଙ୍କୁ ଶରୀର ଭିତରକୁ ଛାଡ଼ି ଦିଅନ୍ତି। ମଣିଷ ଶରୀରରେ ଛଅ ମାସ ରହିବା ପରେ ପରେ ସେମାନେ ବୟସ୍କ ପରଜୀବୀ ହୁଅନ୍ତି। ମଣିଷ ଶରୀରରେ ଛଅମାସ ରହିବା ପରେ ସେମାନେ ବୟସ୍କ ପରଜୀବୀ ହୁଅନ୍ତି। ଏହି ବୟସ୍କ ପରଜୀବୀ (ପୁରୁଷ ଓ ସ୍ତ୍ରୀ) ପରସ୍ପରକୁ ଆଲିଙ୍ଗନ କରି ଲସିକା ଗ୍ରନ୍ଥି ଓ ନଳୀ ମଧ୍ୟରେ ୧୦-୧୨ ବର୍ଷ ପର୍ଯ୍ୟନ୍ତ ବଞ୍ଚିରହନ୍ତି। ସେମାନେ ଲକ୍ଷ ଲକ୍ଷ ପରଜୀବୀଙ୍କୁ ଜନ୍ମ ଦିଅନ୍ତି। ସେହି ଶିଶୁ ପରଜୀବୀମାନେ ୧୨୦ ଦିନ ପର୍ଯ୍ୟନ୍ତ ମଣିଷ ରକ୍ତରେ ରାତିରେ ଘୁରିବୁଲନ୍ତି। ଦିନରେ ଫୁସ୍‌ଫୁସ୍ ଏବଂ ଲସିକା ଗ୍ରନ୍ଥି ମଧ୍ୟରେ ଲୁଚି ରହନ୍ତି। ସନ୍ଧ୍ୟା ସମୟରେ ମଶାମାନେ କାମୁଡ଼ିବା ଦ୍ୱାରା ଏହି ଶିଶୁ ପରଜୀବୀମାନେ ମଶା ଦେହକୁ ପ୍ରବେଶ କରନ୍ତି। ଏହିପରି ତାଙ୍କର ଜୀବନ ଚକ ସମ୍ପୂର୍ଣ୍ଣ ହୁଏ। ତେଣୁ ଫାଇଲେରିଆ ରୋଗର ସୃଷ୍ଟି ପାଇଁ ମଶାର ଆବଶ୍ୟକତା ଅନିବାର୍ଯ୍ୟ। ଏହି ରୋଗ ବଂଶଗତ ନୁହେଁ କିନ୍ ମାଧ୍ୟମରେ ଏହା ପିତାମାତାଙ୍କ ଠାରୁ ପିଲାମାନଙ୍କ ଶରୀରକୁ ଯାଏ ନାହିଁ; କିନ୍ତୁ ଗୋଟିଏ ପରିବାର ଅନେକ ବ୍ୟକ୍ତି ଏହି ରୋଗର ଶିକାର ହୁଅନ୍ତି। ଏହି ମଶାମାନେ ଘର ଅନ୍ଧାରୁଆ ସ୍ଥାନରେ ଲୁଚି ରହନ୍ତି। ଏମାନେ ମାଇ ମଶା। ମଣିଷ ରକ୍ତ ଖାଇ ବଞ୍ଚନ୍ତି। ଜଣକଠାରୁ ଅନ୍ୟ ଜଣକୁ ରୋଗ ସଂକ୍ରମଣ କରନ୍ତି। କେବଳ ଘର ଭିତରେଏମାନେ ରହୁଥିବାରୁ ପରିବାର ମଧ୍ୟରେ ରୋଗ ବିସ୍ତାର କରିବାରେ ସାହାଯ୍ୟ କରେ। ପୁରୁଷ ମଶା ରକ୍ତ ନ ଖାଇଗଛର କଅଁଳିଆ ପତ୍ର ଖାଏ। ସେ ଏହି ରୋଗର ବାହକ ନୁହେଁ।

ଫାଇଲେରିଆର ନିଦାନ ବିଷୟରେ ଅନେକ ତଥ୍ୟ ରହିଛି। ଏହାକୁ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ମହାନ ଚିକିତ୍ସକ ଶୁଶ୍ରୁତ ଶ୍ଳୀପଦ ବୋଲି ଆଖ୍ୟା ଦେଇଥିଲେ। କାରଣ ଏହି ରୋଗରେ ପାଦ ଫୁଲି ପଥରପରି ଟାଣ ହୋଇଯାଏ। ବହୁ ପୂର୍ବରୁ ଏହି ବିକୃତ ପାଦ କୁଷ୍ଠ ରୋଗର କାରଣ ବୋଲି କୁହାଯାଉଥିଲା। ସେଥିପାଇଁ ସେହି ରୋଗୀମାନଙ୍କୁ ଗ୍ରୀସ୍ ଦେଶରେ ଗୀର୍ଜା ଭିତରକୁ ପ୍ରବେଶ ମନା ଥିଲା। ଏହି ରୋଗର ଲକ୍ଷଣଗୁଡ଼ିକ ହେଉଛି ହାତ ଓ ପାଦ ଫୁଲିବା, ହାଇଡ୍ରୋସିଲ୍ ବା ଅଣ୍ଡକୋଷ ବୃଦ୍ଧି, ଶୁକ୍ରବାହୀ ନଳୀର ପ୍ରଦାହ ହୋଇ ସଂକୋଚନ ହେବା, ସ୍ତ୍ରୀ ଲୋକମାନଙ୍କର ସ୍ତନବୃଦ୍ଧି, ଧଳା ଓ ରକ୍ତ ପରିସ୍ରା, ଛାତିରେ ଯନ୍ତ୍ରଣା, ନିଃଶ୍ୱାସ ନେବାରେ କଷ୍ଟ ଓ ସବୁବେଳେ ଥଣ୍ଡା ଲାଗିରହିବା ଇତ୍ୟାଦି। କେତେକ ରୋଗୀଙ୍କର ଛାତିରେ ଯନ୍ତ୍ରଣା ହୁଏ। ନିଃଶ୍ୱାସ ନେବାରେ କଷ୍ଟ ହୁଏ। ସେମାନେ ହାର୍ଟ ଆଟାକ ଭାବି ହୃଦ୍‌ରୋଗ ବିଶାରଦଙ୍କ ପାଖକୁ ଚିକିତ୍ସା ପାଇଁ ଯାଆନ୍ତି। ଡ଼ାକ୍ତର ଇ.ସି.ଜି. କରିବା ପରେ ହାର୍ଟର କୌଣସି ଦୋଷ ପାଆନ୍ତି ନାହିଁ। ରକ୍ତ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦିଅନ୍ତି। ରକ୍ତ ପରୀକ୍ଷାରୁ ଦେଖାଯାଏ ଯେ, ଇସୋନୋଫିଲ୍ ସଂଖ୍ୟା ବହୁ ପରିମାଣରେ ବଢ଼ିଯାଇଥାଏ। ଏହା ଫାଇଲେରିଆର କାରଣ। ଡି.ଇ.ସି. ବଟିକା ବ୍ୟବହାର କଲେ ରୋଗୀ ଆରୋଗ୍ୟ ହୁଏ। କେତେକ ରୋଗୀଙ୍କର ସବୁବେଳେ ଥଣ୍ଡା ଓ କାଶ ଲାଗି ରହେ। ଜୀବାଣୁଜନିତ ରୋଗ ଭାବି ଆଣ୍ଟିବାୟୋଟିକ୍ ଖାଆନ୍ତି; କିନ୍ତୁ ଉପଶମ ପାଆନ୍ତି ନାହିଁ। ରକ୍ତ ଭିତରେ ଶିଶୁ ପରଜୀବୀମାନେ ରହିଥିବାରୁ ନିଃଶ୍ୱାସ ନେବାରେ କଷ୍ଟ ହୁଏ। ଡି.ଇ.ସି. ଔଷଧ ଖାଇଲେ ରୋଗ ଭଲ ହୁଏ। ରକ୍ତ ପରିସ୍ରା ଓ ଦୁଧ ପରି ଧଳା ପରିଶ୍ରା ଫାଇଲେରିଆ ଲସିକା ଦେଖିବାକୁ ଦୁଧପରି। ଏହାକୁ କାଇଲ୍ କୁହନ୍ତି। ପରିସ୍ରା ପରୀକ୍ଷା କଲେ କାଇଲ୍ ଜଣାପଡ଼େ। ଏହା ମଧ୍ୟରେ ଶିଶୁ ପରଜୀବୀମାନେ ରହିଥାଆନ୍ତି। ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିଲେ ମାଛ ଯାଆଁଳ ପରି ଘୁରି ବୁଲିଥାଆନ୍ତି। ପାଦ ଓ ହାତ ଫୁଲେ। ଏହି ଅଙ୍ଗକୁ ଆସିଥିବା ଲସିକା ନଳୀ ଭିତରେ ବୟସ୍କ ପରଜୀବୀ ଗୁଡ଼େଇ ହୋଇ ରହିଥାଆନ୍ତି। ଫଳରେ ଲସିକା ପ୍ରବାହରେ ବ୍ୟାଘାତ ଘଟେ। ଏହି ପରିଜୀବୀମାନଙ୍କ ଦେହରୁ ଏକ ରାସାୟନିକ ପାଣି ନିର୍ଗତ ହୁଏ। ଏହା ଲସିକା ନଳୀର ପ୍ରବାହ କରେ। ଥରକୁ ଥର ପ୍ରବାହ ହୋଇ ଭିତର ବାଟ ସଙ୍କୁଚିତ ହୋଇଯାଏ। ହାତ ଓ ଗୋଡ଼ରେ ଲମ୍ବା ହୋଇ ଶିର ମୋଟା ହୋଇଯାଏ। ନାଳିପଡ଼େ ଓ କୁଣ୍ଡେଇ ହୁଏ। ସାମାନ୍ୟ ଫୁଲେ। ଏହି ଲକ୍ଷଣଗୁଡ଼ିକ ରୋଗର ପ୍ରଥମ ଅବସ୍ଥାରେ ଦେଖାଯାଏ। ଉପଯୁକ୍ତ ଚିକିତ୍ସା ନ କଲେ ଭଲ ହୁଏ ନାହିଁ। ପ୍ରଥମ ଅବସ୍ଥାରେ ଚିକିତ୍ସା କଲେ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୁଏ। କିଛି ଔଷଧ ନ ଖାଇଲେ ମଧ ଏହା ଆପେ ଆପେ କମିଯାଏ। ପୁଣି କିଛି ବ୍ୟବଧାନ ପରେ ଏହାର ଲକ୍ଷଣ ପ୍ରକାଶ ପାଏ; କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ ହେବାର ଆଉ ସମ୍ଭାବନା ନଥାଏ। ଲସିକା ନଳୀରେ ବାରମ୍ବାର ପ୍ରବାହ ହେବା ଫଳରେ ଏହାର ଭିତର ବାଟ ସରୁ ହୋଇଯାଏ। ଲସିକା ପ୍ରବାହ ବାଧାପ୍ରାପ୍ତ ହୁଏ। ଗୋଡ଼ କିମ୍ବା ହାତ ଫୁଲିଯାଏ। ପାଣି ନିର୍ଗତ ହୁଏ। ଚର୍ମରେ ଫୋଟକା ବାହାରେ। ଅତିଶୟ ଯନ୍ତ୍ରଣା ହୁଏ ଫୋଟକା ଫାଟି ସବୁବେଳେ ପାଣି ଝରେ। ହାଇଡ୍ରୋସିଲ୍ ଚର୍ମରୁ ମଧ ସେହିପରି ପାଣି ବାହାରେ। ଲାଲ ପଡ଼ିଯାଏ। ଏହି ସବୁ ନିଦାନର କାରଣ ହେଉଛି ପୂଜ ତିଆରି କରୁଥିବା ଜୀବାଣୁ। ଉପଯୁକ୍ତ ଆଣ୍ଟିବାୟୋଟିକ୍ ପୂର୍ଣ୍ଣ ମାତ୍ରାରେ ଇଂଜେକ୍ସନ ନେଲେ ୮-୧୦ ଦିନ ପରେ ପାଣି ବାହାରିବା ବନ୍ଦ ହୋଇଯାଏ। ଫୁଲା ଓ ଲାଲ କମିଯାଏ। ଯନ୍ତ୍ରଣା ଚାଲିଥାଏ। ଶେଷରେ ପୁରୁଣା ଚମ କାତି ଛାଡ଼ିଲା ପରି ବାହାରିଥାଏ ଓ ନୂଆ ଚମ ଦେଖାଯାଏ। ଏହି ସମୟରେ ଉପଯୁକ୍ତ ଚିକିତ୍ସା ନ କଲେ ଗୋଡ଼ର ସବୁଦିନ ପାଇଁ ଫୁଲା ରହିଯାଏ।

ଯୁବକ ଅବସ୍ଥାରେ କେତେକ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହେଇ ସନ୍ତାନକ୍ଷମ ହୋଇପାରନ୍ତି ନାହିଁ। ଶୁକ୍ରବାହୀ ନଳୀ ଭିତର ବାଟ ସଂକୁଚିତ ହୋଇଯାଏ। ଫଳରେ ଅଣ୍ଡକୋଷରୁ ଶୁକ୍ରକୀଟ ନିର୍ଗତ ହୋଇପାରେ ନାହିଁ। ଏହା ଦାମ୍ପତ୍ୟ ଜୀବନରେ ଯବନିକା ଟାଣିଦିଏ। ଅବିବାହିତ ଝିଅର ଗୋଡ଼ କିମ୍ବା ହାତ ଫୁଲିଥିଲେ ବିବାହ କଷ୍ଟକର ହୋଇପଡ଼େ। ଏହା ଏକ ସାମାଜିକ କଳଙ୍କ ଝିଅ ପିତାମାତାଙ୍କର ବୋଝ ହୋଇପଡ଼େ।

ରୋଗ ଆରମ୍ଭ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା କଲେ ଏହି ବ୍ୟାଧିରୁ ରକ୍ଷା ମିଳେ। ତେଣୁ ସାମାଜିକ ସଚେତନତା ଆବଶ୍ୟକ। ରୋଗୀମାନଙ୍କର ପୂର୍ଣ୍ଣମୀ, ଅମାବାସ୍ୟା ଓ ସଂକ୍ରାନ୍ତି ବିପଦ ଘଣ୍ଟି। ଏହି ସମୟରେ କମ୍ପ ଓ ଜ୍ୱର ହୁଏ। ଗୋଡ଼ ହାତ ବିନ୍ଧା ହୁଏ। ଅଧିକ ଫୁଲା ହୁଏ। ମେଲେରିଆ ପରି ଲକ୍ଷଣ ପ୍ରକାଶ ପାଏ। ଉପଯୁକ୍ତ, ନିୟମିତ ଏବଂ ବହୁଦିନ ଚିକିତ୍ସାରେ ରହିଲେ ଏହି ସମସ୍ୟା ରହେ ନାହିଁ। ଶରୀରର ଓଜନ ଷାଠିଏ ପ୍ରତିଶତ ପାଣି। ପୂର୍ଣ୍ଣମୀ ଓ ଅମାବାସ୍ୟାରେ ଜୁଆର ଆସେ। ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ଏହି ଜୁଆର ସୃଷ୍ଟି କରେ। ସେହି ଶକ୍ତି ମନୁଷ୍ୟ ଶରୀରରେ ଥିବା ପାଣିକୁ ହଲାଇ ପକାଏ। ଫାଇଲେରିଆର ପରଜୀବୀ ଲସିକା ପାଣି ଭିତରେ ଶୋଇ ରହିଥାଆନ୍ତି। ଏମାନଙ୍କର ଲମ୍ବ ତିନି ଚାରି ଇଞ୍ଚ। ଛୋଟ ସାପ ପରି ଏମାନେ ଗୁଡ଼େଇ ହୋଇ ରହିଥାଆନ୍ତି। ଲସିକାରେ ଢ଼େଉ ସୃଷ୍ଟି ହେବାରୁ ଏହି ସୁପ୍ତ ପରଜୀବୀମାନେ ଉତ୍ତେଜିତ ହୋଇ ଉଠନ୍ତି। ସାପ ଉତ୍ତେଜିତ ହେଲେ ଗରଳ ନିର୍ଗତ କଲାପରି ଏମାନଙ୍କର ଦେହରୁ ଏକ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗତ ହୁଏ। ଏହା ଶରୀରରେ ପ୍ରବାହ ସୃଷ୍ଟି କରେ, ଜ୍ୱର ଆସେ, ବିନ୍ଧା ହୁଏ, କୁଣ୍ଡେଇ ହୁଏ ଏବଂ ଗୋଡ଼ ହାତ ଫୁଲେ। ତେଣୁ ଏହି ରୋଗର ପୂର୍ଣ୍ଣମୀ, ଅମାବାସ୍ୟା ସହିତ ସମ୍ପର୍କ ରହିଛି।

ଏହି ରୋଗରୁ ରକ୍ଷା ପାଇବାକୁ ହେଲେ ମଶାଠାରୁ ଦୂରେଇ ରହିବାକୁ ପଡ଼ିବ। ପରିବେଶ ପରିଷ୍କାର ରହିବା ଆବଶ୍ୟକ। ନାଳ ନର୍ଦ୍ଦମା ସଫା କରିବା ଉଚିତ୍। ରାତିରେ ମଶାରୀ ବ୍ୟବହାର ବିଧେୟ। ଘର ଚାରିପାଖରେ ପାଣି ଜମି ରହିଲେ ମଶାମାନେ ଅଣ୍ଡାଦେଇ ବଂଶବୃଦ୍ଧି କରିବେ। ଅନ୍ଧାରୁଆ ସ୍ଥାନରେ ମଶାମାନେ ଲୁଚି ରହନ୍ତି। କୀଟନାଶକ ଔଷଧ ସେହି ସ୍ଥାନରେ ସ୍ପ୍ରେ କରିବା ଉଚିତ୍। ସପ୍ତାହରେ ଥରେ ଗୋଟିଏ ଡି.ଇ.ସି. ବଟିକା ଖାଇଲେ ରକ୍ତରେ ଥିବା ଶିଶୁ ପରଜୀବୀମାନେ ମରିଯାଆନ୍ତି। ଏହି ରୋଗର ନିରାକରଣ ପାଇଁ ଗୋଟିଏ ଅଞ୍ଚଳର ପ୍ରତ୍ୟେକ ବ୍ୟକ୍ତି ୩ଟି ଡି.ଇ.ସି. ବଟିକା ଏକାଥରେ ଖାଇଲେ ରୋଗର ବାହକମାନଙ୍କ ରକ୍ତରୁ ଶିଶୁ ପରଜୀବୀମାନେ ମରିଯାଆନ୍ତି। ଫଳରେ ରୋଗର ସଂକ୍ରମଣ ପ୍ରାଦୁର୍ଭାବ ଦୂର ହୁଏ। ଏହି ପଦ୍ଧତି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ସ୍ୱିକୃତ। ଆୟୋଡ଼ାଇଜଡ଼୍ ଲୁଣ ପରି ଡି.ଇ.ସି. ମିଶ୍ରିତ ଲୁଣ ବ୍ୟବହାର କଲେ ସମାଜରୁ ଫାଇଲେରିଆ ନିରାକରଣ ହୋଇପାରି। ସେଥିପାଇଁ ସରକାରଙ୍କର ଓ ଜନସାଧାରଣଙ୍କର ସମୂହ ଆନ୍ତରିକ ଚେଷ୍ଟା ଆବଶ୍ୟକ।

+ମୋ-୯୪୩୮୦୪୦୮୭୧

## କେଶକୁ ଭଲ ରଖେ ଭେଣ୍ଡି

ଭେଣ୍ଡି ତରକାରି ଓ ଭେଣ୍ଡିଭଜା ଖାଇବାକୁ ସମସ୍ତେ ଭଲ ପାଇଥାନ୍ତି। ଗବେଷଣାରୁ ଜଣାପଡ଼ିଛି, ଭେଣ୍ଡିରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁଣ ଭରପୂର ମାତ୍ରାରେ ରହିଛି । ହେଲେ ଏହାକୁ ଖାଉଥିବା ଲୋକେ ଏନେଇ ସଚେତନ ନୁହଁନ୍ତି । ଆସନ୍ତୁ ଜାଣିବା ଭେଣ୍ଡି ଖାଇଲେ ଆମକୁ କ'ଣ ଫାଇଦା ମିଳିବ ।



♦ଭେଣ୍ଡି ଖାଇଲେ କେଶ ଲମ୍ବା ଓ ମୋଟା ରହିଥାଏ । ପ୍ରତିଦିନ ଭେଣ୍ଡି ଖାଇଲେ ମୁଣ୍ଡରୁ ରୁପି ସମସ୍ୟା ଦୂର ହୋଇଥାଏ । ଲେମ୍ବୁ ମିଶାଇ କେଶରେ ଲଗାନ୍ତୁ ଏହା କେଶ ପାଇଁ ଲାଭଦାୟକ ।


♦ଭେଣ୍ଡିରୁ ପ୍ରୋଟିନ, କ୍ୟାଲସିୟମ, ଫ୍ୟାଟ୍, କାର୍ବୋହାଇଡ୍ରେଡ୍ ମିଳିଥାଏ। ଏହା ଶରୀରପାଇଁ ଲାଭକାରୀ । ଏଥିରୁ ପୋଷକ ତତ୍ତ୍ୱ ମିଳିଥାଏ ।

♦ ଏହା ଓଜନ ହ୍ରାସ କରିବା ସହ ଶରୀରର ଫ୍ୟାଟ କମ କରିଥାଏ ।

♦ ଗବେଷଣାରୁ ଜଣାପଡ଼ିଛି, ଭେଣ୍ଡିରେ ଥିବା ତତ୍ତ୍ୱ କୋଲୋନ କ୍ୟାନସରର ବିଷାକ୍ତ ତତ୍ତ୍ୱକୁ ନଷ୍ଟ କରିଦେଇଥାଏ । ଭେଣ୍ଡି ଖାଇଲେ ମାରାତ୍ମକ କର୍କଟ ଭଳି ରୋଗ ହେବାର ସମ୍ଭାବନା କମ ରହିଥାଏ ।

♦ଭେଣ୍ଡିରୁ ଆଇରନ ମିଳିଥାଏ । ଏହା ଶରୀର ପାଇଁ ଲାଭଦାୟକ । ରକ୍ତରେ ହିମୋଗ୍ଲୋବିନ ତିଆରି କରିବାରେ ସାହାଯ୍ୟ କରିଥାଏ । ଫଳରେ ଏନୋମିଆ ହେବାର ସମ୍ଭାବନା କମ୍ ଥାଏ ।

## ଘରେ କୁକୁର ପୋଷିଲେ ହୃଦଘାତ ଆଶଙ୍କା କମ୍



କୁକୁର ପ୍ରେମୀମାନଙ୍କ ପାଇଁ ଖୁସି ଖବର ! ଘରେ କୁକୁର ପୋଷୁଥିବା ଲୋକମାନଙ୍କ ନିକଟରେ ହୃଦଘାତ ହେବାର ଆଶଙ୍କା କମ ରହିଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। କୁକୁର ପୋଷିବା ଦ୍ୱାରା ହୃଦଘାତ ଜନିତ ମୃତ୍ୟୁ ଆଶଙ୍କା ୨୨ ପ୍ରତିଶତ କମିଯାଇଥାଏ ବୋଲି 'ଆମେରିକା ହାର୍ଟ ଆସୋସିଏସ' ପକ୍ଷରୁ କରାଯାଇଥିବା ଏହି ଅଧ୍ୟୟନରେ ଦାବି କରାଯାଇଛି । କେବଳ ହୃଦ୍‌ଘାତ ନୁହେଁ କୁକୁର ପୋଷୁଥିବା ଲୋକମାନଙ୍କ ନିକଟରେ ହୃଦୟ ସମ୍ବଧିତ ଅନ୍ୟାନ୍ୟ ରୋଗ ହେବାର ଆଶଙ୍କା ମଧ କମ ରହିଥାଏ । ପୂର୍ବରୁ କରାଯାଇଥିବା ବିଭିନ୍ନ ଅଧ୍ୟୟନଗୁଡ଼ିକରେ ଏହା ଜଣା ପଡ଼ିଥିଲା ଯେ, କୁକୁର ପୋଷୁଥିବା ଲୋକମାନେ କମ ଉଚ୍ଚ ରକ୍ତଚାପର ଶିକାର ହୋଇଥାନ୍ତି। ସଦ୍ୟ କରାଯାଇଥିବା ଅଧ୍ୟୟନରୁ ମିଳିଥିବା ତଥ୍ୟାନୁଯାୟୀ, କୁକୁର ପୋଷିବା ଦ୍ୱାରା ଘରେ ସକାରାତ୍ମକ ପରିବେଶ ପରିବେଶ ସୃଷ୍ଟି ହୋଇଥାଏ । ଯାହା ମଣିଷର ମାନସିକ ସ୍ଥିତିକୁ ସ୍ଥିର ରଖିବାରେ ସହାୟକ ହୋଇଥାଏ ଫଳରେ ହୃଦୟ ସୁସ୍ଥ ରୁହେ । ଏହା ବ୍ୟତୀତ କୁକୁର ପୋଷୁଥିବା ଲୋକମାନେ କୁକୁରକୁ ବୁଲାଇବା ବାହାନାରେ ନିଜ ବ୍ୟସ୍ତ ଜୀବନରୁ ସମୟ କାଢ଼ିବାକୁ ବାଧ ହୁଅନ୍ତି । ଏହା ଏକ ପ୍ରକାର ଶାରୀରିକ ପରିଶ୍ରମ ହୋଇଥିବାରୁ କୁକୁରକୁ ପ୍ରତ୍ୟେକ ଦିନ ବୁଲାଇବା ବ୍ୟାୟାମ ଭଳି କାର୍ଯ୍ୟ କରିଥାଏ ।

## ଦେହକୁ ହିତ ପିଜୁଳି

ଓଡିଶା ସମେତ ଭାରତର ବହୁ ରାଜ୍ୟରେ ପିଜୁଳି ପ୍ରଚୁର ପରିମାଣରେ ଉତ୍ପାଦିତ ହୁଏ । ଏହା ଦେହ ପାଇଁ ଅତ୍ୟନ୍ତ ସ୍ୱାସ୍ଥ୍ୟକର । ଏଥିରେ ଥିବା ବିଭିନ୍ନ ପ୍ରକାର ଖଣିଜ ଓ ଜୀବସାର ଶରୀରକୁ ଶକ୍ତି ପ୍ରଦାନ କରିବା ସହ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୁଏ ।

**ଗୁଣ ଓ ଫାଇଦା**



୧. ଏଥିରେ ଥିବା ଭିଟାମିନ୍-ବି-୯ ଶରୀରର ପୋଷକ ଓ ଡିଏନଏକୁ ସୁସ୍ଥ ତଥା ସ୍ୱାଭାବିକ କରେ ।
୨. ପିଜୁଳିରୁ ପ୍ରଚୁର ପରିମାଣରେ ପୋଟାସିୟମ ମିଳେ ।
ହୃଦୟର ମାଂସପେଶୀକୁ ଦୃଢ କରିବାର କ୍ଷମତା ପୋଟାସିୟମର ରହିଛି ।
୩. ନିୟମିତ ପିଜୁଳି ଖାଇଲେ ଶର୍ଦ୍ଦି ଓ କାଶ ପରି ରୋଗ ପାଖ ମାଡେ ନାହିଁ ।
୪. ଏଥିରେ ଥିବା ଭିଟାମିନ-ଏ ଓ ଇ ଆଖି, କେଶ ଏବଂ ତ୍ୱଚାର ପୋଷଣ କରେ ।
୫. ପିଜୁଳିରେ ଥିବା ଲାଇକୋପିନ ନାମକ ' ଫାଇଟନ୍ୟୁଟ୍ରେଣ୍ଟ' କର୍କଟ ଓ ଟ୍ୟୁମର ହେବାର ଆଶଙ୍କା ଦୂର କରେ ।
୬. ଏଥିରେ ଥିବା ବିଟାକେରୋଟିନ୍ ନମକ ପୋଷକ ତତ୍ତ୍ୱ ସମ୍ବନ୍ଧିତ ରୋଗ ଦୂର କରିବାରେ ସହାୟକ ।
୭. ଫଳ ପରି ଏହି ଏହାର ପତ୍ର ମଧ ଉପକାରୀ । ଏହାକୁ ଚୋବାଇ ଖାଇଲେ, ମୁହଁର ସଂକ୍ରମଣ ଦୂର ହୁଏ ।
୮. ପିଜୁଳି ପତ୍ର ଶ୍ୱାସରୋଗୀଙ୍କ ପାଇଁ ଉପକାରୀ ।
୯. ପିଜୁଳି କୋଲେଷ୍ଟେରଲ ପରିମାଣକୁ ନିୟନ୍ତ୍ରଣ କରେ ।
୧୦. ପିଜୁଳି ରସ ମଧ ଦେହ ପାଇଁ ଉପକାରୀ ।

## କାଶ ଭଲକରେ ପାନ

ପାନକୁ ବିଭିନ୍ନ ଢଙ୍ଗରେ ଖିଆ ଯାଇଥାଏ । ଶୀତଦିନେ ଦେଖା ଯାଉଥିବା କିଛି ସାଧାରଣ ସମସ୍ୟାକୁ ଠିକ୍ କରିଥାଏ ଏହି ପାନ । ଆୟୁର୍ବେଦ ଅନୁଯାୟୀ, ପାନରେ ରହିଛି ଅନେକ ଔଷଧୀୟ ଗୁଣ । କାଶ ସମସ୍ୟା ଦେଖାଦେଲେ ପାନପତ୍ରକୁ ଏକ ଗ୍ଲାସ ପାଣିରେ ରଖି ଏହାକୁ ସିଝିଇ ପାଣିକୁ ୩ରୁ୪ ଥର ପିଇଲେ କାଶ ଠିକ୍ ହୋଇଥାଏ । ବ୍ରୋଙ୍କାଇଟିସ୍ ଦୂରଲାଗି ପାନ ସହ ମିଶ୍ରି ମିଶାଇ ସିଝାଇବା ପରେ ଏହି ପାଣିକୁ ପିଇଲେ ଏହି ସମସ୍ୟା ଠିକ୍ ହୋଇପାରେ ବୋଲି କୁହାଯାଏ । ଆଉ ଯେଉଁମାନଙ୍କ ଶରୀରରୁ ଦୁର୍ଗନ୍ଧ ବାହାରୁଛି ସେମାନେ ନିୟମିତ ପାନ ସିଝା ପାଣି ପିଇବା ଭଲ ।

## ଚା'ର ପ୍ରଭାବ



ଅଧିକ ପରିମାଣରେ ଚା' ଓ କଫି ପିଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ ନୁହେଁ ବୋଲି ବିଶେଷଜ୍ଞଙ୍କ ମତ। ଖାଲିପେଟରେ ଚା ପିଇଲେ ତାହା ଆମ ପାଚନ କ୍ରିୟା ଉପରେ କୁପ୍ରଭାବ ପକାଇଥାଏ । ନିକଟରେ କିନ୍ତୁ ସିଙ୍ଗାପୁର ବିଶ୍ୱବିଦ୍ୟାଳୟର ପ୍ରାଧାପକ ଫେଙ୍ଗଲୁଇ ନିଜ ସହଯୋଗୀଙ୍କ ସହ ଏକ ଗବେଷଣାର ଫଳାଫଳ ଘୋଷଣା କରିଛନ୍ତି । ୨୦୧୫-୨୦୧୮ ପର୍ଯ୍ୟନ୍ତ ଅନୁଧ୍ୟାନ ଚାଲିଥିବାବେଳେ ଏଥିରେ ବୟସ୍କ ପିଢ଼ି ସାମିଲ ହୋଇଥିଲେ । ମୋଟ ୩୬ଜଣ ଲୋକଙ୍କୁ ନିଆଯାଇ ଏମାନଙ୍କ ଗତିବିଧିକୁ ଅନୁଧ୍ୟାନ କରାଯାଇଥିଲା । ଏଇ ବର୍ଗର ଲୋକ ପ୍ରତ୍ୟହ ନାଲି ଚା, କଳା ଚା', ଓ ଖିର ଚା ପିଉଥିଲେ । ଚା' ପିଇବା ଦ୍ୱାରା ଏମାନେ ଫୂର୍ତ୍ତି ଅନୁଭବ କରୁଥିବାର ଦେଖାଯାଇଥିଲା । ସକାଳ ଜଳଖିଆ ଓ ସନ୍ଧ୍ୟାବେଳେ ପ୍ରତ୍ୟହ ଚା ପିଇବା ସହ ଏହା ସହ ବିସ୍କୁଟ ମଧ ଖାଇଥାନ୍ତି । ଗୋଟିଏ ଦିନ ଚା ନ ପିଇଲେ ସେମାନେ ଚିଡ଼ଚିଡ଼ା ହେବା ସହ ଦିନର ଅନ୍ୟ ସମୟରେ ମଧ ଭଲ ଭାବେ ଖାଉନଥିବାର ଦେଖାଯାଇଥିଲା । ଏଣୁ ବିଶେଷଜ୍ଞଙ୍କ ମତରେ ଦିନକୁ ଅନ୍ତତଃ ଥରୁଟିଏ ଜଣେ ବ୍ୟକ୍ତି ଚା' ପିଇବା ଆବଶ୍ୟକ ।

## ସ୍ୱାସ୍ଥ୍ୟ ମନ୍ତ୍ର

ଉପବାସ ରହିଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢେ । କ୍ରମାଗତ ଭାବେ ତିନି ଦିନ ଉପବାସ ରହିଲେ, ଶରୀରରେ ନୂତନ ଶ୍ୱେତ ରକ୍ତ କଣିକା ସୃଷ୍ଟି ହୁଏ । ଶ୍ୱେତ ରକ୍ତ କଣିକାଗୁଡିକ ପ୍ରାକୃତିକ ଭାବେ ଜୀବାଣୁ, ଭୂତାଣୁ ଆଦିକୁ ନଷ୍ଟ କରିଥାଆନ୍ତି । ବୟସ ବୃଦ୍ଧି ଓ ଅନ୍ୟାନ୍ୟ କାରଣରୁ ଏମାନଙ୍କ ସଂଖ୍ୟା ହ୍ରାସ ପାଏ । ତେଣୁ, ନୂତନ ଶ୍ୱେତ ରକ୍ତ କଣିକା ସୃଷ୍ଟି ପାଇଁ ସମସ୍ତେ ଉପବାସ ପାଳନ କରିବା ଉଚିତ । କର୍କଟ ଭଳି ମାରାତ୍ମକ ବ୍ୟାଧି ଭୋଗୁଥିବା ରୋଗୀ ମଧ୍ୟ ଏହା ଦ୍ୱାରା ବିଶେଷ ଭାବେ ଉପକୃତ ହୋଇପାରିବେ । ବାର୍ଦ୍ଧକ୍ୟ ଆସିବା ପରେ ସମସ୍ତେ ଉପବାସକୁ ପ୍ରାଧାନ୍ୟ ଦେବା ଉଚିତ । ପ୍ରାଚୀନ ଭାରତୀୟ ଚିକିତ୍ସା ବିଜ୍ଞାନରେ ଉପବାସର ଲାଭ କଥା ବର୍ଣ୍ଣିତ । ଏବେ ଆଧୁନିକ ଭେଷଜ ବିଜ୍ଞାନୀମାନେ ମଧ୍ୟ ଏହା ମାନୁଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ମଣିଷ ତଥା ଅନ୍ୟ ପ୍ରାଣିଙ୍କ ଖାଦ୍ୟାଭ୍ୟାସ ଆଦି ଉପରେ ଗବେଷଣା କରି ଉପବାସର ଉପକାରିତା ବାବଦରେ ନିଶ୍ଚିତ ହୋଇଛନ୍ତି ।

## ମସଲା ରାଣୀର ବଡ଼ ଫାଇଦା

ଆଜିର ସମୟରେ ଉଚ୍ଚରକ୍ତ ଚାପ ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି । ଯଦି ଆପଣ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଦୈନିକ ଦୁଇଟି କଞ୍ଚା ଗୁଜୁରାତି ଖାଇବା ଆପଣଙ୍କ ପାଇଁ ଜରୁରୀ । ଭାରତରେ ମସଲାର ରାଣୀ କୁହାଯାଉଥିବା ଗୁଜୁରାତି ଏପରି ଅନେକ ଫାଇଦା ରହିଛି ଯାହା ସମ୍ପର୍କରେ ଆମେ ସାଧାରଣତଃ ଅବଗତ ନୋହୁଁ । ଗବେଷଣାରୁ ଜଣାପଡିଛି ଯେ, ଗୁଜୁରାତିରେ ମୁତ୍ରବର୍ଦ୍ଧକ ତତ୍ୱ ରହିଛି । ଏହା ଶରୀରର ହୃଦୟ କିମ୍ବା ଅନ୍ୟ ଅଙ୍ଗରେ ଜମୁଥିବା ଜଳ ଏବଂ ଲୁଣର ଅତ୍ୟଧିକ ମାତ୍ରାକୁ ମୁତ୍ର ମାଧ୍ୟମରେ ଶରୀରରୁ ବାହାରକୁ କାଢ଼ିଥାଏ । ଗବେଷକମାନେ ଉକ୍ତ ରକ୍ତଚାପର ଶିକାର ହୋଇଥିବା ରୋଗୀଙ୍କ ଉପରେ ଗବେଷଣା କରିଥିଲେ । ତିନିମାସ ପର୍ଯ୍ୟନ୍ତ ସେମାନଙ୍କୁ ଦୈନକ ତିନି ତିନି ଗ୍ରାମର ଗୁଜୁରାତି ପାଉଡର ଦିଆଯାଇଥିଲା । ପରେ ଯାଞ୍ଚରୁ ଜଣାପଡିଥିଲା ଯେ, ସେମାନଙ୍କ ଶରୀରରେ ଉଚ୍ଚରକ୍ତ ଚାପ ସ୍ତରରେ ବଡ ହ୍ରାସ ଘଟିଛି ।

**ଫାଇଦା :**

୧. ରାତିରେ ଗରମ ପାଣିରେ ଗୁଜୁରାତିକୁ ଚୋବେଇ ଖାଇଲେ କାଶରୁ ଆଶ୍ୱସ୍ତି ମିଳିଥାଏ, ମୁହଁ ଦୁର୍ଗନ୍ଧ ଦୂର ହୋଇଥାଏ ।

୨. ଗୁଜୁରାତି ଗରମ ପାଣିରେ ଫୁଟାଇ ସେଇ ପାଣିକୁ ପାଚନ କ୍ରିୟା ଠିକ୍ ରହିଥାଏ ଏବଂ ଓଜନ ହ୍ରାସ ଘଟିଥାଏ । ଏହାଦ୍ୱାରା ଚେହେରାର ସୌନ୍ଦର୍ଯ୍ୟ ବଢ଼ିଥାଏ ।

୩. କୋଲଷ୍ଟ୍ରଲ ହ୍ରାସରେ ମଧ ବଡ ସହଯୋଗ କରିଥାଏ ଗୁଜୁରାତି । ତେବେ ଅତ୍ୟଧିକ ଗୁଜୁରାତି



ଶରୀରକୁ ପ୍ରଭାବିତ କରିଥାଏ । ଏହାଦ୍ୱାରା ପିତକୋଷରେ ପଥର ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## କୋହଳତାର ସଦ୍‌ଉପଯୋଗ ହେଉ...

କରୋନା ମହାମାରୀର ଦ୍ୱିତୀୟ ଲହର ଥମିବା ଏବଂ ସମ୍ଭାବ୍ୟ ତୃତୀୟ ଲହର ଆଶଙ୍କା ଭିତରେ ଦେଶର ଅନେକ ରାଜ୍ୟ ଲକ୍‌ଡାଉନ୍ କଟକଣାକୁ କୋହଳ କରିବା ଆରମ୍ଭ କରିଛନ୍ତି । ଏହାର କାରଣ ଏବେ ଦେଶରେ ଦୈନିକ ସଂକ୍ରମଣ ସଂଖ୍ୟା ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି ଏବଂ ଆରୋଗ୍ୟଙ୍କ ସଂଖ୍ୟା ବୃଦ୍ଧି ପାଇଚାଲିଛି । ଗୁରୁବାର ସୁଦ୍ଧା ଆରୋଗ୍ୟ ହାର ୯୬ ଦଶମିକ ୯୭ ପ୍ରତିଶତ ଛୁଇଁଛି । କିନ୍ତୁ ଦୈନିକ ମୃତ୍ୟୁ ସଂଖ୍ୟା ଏବେ ସୁଦ୍ଧା ଚାରି ଅଙ୍କରେ ରହିଛି । ତେଣୁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ନିଜ ନିଜ ରାଜ୍ୟର ବାସ୍ତବ ସ୍ଥିତିକୁ ଦେଖି ଲକ୍‌ଡାଉନ୍ ଉଠାଇବା ଅବା କୋହଳ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି । ଏପ୍ରିଲ ଠାରୁ ଜୁନ୍ ଶେଷ ପର୍ଯ୍ୟନ୍ତ ଦେଶ କରୋନାର ଦ୍ୱିତୀୟ ଲହର ବେଳେ ଯେତିକି ଆକ୍ରାନ୍ତ ହୋଇଛି ଲକ୍‌ଡାଉନ୍‌ରେ ରହି ଲୋକମାନେ ମଧ୍ୟ ତଦନୁପାତିକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ତେଣୁ ସ୍ୱାଭାବିକତା ଆଡ଼କୁ ଲେଉଟିବା ସକାଶେ କେଉଁଠାରେ ସଂପୂର୍ଣ୍ଣ ତ ଆଉ କେଉଁଠାରେ ଆଂଶିକ ଭାବେ କୋଭିଡ କଟକଣାକୁ କୋହଳ କରାଯାଇଛି । ଯେପରି ଓଡ଼ିଶାରେ ତାଲାବନ୍ଦ୍ ହଟାଇ ନିଆଯାଇଥିଲେ ସୁଦ୍ଧା ଆଉ ୧୫ ଦଦିନ ସକାଶେ ଆଂଶିକ କଟକଣା ବଳବତ୍ତର ରଖାଯାଇଛି । ଛୋଟ ସେଲୁନ୍ ଓ ଉଠାଦୋକାନ ଖୋଲିବା ନିମନ୍ତେ ଅନୁମତି ଦିଆଯାଇଥିବା ବେଳେ ସ୍ପା, ଜିମ୍, ମଲ୍, ପାର୍ଲର ଓ ପାର୍କକୁ ପୂର୍ବଭଳି ବନ୍ଦ୍ ରଖାଯାଇଛି । ରାଜ୍ୟର ୨୦ଟି ଜିଲ୍ଲାରେ ବସ୍ ଚଳାଚଳ ନିମନ୍ତେ ଅନୁମତି ମିଳିଛି । ଅର୍ଥାତ୍ 'କ' ପର୍ଯ୍ୟାୟ ଜିଲ୍ଲାରୁ ସଟ୍‌ଡାଉନ୍ ହଟାଇ ନିଆଯାଇଛି । ଏପରି କରାଯିବା ପଛରେ ଥିବା ଉଦ୍ଦେଶ୍ୟଟି ହେଲା ଜନସାଧାରଣଙ୍କୁ ଜୀବନଜୀବିକା ସକାଶେ ମୌଳିକ ସୁଯୋଗ ପ୍ରଦାନ କରିବା । ଚଳପ୍ରଚଳ ହେବା ଦ୍ୱାରା ସେମାନେ ପୁଣି ଥରେ ସ୍ୱାଭାବିକତା ଆଡ଼କୁ ପର୍ଯ୍ୟାୟକ୍ରମେ ଫେରିବେ ।

କିନ୍ତୁ ସ୍ମରଣ ରଖିବାକୁ ହେବ ଯେ କରୋନା ମହାମାରୀ ବିଶ୍ୱରୁ କିମ୍ବା ଦେଶରୁ ମୂଳପୋଛ ହୋଇନାହିଁ । ବରଂ, ଏହା ସେମିତି ସୁପ୍ତ ଅବସ୍ଥାରେ ରହିଛି ଯେମିତି ପ୍ରଥମ ଲହର ମହଳଣ ପଡ଼ିବା ବେଳେ ହୋଇଥିଲା । ଭୂତାଣୁ ତା'ର ସ୍ୱରୂପକୁ ନିୟମିତ ଭାବେ ବଦଳାଇ ଚାଲିଛି । ପରିବର୍ତ୍ତିତ ଷ୍ଟ୍ରେନ୍‌ର ସବୁଠାରୁ ମାରାତ୍ମକ ରୂପ 'ଡେଲଟା ପ୍ଲସ୍'କୁ ନେଇ ଏବେ ସଭିଏଁ ଏକ ଅନିଶ୍ଚିତତା ଭିତରେ ଅଛନ୍ତି । ତାହା କେତେ ଭୟଙ୍କର ଏବଂ ଭବିଷ୍ୟତରେ ସମ୍ଭାବ୍ୟ ତୃତୀୟ ଲହରରେ ଏହା କେତେ ମାରକ ସାଜିବ ସେ ଉତ୍ତର କାହାରି ପାଖରେ ନାହିଁ । ତେବେ ସମ୍ଭାବ୍ୟ ପରିଣାମର ମୁକାବିଲା ନିମନ୍ତେ ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ସଂସାଧନକୁ ଆହୁରି ବ୍ୟାପକ କରାଯାଉଛି । ହସ୍‌ପିଟାଲ ମାନଙ୍କରେ ଶିଶୁ ଚିକିତ୍ସା ୱାର୍ଡ ଓ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଉଛି । ସବୁ ଆୟୁବର୍ଗର ଲୋକମାନଙ୍କୁ ଟିକାକରଣ ନିମନ୍ତେ ଯୁଦ୍ଧଦକାଳୀନ ଭିତ୍ତିରେ ପ୍ରୟାସ ଜାରି ରହିଛି । ଏହା ସୂଚୀତ କରେ ଯେ ଆଗକୁ ବିପଦଦ ରହିଛି । ତାହା ଟଳିନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ଆକଳନ ଅନୁସାରେ, ବିଶ୍ୱର ଅନେକ ଭାଗରେ ଏବେ କରୋନା ପୁଣି ଥରେ ମୁଣ୍ଡ ଟେକୁଛି । ସେସବୁ ରାଷ୍ଟ୍ରଙ୍କ ମଧ୍ୟରେ ଅନେକ ୟୁରୋପୀୟ, ଆଫ୍ରିକୀୟ ଓ ଏସୀୟ ରାଷ୍ଟ୍ର ଅଛନ୍ତି । ସେମାନଙ୍କ ମଧ୍ୟରେ ଚୀନ୍ ସମେତ ଦକ୍ଷିଣ କୋରିଆ, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ମେକ୍ସିକୋ, ମାଲେସିଆ, ନେପାଳ ଓ କେନିଆ ଭଳି ରାଷ୍ଟ୍ର ରହିଛନ୍ତି ଏବଂ ସବୁ ରାଷ୍ଟ୍ର ପାଇଁ ଡେଲଟା ପ୍ଲସ୍ ହିଁ ବିପଦର କାରଣ ପାଲଟିପାରେ ବୋଲି ସତର୍କ କରିଦିଆଯାଇଛି । ଏଭଳି ପୃଷ୍ଠଭୂମିରେ ଭାରତକୁ ଅଧିକ ସତର୍କ ରହିବା ଜରୁରି ମନେହୁଏ । କାରଣ, ପ୍ରଥମ ଲହର ପରେ ଯେଉଁ ଭୁଲ ପାଇଁ ଦ୍ୱିତୟ ଲହରର ଭୟଙ୍କର ବିପଦର ସାମ୍ନା କଲା ଏବଂ ଦୁଇ ଲକ୍ଷରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଲା, ତାହାର ପୁନରାବୃତ୍ତି ଯେପରି ନଘଟେ ସେଥିପାଇଁ ସତର୍କତା ଅବଲମ୍ବନ ଏକାନ୍ତ କାମ୍ୟ । ସେଥିରେ ଲକ୍‌ହାଉନ୍ ଅବା କଟକଣା କୋହଳ କରାଯିବ ଅବା ତାହାକୁ ବଳବତ୍ତର ରଖାଯିବ ତାହା ଗୁରୁତ୍ୱର ସହ ଚିନ୍ତା କରିବା ଆବଶ୍ୟକ । କଟକଣା କୋହଳ ସତ୍ତ୍ୱେ କୋଭିଡ ଉପଯୁକ୍ତ ଆଚରଣ ଅବଲମ୍ବନକୁ ଭୁଲିଯିବା ସମସ୍ତଙ୍କ ପାଇଁ ଘାତକ ହୋଇପାରେ । ନିଜର ସୁରକ୍ଷା ନିଜେ ରକ୍ଷା କରିବା ନିମନ୍ତେ ସରକାରୀ କୋହଳ ସ୍ଥିତିରେ ଅମାନିଆ ହୋଇ ବୁଲିବା ବିପଦକୁ ଆମନ୍ତ୍ରଣ କରିବା ଭଳି ପ୍ରତୀୟମାନ ହୋଇପାରେ । ଏଥିପାଇଁ ସମସ୍ତଙ୍କୁ ସତର୍କତା ଅବଲମ୍ବନ ଏବଂ ସୀମିତ ଆତଯାତ ମଧ୍ୟରେ ଜୀବନ ବଞ୍ଚିବା ହିଁ ଶ୍ରେୟ ମନେହୁଏ ।

## ପୋଷ୍ୟ ସ୍କୁଲରେ ନୂଆ ଓଡିଶା ଗଠନ ହେବ କି ?



**କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ**

ରାଜ୍ୟରେ ସରକାରୀ ବିଦ୍ୟାଳୟ ବିକାଶ ବିନା ଦାରିଦ୍ର୍ୟ ଦୂରୀକରଣ ଶତପ୍ରତିଶତ ଅସମ୍ଭବ । ଯେହେତୁ ଶିକ୍ଷା ଓ ବିକାଶ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ । ବିକଶିତ ଓ ସଶକ୍ତ ଓଡିଶା ଗଠନ ଲାଗି ସରକାରୀ ଶିକ୍ଷା ବିକାଶ ଜରୁରୀ । ମାତ୍ର ଏହାକୁ ଗତ ଫେବୃଆରୀ ବଜେଟରେ ଅବହେଳା କରାଯାଇଛି । କୁହାଯାଇଥିବା ଲୋକାଭିମୁଖୀ, ବିକାଶଶୀଳ ବଜେଟରେ ସାର୍ବଜନୀନ ସରକାରୀ ଶିକ୍ଷା ବିକାଶ ପାଇଁ ଯେତିକି ଗୁରୁତ୍ୱ ଦିଆଯିବା କଥା ତାହା ହୋଇ ନାହିଁ । ଏଣୁ ଏହି ଜନବିରୋଧି ବଜେଟ ଜାତିର ବିକାଶ ପରିବର୍ତ୍ତେ ବିନାଶ କରିବ । ନୂଆ ଓଡିଶା-ସଶକ୍ତ ଓଡିଶା ଗଠନ ଅସମ୍ଭବ ହେବ । ଏଥିରେ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ବ୍ୟବସ୍ଥାକୁ ଅଣଦେଖା କରାଯାଇଛି । ଉଜୁଡି ଯାଇଥିବା ଗଣଶିକ୍ଷାକୁ ସଜାଡିବା ସକାଶେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ବ୍ୟୟବରାଦ କରାଯାଇ ନାହିଁ । ଶିକ୍ଷା ବିକାଶ ପାଇଁ ଲୋକ ଦେଖାଣିଆ କୁମ୍ଭୀର କାନ୍ଦଣା ସ୍ପଷ୍ଟ ପ୍ରମାଣିତ ହୋଇଛି । ଗଣଶିକ୍ଷା ପାଇଁ ଠୋସ ପଦକ୍ଷେପ ନିଆଯାଇ ନାହିଁ । ସମାଜର ସବୁଠାରୁ ତଳସ୍ତରର ଥିବା ଗରିବ ଜନସାଧାରଣ ପିଲାଙ୍କ ଶିକ୍ଷା ଅବହେଳା ଯେ ପର୍ଯ୍ୟନ୍ତ ହେଉଛି ସେ ପର୍ଯ୍ୟନ୍ତ ତଥାକଥିତ ପ୍ରଗତି ବା ବିକାଶ କେବଳ ଧୂଆଁବାଣ ନୁହେଁ ତ ଆଉ କଣ ?

ରାଜ୍ୟରେ ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ମହାଶୟ ହାଇକୋର୍ଟ ବିଚାରପତି, ମନ୍ତ୍ରୀ, ବିଧାୟକ, ସାଂସଦ ପ୍ରଶାସନିକ ଅଧିକାରୀ ପ୍ରମୁଖଙ୍କୁ ଗତ ତା୨୫।୦୧।୨୦୨୧ରେ ଚିଠି ଲେଖି ଅନୁରୋଧ କରିଛନ୍ତି । ସେଥିରେ ଅତିବେଶୀରେ ଜଣକା ତିନିଟି ସରକାରୀ ବିଦ୍ୟାଳୟକୁ ପୋଷ୍ୟ ରୂପେ ଗ୍ରହଣ ପାଇଁ କୁହାଯାଇଛି । ଏଥିରୁ ଜଣାପଡୁଛି ଓଡିଶାରେ ସରକାରୀ ବିଦ୍ୟାଳୟ ଗୁଡିକୁ ସୁସ୍ଥ ରଖିବାରେ ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ ଅକ୍ଷମ ଓ ଅସହାୟ ମନେ କରୁଛନ୍ତି । ଅଧୁନା ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ଶାସନ କାଳରେ ସରକାରୀ ବିଦ୍ୟାଳୟ ବିକାଶ ପରିବର୍ତ୍ତେ ବିନାଶ ମାର୍ଗରେ ଗତି କରୁଛି । ପ୍ରତିବର୍ଷ ହଜାର ହଜାର ସରକାରୀ ସ୍କୁଲ ସମାଧି ନେଉଛି । ମୃତ ସରକାରୀ ବିଦ୍ୟାଳୟର ଆତ୍ମା ବିଳାପ କରୁଛି । ବିଦ୍ୟାଳୟ ବନ୍ଦ ନିଷ୍ପତ୍ତିରେ ଜନତାଙ୍କ ଆନ୍ଦୋଳନ ଏବଂ କୋର୍ଟରେ ମାମଲା ନେତାଙ୍କ ରକ୍ତଚାପ ବଢାଉଛି । ରାଜ୍ୟ ମୁଖ୍ୟ ୧ ନଂ ଘୋଷଣା ହେଉଥିବାବେଳେ ଓଡିଶାର ଶିକ୍ଷା ବ୍ୟବସ୍ଥା ୧ନଂ ହୋଇ ପାରୁ ନାହିଁ । ଶନି ମହାଦଶା ଠାରୁ ସରକାରୀ ସ୍କୁଲ ସମସ୍ୟା ବଳି ଯାଇଛି । ଏହି ସରକାରୀ ସ୍କୁଲରେ ନିଜ ପିଲାଙ୍କୁ ପଢାଇବା ପାଇଁ ରାଜ୍ୟବାସୀଙ୍କ ଆଦୌ ଆଗ୍ରହ ନାହିଁ । ଆଉ ଏହି ଦୁଃସ୍ଥିତି ସମୟରେ ଯେଉଁ ବ୍ୟକ୍ତି ବୃନ୍ଦ ପ୍ରଥମ ପର୍ଯ୍ୟାୟରେ ଭଲ ଭଲ ସରକାରୀ ସ୍କୁଲକୁ ପୋଷ୍ୟ ରୂପେ ଗ୍ରହଣ କରିବାକୁ ସୂଚନା ଦେଇଛନ୍ତି ସେମାନଙ୍କ ପରିବାରର ପିଲାମାନେ ମଧ୍ୟ କୌଣସି ସରକାରୀ ବିଦ୍ୟାଳୟରେ ପଢୁ ନାହାନ୍ତି । ସେମାନେ ନିଜେ ପଢିଥିବା ବିଦ୍ୟାଳୟ ସହ ଭାବଗତ ସମ୍ପର୍କରେ ଏହା ପୂର୍ବରୁ କେତେ ସହଯୋଗ କରିଛନ୍ତି ? ପୀଡିତ ସରକାରୀ ସ୍କୁଲ ଅଣ୍ଟା ସଳଖ କରିବାରେ ପୋଷ୍ୟ ବ୍ୟବସ୍ଥା ସହାୟକ ହେବ କି ? ଭିତ୍ତିଭୂମିର ନବକଳେବର ହୋଇପାରେ । ମାତ୍ର ଶିକ୍ଷଣ ଅଭିବୃଦ୍ଧି ପାଇଁ ଶିକ୍ଷକ ଅଭାବ ସମସ୍ୟାକୁ ପୋଷକମାନେ ପ୍ରଥମେ ସମାଧାନ କରିବା ବ୍ୟବସ୍ଥା କରନ୍ତୁ ।

ତା'ପରେ ପୋଷ୍ୟ କାହାକୁ କୁହାଯାଏ ? ଯିଏ ଅନାଥ, ଯାହାର ପାଳନ ପୋଷଣ ପାଇଁ କେହି ନଥାନ୍ତି ତାହାର ପୋଷ୍ୟ ଆବଶ୍ୟକ ହୁଏ । ମାତ୍ର ରାଜ୍ୟରେ ଲଗାତର ସଶକ୍ତ ଲୋକପ୍ରିୟ ସରକାର ଥିଲାବେଳେ ସରକାରୀ ବିଦ୍ୟାଳୟକୁ ଭିନ୍ନ ବ୍ୟକ୍ତି ବିଶେଷ ପାଳିବା ଆବଶ୍ୟକତା କଣ ପାଇଁ ? ଏହି ପୋଷ୍ୟ ବିଦ୍ୟାଳୟ ଅଭିଯାନ ମାଧ୍ୟମରେ ସରକାରୀ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ସମସ୍ୟା ସମାଧାନ ହେବ କି ? ପୁଣି ସ୍ଥାନୀୟ ଲୋକମାନଙ୍କ ସ୍ୱାଭିମାନ କ୍ଷୁର୍ଣ୍ଣ ହେବ ନାହିଁ କି ? ସାଂସଦ ଓ ବିଧାୟକ ବୃନ୍ଦ ନିଜ ମଣ୍ଡଳ କ୍ଷେତ୍ରରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟ ସମୃଦ୍ଧି ପାଇଁ ସହଯୋଗ କରିବା ଦାୟିତ୍ୱ ନୁହେଁ କି ? ମାତ୍ର ତିନୋଟିର ବିକାଶ ଅବିଶିଷ୍ଟ ବିନାଶ କଣ ଚାହାନ୍ତି କି ? ଏଣୁ ଏହା ଲୋକଙ୍କୁ ଭୂଆଁ ବୁଲେଇବା ଯୋଜନା ନୁହେଁ କି ? ପୁଣି ରାଜନୈତିକ ଭୋଟବ୍ୟାଙ୍କ ସୃଷ୍ଟିର ଅଭିସନ୍ଧି ନୁହେଁ କି ? ଏହା ଦ୍ୱାରା ସରକାରୀ ବିଦ୍ୟାଳୟକୁ ରାଜନୀତିର ପେଣ୍ଠସ୍ଥଳୀରେ ପରିଣତି ପାଇଁ ପ୍ରଚ୍ଛନ ଉଦେଶ୍ୟ ଅଛି କି ? ଏହି ପୋଷ୍ୟ ବିଦ୍ୟାଳୟ ପ୍ରହସନ ପ୍ରଥା ରାଜ୍ୟରେ ଦଶ ବର୍ଷ ଧରି ବିଇଓ, ବିଆରସିସି, ସିଆରସିସିମାନଙ୍କ ଦାୟିତ୍ୱରେ କାର୍ଯ୍ୟକାରୀ ହୋଇ କେତେ ଫଳପ୍ରଦ ହୋଇଛି ସୂଚନା ଅଛି କି ? ସମସ୍ତେ ସ୍ୱୀକାର କରିବେ ଯେ ରାଜ୍ୟର ଅସଲ ଶକ୍ତି ହେଉଛି ସରକାରୀ ସ୍କୁଲର ସମୃଦ୍ଧ ଶିକ୍ଷା ବ୍ୟବସ୍ଥା । ମାତ୍ର ଓଡିଶାରେ ବିପନ୍ନ ସରକାରୀ ବିଦ୍ୟାଳୟ ପାଇଁ ସାଧାରଣ ଜନତା ବିଷର୍ଣ୍ଣ । ଏଠାରେ ଗୁଣାତ୍ମକ ଶିକ୍ଷା ସାତ ସପନ ହୋଇଛି । ଗଣତନ୍ତ୍ରକୁ ମଜବୁତ କରିବାକୁ ହେଲେ ସରକାରୀ ଶିକ୍ଷା ବ୍ୟବସ୍ଥା ସଶକ୍ତ କରିବା ଦରକାର । ମାତ୍ର ରାଜ୍ୟରେ ଏହା କ୍ରମଶଃ ଦୁର୍ବଳ ହେବାରେ ଲାଗିଛି । ସରକାରୀ ଶିକ୍ଷା ବ୍ୟବସ୍ଥା ସବୁ ଲୋକଙ୍କ ପାଇଁ ମିଛ ଖୁସି, ସତ ଦୁଃଖ ଦେଉଛି । ମୋ ସ୍କୁଲ ପୋଷ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ସ୍କୁଲରେ ରଙ୍ଗୀନ ପାଇଖାନା ଛବି ଅଙ୍କା ଯାଇପାରେ ମାତ୍ର ମୂଲ୍ୟବୋଧ ଶିକ୍ଷାରେ ବିବର୍ଣ୍ଣ ବାସ୍ତବତା ସୃଷ୍ଟି ହେବ । ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଯୋଗୁଁ ସରକାରୀ ସ୍କୁଲ ବନ୍ଦ ହେବା ସଙ୍ଗେ ସଙ୍ଗେ ଭେଜାଲ ବିଦ୍ୟାଳୟ(ଘରୋଇ ପାଠ ଦେକାନ) ସଂଖ୍ୟା ବଢି ବଢି ଚାଲିବ । ସାଧାରଣ ଜନତା ଶୋଷଣର ଶିକାର ହେବେ । ସମୟ ଆସିବ ଯେଉଁମାନେ ଏ ଯାଏଁ ଜନ୍ମ ହୋଇ ନାହାନ୍ତି ବୋଧହୁଏ ଭବିଷ୍ୟତରେ କେବେହେଲେ ସରକାରୀ ବିଦ୍ୟାଳୟର ଉପଲବ୍ଧ ପାଇପାରିବେ ନାହିଁ । ରାଜ୍ୟରେ ଫୁସ୍‌ଫୁସ୍ ହେଉଛି ସରକାରୀ ବିଦ୍ୟାଳୟ, ଏହାକୁ ଶାସନକଳ ବୁଝିବା ଦରକାର । ଏହି ସରକାରୀ ସ୍କୁଲ ଦ୍ୱାରା ହିଁ ସମାଜରେ ସାମ୍ୟବାଦ ସୃଷ୍ଟି ହେବ । ଏଣୁ ଏହାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଯାଉ ।

ରାଜ୍ୟ ଶିକ୍ଷା ବ୍ୟବସ୍ଥାର ନିରାଶା ଭିତରେ ଆଶାର କିରଣ ସୃଷ୍ଟି ପାଇଁ ସରକାରୀ ସ୍କୁଲର ଆଖିର ଲୁହ ପୋଛିବା ସକାଶେ ପୋଷ୍ୟ ଅଭିଯାନ ଚଳିତ ୨୦୨୧ ମସିହା ଜାନୁଆରୀ ମାସରୁ ଚାଲିଛି । ଲୁହା ଧାରଣା ବାହାରକୁ ରେଳ ଗାଡି ଖସିଯିବା ପରି ସମସ୍ୟା ଜର୍ଜରିତ ସରକାରୀ ସ୍କୁଲକୁ ସଜାଡିବା ପାଇଁ ଉକ୍ତ ପଦକ୍ଷେପ ପରିକଳ୍ପନା ହୋଇଛି । ଧର୍ମକୁ ଆଖିଠାର ସଦୃଶ ନାହିଁ ମାମୁଁଠାରୁ କଣା ମାମୁଁ ବିଚାରରେ ଶିକ୍ଷା ବ୍ୟବସ୍ଥା ହେଉଛି । ଏହା ଦ୍ୱାରା ଲୋକଙ୍କୁ ବିଭ୍ରାନ୍ତ କରିବା ବ୍ୟତୀତ ଅନ୍ୟ କିଛି ନୁହେଁ । ପୋଷ୍ୟ ଅଭିଯାନ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସଜାଡିବାରେ କେତେ ସହାୟକ ହେବ ସମୟ କହିବ । ଏବେ ଯେଉଁ ସରକାରୀ ବିଦ୍ୟାଳୟ କୁହାଯାଉଛି, ସେ ସବୁକୁ ବର୍ତ୍ତମାନର ଓଡିଶା/ ଓଏଏସ/ଆଇଏସ ମାନେ ପ୍ରତିଷ୍ଠା କରି ନଥିଲେ । ସେ ଅଞ୍ଚଳର ଶିକ୍ଷାପ୍ରାଣ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ସେହି ମଣିଷ ତିଆରି କାରଖାନା ଗଢି ଉଠିଥିଲା । ମାତ୍ର ଏବେ ଶିକ୍ଷା କ୍ଷେତ୍ରରେ ବିପର୍ଯ୍ୟୟ ସୃଷ୍ଟି କରିଥିବା ନୈତିକ ବିହୀନ ପ୍ରଶାସନିକ ବ୍ୟକ୍ତିଙ୍କ ଦ୍ୱାରା ପୋଷ୍ୟ ବିଦ୍ୟାଳୟ ହୋଇ ବାସ୍ତବ ଉନ୍ନତି ସମ୍ଭବ ହେବ କି ? ଏଣୁ ଏହାର ପ୍ରକୃତ ବିକାଶ ପାଇଁ ସ୍ଥାନୀୟ ଜନତାଙ୍କ ସହଯୋଗ ଓ ସହଭାଗିତାକୁ ଗୁରୁତ୍ୱ ଦେବା ଆବଶ୍ୟକ । ସମୟ ଆସିବ ଆମେ 'ସରକାରୀ ସ୍କୁଲ ଦିବସ' ପାଳନ କରିବା । କାରଣ ଯେତେବେଳେ ଘରଚଟିଆ ସଂଖ୍ୟା ହ୍ରାସ ପାଇ ଲୋପ ପାଇବାକୁ ବସିଲା ସେତେବେଳେ 'ଘରଚଟିଆ ଦିବସ' ପାଳନ ହେଲା । ସେହିପରି ଅଧୁନା ସରକାରୀ ଶିକ୍ଷା ବ୍ୟବସ୍ଥା କ୍ଷେତ୍ରରେ ତଦ୍ରୂପ ସଙ୍ଗୀନ ଅବସ୍ଥା ଉପୁଜୁଛି । ସମ୍ପ୍ରତି ପୋଷ୍ୟ ସରକାରୀ ବିଦ୍ୟାଳୟ ଘଟଣାର ଟ୍ରେଲର ଶୁଣିବାକୁ ଭଲ ଲାଗୁଥିଲା ବେଳେ, ଏହାର ସମ୍ପୂର୍ଣ୍ଣ ଛବି ଦେଖିବାକୁ ବାସ୍ତବରେ ମିଳିବ ନାହିଁ । ଆମ ବିଦ୍ୟାଳୟର ପୋଷକ କିଏ ପ୍ରଶ୍ନ ଉଠିବ । ଗତ ୨୫।୦୧।୨୦୨୧ରେ ମୁଖ୍ୟମନ୍ତ୍ରୀ ସରକାରୀ ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଚିଠି ଲେଖିଥିବା ବେଳେ ଏହା ତା ୨୫।୦୨।୨୦୨୧ ସୁଦ୍ଧା ମାସେ ମଧ୍ୟରେ ନୂଆ ନୂଆ ବଡ ଆଦରରେ ୨୪୨ ଜଣ ବ୍ୟକ୍ତି ବିଶେଷ ମାତ୍ର ୩୧୫ ସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ । ଏବେ ୨୦୨୧ ମେ ଶେଷ ସୁଦ୍ଧା ପାଞ୍ଚ ମାସ ମଧ୍ୟରେ ମୋଟ ୮୪୪ଟି ବିଦ୍ୟାଳୟ ପୋଷ୍ୟଭାବେ ଗ୍ରହଣ ହୋଇଛି । ଭବିଷ୍ୟତରେ ସବୁ ବିଦ୍ୟାଳୟ ପୋଷ୍ୟ ଭାବେ ଗ୍ରହଣ ହେବ, ଏହା ସମ୍ଭବ ନୁହେଁ । ତେଣୁ ଅବଶିଷ୍ଟ ପ୍ରାୟ ୬୦,୦୦୦ ଉର୍ଦ୍ଧ୍ୱ ଅପୋଷ୍ୟ ବିଦ୍ୟାଳୟ ଗୁଡିକ ଶୀଘ୍ର ମୃତ୍ୟୁବରଣ କରିବା ଆଶଙ୍କା ଦେଖା ଯାଉଛି ।

ରାଜ୍ୟର ଶିକ୍ଷା କଥା-ବ୍ୟଥା-ବ୍ୟବସ୍ଥା ଗଭୀର ଚିନ୍ତାର ବିଷୟ ହୋଇଛି । ସାର୍ବଜନୀନ ଶିକ୍ଷାର ବିକାଶ କେବଳ ସ୍ଲୋଗାନରେ ରହି ଯାଇଛି । ଅଞ୍ଚଳରେ ସୁଖ ବାଣ୍ଟୁଥିବା ସରକାରୀ ସ୍କୁଲ ଏବେ ଦୁଃଖର କାରଣ ହୋଇଛି । ସେଠାରେ ନିଜ ପିଲାଙ୍କୁ ପଢାଇ ସୁନେଲି ସ୍ୱପ୍ନ ଆଶା ଦେଖିବା ମଉଳି ଯାଇଛି । ନିଜ ବ୍ୟବସ୍ଥାରେ ବାରମ୍ବାର ଶିକ୍ଷା ବିଭାଗ ଝୁଣ୍ଟୁଛି । ସରକାରୀ ସ୍କୁଲ ସମସ୍ୟା ବଢୁଛି । ଏପରି ହେବାକୁ ଦିଆନଯାଉ । ନୂତନ ଓଡିଶା ସଶକ୍ତ ଓଡିଶା ଗଠନ ପାଇଁ ସରକାରୀ ଶାରୀରିକ ବଳ ଠାରୁ ଆତ୍ମିକ ବଳ ଅଧିକ ଶ୍ରେୟସ୍କର । ମାତ୍ର ପୋଷ୍ୟ ମାଧ୍ୟମରେ ଏହାକୁ ଗୁରୁତ୍ୱ ଦିଆଯାଉ ନାହିଁ । ଭିତ୍ତିଭୂମି ବିକାଶ ସହ ଶିକ୍ଷାଦାନକୁ ସୁଦୃଢ କରିବା ପାଇଁ ଆବଶ୍ୟକ ଶିକ୍ଷକ ନିଯୁକ୍ତିକୁ ପ୍ରାଧାନ୍ୟ ଦେବା ସର୍ବାଦୌ ଉଚିତ । ତେଣୁ ସରକାରୀ ସ୍କୁଲ ସୁରକ୍ଷା ଓ ସମୃଦ୍ଧି ଜାତୀୟ ଭାବାବେଗରେ ପରିଣତ ହେଲେ ସାର୍ବଜନୀନ ଶିକ୍ଷା ସଫଳ ହେବ, ଏହା ନିଃସନ୍ଦେହ । ସେଥିପାଇଁ ସରକାରୀ ସ୍କୁଲ ସୁରକ୍ଷା ସକାଶେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିଭିନ୍ନ ଦଳ ମଧ୍ୟରେ ଟୋଣ୍ଟି-୨୦ ଫର୍ମାଟରେ ପ୍ରତି ପଞ୍ଚାୟତରେ ଖେଳା ଯିବାକୁ ଆୟୋଜନ କରାଯାଉ । ସରକାର ନିର୍ଦ୍ଦେଶ ଦିଅନ୍ତୁ ସଚେତନତା ମାଧ୍ୟମରେ ଗାଁ/ ଅଞ୍ଚଳର ସରକାରୀ ସ୍କୁଲକୁ ବଞ୍ଚାଇ ରଖିବା ସଭିଙ୍କ କର୍ତ୍ତବ୍ୟ ହେଉ । ସରକାରୀ ସ୍କୁଲ ବଞ୍ଚିଲେ ରାଜ୍ୟ/ ରାଷ୍ଟ୍ର ଜାତି ବିକଶିତ ହୋଇପାରିବ । ନହେଲେ ଜାତି ଆଗକୁ ଯାଇ ପାରିବ ନାହିଁ । ପୁଣି ରାଜ୍ୟ ଶିକ୍ଷା ସଙ୍କଟ ସମୟରେ ମୋ ସ୍କୁଲ ପୋଷ୍ୟ ମାଧ୍ୟମରେ ଭଲ ବିଦ୍ୟାଳୟ ଗୁଡିକ ରାଜନୀତି ଖେଳ ପଡିଆ ହେବା ଆଶଙ୍କା ଉପୁଜୁଛି । ରାଜନେତା, ବିଧାୟକ ଓ ସାଂସଦଙ୍କ ସହ ତାଙ୍କ ଅନୁଗାମୀମାନଙ୍କ ହସ୍ତକ୍ଷେପ ଦ୍ୱାରା ବିଦ୍ୟାଳୟର ଶୃଙ୍ଖଳା ଓ ପବିତ୍ରତା ନଷ୍ଟ ହେବ । ସେମାନେ ନିଜ ପିଲାଙ୍କୁ ଘରୋଇ ସ୍କୁଲରେ ପଢାଉଥିବା ବେଳେ ଏହାର ପୋଷକ ସାଜି ଏଠାକୁ ଆସିବା ନୈତିକତା ଦୃଷ୍ଟିରୁ ଆଦୌ ଅନୁକୂଳ ନୁହେଁ । ଏହି ଅମଙ୍ଗଳ ସୂଚକ ବିପଦପୂର୍ଣ୍ଣ ବ୍ୟବସ୍ଥାର ଦୃଷ୍ଟାନ୍ତରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଣ ନିଶ୍ୱାସୀ ହେବା ସାର ହେବ । ସରକାରୀ ଶିକ୍ଷା ବ୍ୟବସ୍ଥା ଦୁର୍ବଳ ହେଲେ ସାରା ସମାଜ ପାଇଁ ଆତ୍ମଘାତୀ ପ୍ରମାଣିତ ହେବ । ଏଣୁ ଶିକ୍ଷା ବଜେଟ ବୃଦ୍ଧି କରି ପ୍ରଶାସନ ସଠିକ ଭାବେ ଶିକ୍ଷା ବ୍ୟବସ୍ଥାକୁ ପରିଚାଳନା କଲେ ସରକାରୀ ଶିକ୍ଷା ସମୃଦ୍ଧ ହେବ । ନହେଲେ ହେଳା ବୁଡାଇବ ଭେଳା ।


+ ବରିଷ୍ଠ ଶିକ୍ଷା ସମୀକ୍ଷକ ଓ ସ୍ତମ୍ଭକାର,
ଭଣ୍ଡାରିପୋଖରୀ, ଭଦ୍ରକ ।
ମୋ: ୯୮୫୩୫୮୯୯୮୯


## ଏବେ ବି ବଂଚିଛି ମଣିଷପଣିଆ



**ଅଧ୍ୟାପକ ଶରତ କୁମାର ଦାସ**

ଶୋଭାର ଭଣ୍ଡାର ଏ ସବୁଜ ପୃଥିବୀ ଚିର ସୁନ୍ଦର । ସୁନ୍ଦର ତା'ର ଗଛଲତା, ବଣ, ପାହାଡ ଓ ସକଳ ଜୀବଜନ୍ତୁ । ଏ ସୁନ୍ଦର ପୃଥିବୀର ଶ୍ରେଷ୍ଠ ସାମାଜିକ ଜୀବ ମଣିଷ ସବୁଠୁ ସୁନ୍ଦର । ସ୍ନେହ, ଶ୍ରଦ୍ଧା, ଦୟା, କ୍ଷମା, ଉଦାରତା, ମାନବିକତା ଆଦି ମଂଜୁଳ ସାମାଜିକ ଗୁଣାବଳୀକୁ ନେଇ ମଣିଷର ସୁନ୍ଦରତା ଚିର ବିଦ୍ୟମାନ । ବିବେକର ଅଧିକାରୀ ବୋଲି ତ ସେ ଶ୍ରେଷ୍ଠ । କଥା କହିବାର ଶକ୍ତି, ଭଲ ମନ୍ଦ ବିଚାର କରିବାର ଭରପୂର ଜ୍ଞାନ ପ୍ରବଣତା ଓ ଧିଶକ୍ତି ସମ୍ପନ୍ନ ନିରପେକ୍ଷ ଆଦର୍ଶ ବୋଧ ପ୍ରଭୃତି ମଣିଷକୁ ଅନ୍ୟ ପ୍ରାଣୀ ଠାରୁ ସମ୍ପୂର୍ଣ୍ଣ ଅଲଗା କରି ଗଢିତୋଳିବା ସହିତ ତାକୁ ସମାଜରେ ଶ୍ରେଷ୍ଠତ୍ୱରେ ପ୍ରତିପାଦନ କରେ । ସେହି ଶ୍ରେଷ୍ଠତ୍ୱର ଅଧିକାରୀ ମଣିଷ ସମାଜର ବିଭିନ୍ନ କ୍ଷେତ୍ରରେ ନିଜର ବିବେକ ତଥା ମଣିଷପଣିଆର ପ୍ରମାଣ ଦେଇ ନିଜକୁ ମହାମାନବ ରୂପେ ସାବ୍ୟସ୍ତ କରେ । ଆଉ ତାହା ନକରିପାରିଲେ ତା'ର ଶ୍ରେଷ୍ଠତ୍ୱର ପରାକାଷ୍ଠା ଅଧୁରା ହୋଇ ରହିଯାଏ ଚିରଦିନ ପାଇଁ । ଅନ୍ୟ ପାଇଁ ଉଦାହରଣ ପରିବର୍ତ୍ତେ ଘୃଣା ତଥା ଉପହାସର ପାତ୍ର ପାଲିଟିଯାଏ ସେ ଆପଣା ଛାଏଁ ଛାଏଁ ।

ମଣିଷ ଏକ ସାମାଜିକ ଜୀବ ହିସାବରେ ପରିଚିତ । ସମାଜରେ ରହିବା ତା'ର ସହଜାତ ପ୍ରବୃତ୍ତି । ଥରେ ପ୍ରଖ୍ୟାତ ଗ୍ରୀକ ଦାର୍ଶନିକ ଆରିଷ୍ଟୋଟଲ କହିଥିଲେ 'ମଣିଷ ଏକ ସାମାଜିକ ପ୍ରାଣୀ । ସମାଜ ବିନା ଯେ ବଂଚିପାରେ ସେ ହୁଏତ ପଶୁ କିମ୍ବା ଦେବତା ହୋଇପାରେ ।' ଏହି ଉକ୍ତିଟି ମଣିଷର ସାମାଜିକତା ସମ୍ପର୍କର ସୂଚନା ପ୍ରଦାନ କରେ । ସାମାଜିକ ଜୀବ ରୂପେ ମଣିଷ ଅନ୍ୟମାନଙ୍କ ସହିତ ସମାଜରେ ଶୃଙ୍ଖଳିତ ଜୀବନଯାପନ କରେ । ମଣିଷ କେବେ ଏକା ରହିପାରିବ ନାହିଁ । ନିଜ ପରିବାର, ଗାଁ, ସହର,ସାହି, ଗୋଷ୍ଠୀ, ରାଜ୍ୟ ତଥା ନିଜ ଦେଶକୁ ନେଇ ସେ ନିଜର ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଜୀବନଯାପନ ଆରମ୍ଭ କରିବା ସହିତ ପରିପୁଷ୍ଟ ମଧ୍ୟ କରିଥାଏ । ଦୁଃଖରେ ସୁଖରେ ସେ ଅନ୍ୟମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିବା ତା'ର ନୈତିକ କର୍ତ୍ତବ୍ୟ । ଅନ୍ୟର ହସଖୁସିରେ ନିଜକୁ ସାମିଲ୍ କରିବା ତା'ର ପ୍ରକୃତ ଧର୍ମ । ତା'ରି ଭିତରେ ପ୍ରଜ୍ୱଳିତ ହେଉଥାଏ ମଣିଷପଣିଆର ଜାଜ୍ୱଲ୍ୟମାନ ଦୀପଶିଖା । ଆଉ ଉଜ୍ଜୀବିତ ହୁଏ ତା'ର ସାମାଜିକତା ।

ସାମ୍ପ୍ରତିକ ପରିସ୍ଥିତିରେ ସମାଜର ଦୃଶ୍ୟପଟରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଓଲଟପାଲଟ ହୋଇଯାଇଛି ମଣିଷପଣିଆର ଚିତ୍ରିତ ଛବି । କରୋନାର କରଳତା ସତେଯେମିତି ମଣିଷ ଠାରୁ ତା'ର ମଣିଷପଣିଆ ଯୋର୍ ଜବରଦସ୍ତ ଛଡେଇ ନେଇଛି । ମଣିଷ ହୋଇଯାଇଛି ସମ୍ପୂର୍ଣ୍ଣ ନିଃସ୍ୱ । କରୋନାର ଜଟିଳ କଟକଣା ଭିତରେ ତାକୁ ଏକା ଏକା ନିଃସଙ୍ଗ ଜୀବନ ବଂଚିବାକୁ ପଡୁଛି । ସାହି, ଭାଇ, ବନ୍ଧୁ ବାନ୍ଧବ, ସାଙ୍ଗସାଥୀ, ଏପରିକି ନିଜ ଆତ୍ମୀୟସ୍ୱଜନ ବି ଦୂରେଇ ଯାଉଛନ୍ତି ଆକ୍ରାନ୍ତଙ୍କ ଠାରୁ । ସଂକ୍ରମିତ ହେବାଠାରୁ ମଣିଷକୁ ସଙ୍ଗରୋଧରେ ରହିବାକୁ ପଡୁଛି କେବଳ ନିଜ ପରିବାର ତଥା ଅନ୍ୟମାନଙ୍କୁ ସଂକ୍ରମଣ ରୁ ରକ୍ଷାକରିବା ପାଇଁ । ଏହା କରିବା ବି ବାଧ୍ୟ । ହୋଇପାରେ ଜୀବନ ବଂଚେଇବାକୁ ଏହାର ସତତ ଆବଶ୍ୟକତା ଅଛି, ଯାହାକି ମଣିଷକୁ ମାନସିକ ସ୍ତରରେ ଦୁର୍ବଳ କରିଦେଉଛି । ମାତ୍ର ଗୋଟିଏ କଥା ମନେ ରଖିବାକୁ ପଡିବ ଯେ ବର୍ତ୍ତମାନର ଦୁର୍ଗତି ସମୟରେ ପରସ୍ପରକୁ ଶାରୀରିକ ସ୍ତରରେ ନହେଲେ ମଧ୍ୟ ମାନସିକ ସ୍ତରରେ ଆମକୁ ସାହାଯ୍ୟ କରିବାକୁ ପଡିବ । ମାନସିକ ସ୍ତରରେ ଯୋଡିହୋଇରହିବା ସମୟର ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଅଟେ । ରୋଗୀଙ୍କର ମନୋବଳ ବୃଦ୍ଧିକରିବା ପାଇଁ ଆମ ସମସ୍ତଙ୍କୁ ସହଯୋଗର ହାତ ବଢାଇବା ନିତ୍ୟାନ୍ତ ଜରୁରୀ । ସିଧାସଳଖ ନହେଲେ ମଧ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ଆମେ ରୋଗୀଙ୍କର ମନୋବଳ ବୃଦ୍ଧି କରିପାରିବା । ଫୋନ୍, ମେଲ୍, ଫେସବୁକ୍ ଇତ୍ୟାଦି ମାଧ୍ୟମରେ ଆମେ ରୋଗୀଙ୍କ ସହ ମାନସିକ ସ୍ତରରେ ମିଶିପାରିବା । ରୋଗୀର ଭଲ ମନ୍ଦ ବୁଝିବାକୁ ସମର୍ଥ ହୋଇପାରିବା । ଏହା ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଟି ନିଜକୁ ଅସହାୟ ମନେ କରିବ ନାହିଁ । ତା' ସହିତ ଅନ୍ୟମନେ ଅଛନ୍ତି ଭାବି ରୋଗ ସହ ଲଢିବାର ସାହାସ ବାନ୍ଧିବାରେ ସମର୍ଥ ହୋଇପାରିବ ।

ମାତ୍ର କେତେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ବ୍ୟକ୍ତି କରୋନାରେ ଆକ୍ରାନ୍ତ ହେବାଠାରୁ ସେ ଯେପରି ଅନ୍ୟର ଘୃଣାର ପାତ୍ର ପାଲଟିଯାଉଛି । ପୁନଶ୍ଚ ସେହି ରୋଗୀ ବା ସେହି ପରିବାରକୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି । ଆ..ହା.. ବୋଲି କହିବାକୁ କେହି ନାହାଁନ୍ତି । କେବଳ ସାମାଜିକ ସ୍ତରରେ ନୁହେଁ ବରଂ ମାନସିକ ସ୍ତରରେ ମଧ୍ୟ ତାଙ୍କୁ ଓ ତାଙ୍କ ପରିବାରକୁ ସମ୍ପୂର୍ଣ୍ଣ ବାସନ୍ଦ କରାଯିବାର ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳୁଛି । ବିଶେଷକରି ଗାଆଁ ଗହଳିରେ ସଂଜ ନହେଉଣୁ ତାଟିକବାଟ ପଡିଯିବା ଅତି ବିଡମ୍ବନାର ବିଷୟ । ଏଭଳି ହେବା ଆଦୌ ଉଚିତ୍ ନୁହେଁ । ଏ କ୍ଷେତ୍ରରେ ଆମକୁ ଆମ ସାମାଜିକତା ତଥା ମାନବିକତାର ପରିଚୟ ଦେବାକୁ ପଡିବ । ମଣିଷପଣିଆର ପରୀକ୍ଷା ଦେବାକୁ ପଡିବ । ଦୂରେଇ ଯିବା ପରିବର୍ତ୍ତେ ସହଯୋଗର ହାତ ବଢାଇବାକୁ ପଡିବ । ଆମେ ନିଜେ ନକରିପାରିଲେ ବି ଆମର କୌଣସି ଚିହ୍ନା ପରିଚିତ ବ୍ୟକ୍ତି, ସାଙ୍ଗସାଥୀ, ବନ୍ଧୁ ବାନ୍ଧବ, ସାହି ଭାଇ ବା କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାହାଯ୍ୟରେ ସହଯୋଗ କରିବାରେ ଆଦୌ ଅସୁବିଧା ନାହିଁ । ଅର୍ଥାତ୍ ମିଳିତ ଭାବେ ଆମେ ସଂକ୍ରମଣର ବ୍ୟାପକତାକୁ ସମସ୍ତ ନୀତିନିୟମ ମାନି ପ୍ରତିହତ କରିବାକୁ ପଡିବ । ଏହା ଦ୍ୱାରା ରୋଗୀ ଓ ରୋଗୀଙ୍କ ପରିବାର ଦମ୍ଭ ଓ ସାହାସ ଏକଜୁଟ୍ କରିବା ସହିତ ସେମାନଙ୍କ ମନରେ ଥିବା ଭୟ ଲୋପ ପାଇବ ।

ଅବଶ୍ୟ ଏହି ମହାବିପତ୍ତିର ସୁଯୋଗ ନେଇ କେତକ ଅସାଧୁ ତଥା ଖଳ ପ୍ରକୃତିର ଲୋକ ରୋଗୀଙ୍କୁ ସାହାଯ୍ୟ ଯୋଗାଇ ଦେବା ନାଆଁରେ ବିଭିନ୍ନ ଉପାୟରେ ଠକିବାରେ ଲିପ୍ତ ଥିବାର ଦେଖାଯାଉଛି । କାହାକୁ ଅକ୍ସିଜେନ ସିଲିଣ୍ଡର, ଔଷଧ, ଅକ୍‌ସିମିଟର, ହସପିଟାଲରେ ରେ କ୍ୟାବିନ ଇତ୍ୟାଦି ଯୋଗାଇ ଦେବା ନାଆଁରେ ଆକ୍ରାନ୍ତ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକୁଥିବାର ଘୃଣ୍ୟ ଚିତ୍ର ନଜରକୁ ଆସୁଛି । ଏସବୁ ଲୋକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ।

ତଥାପି ଏ ସକଳ ଦୁଃସ୍ଥିତି ମଧ୍ୟରେ ମାନବିକତାର ନୂତନ ସୂର୍ଯ୍ୟୋଦୟର ସମ୍ଭାବନା ଆମ ସମସ୍ତଙ୍କୁ ଆହ୍ଲାଦିତ କରୁଛି । ଅନ୍ୟ ଅର୍ଥରେ କହିଲେ ଏବେବି ମରିନି ମଣିଷପଣିଆ । ହଜିନି ବିବେକ । ନିର୍ବାପିତ ହୋଇନି ସାମାଜିକତାର ଦେଦୀପ୍ୟମାନ ଦୀପାଳି । ଏବେବି ବଂଚିଛି ବଦାନ୍ୟତା । ଏବେବି ଉଜ୍ଜୀବିତ ଉଦାରତାର ଦିବ୍ୟ ସମ୍ଭାର । ଆମ ସମାଜରେ ଏଭଳି ବ୍ୟକ୍ତିତ୍ୱ ତଥା ଅନୁଷ୍ଠାନମାନ ଅଛନ୍ତି ଯେଉଁମାନେକି ଅନ୍ୟର ସେବାରେ ନିଜକୁ ତିଳ ତିଳ କରି ଦଗ୍ଧ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । କେବଳ ସରକାରୀ ସଂସ୍ଥା ବା ବ୍ୟକ୍ତି ନୁହଁନ୍ତି, ଅନେକ ବେସରକାରୀ ସଂଗଠନ, ଯୁବକ ସଂଘ, ବଦାନ୍ୟ ବ୍ୟକ୍ତି ଓ ସାହାଯ୍ୟକାରୀ ଦଳ ଘର ଘର ବୁଲି ରୋଗୀ ଓ ତାଙ୍କ ପରିବାରକୁ ନିଃସର୍ତ୍ତରେ ସହଯୋଗର ହାତ ବଢାଉଛନ୍ତି । ରୋଗୀମାନଙ୍କ ତଥା ସେମାନଙ୍କ ପରିବାର ନିକଟରେ ପହଞ୍ଚି ଭଲ ମନ୍ଦ କଥା ବୁଝିବା ସହିତ ସବୁ ପକାର ସାହାଯ୍ୟ ଯୋଗାଇ ଦେବାକୁ ସତେଯେମିତି ପ୍ରତିଜ୍ଞାବଦ୍ଧ । ରନ୍ଧା ଖାଦ୍ୟ ପହଂଚେଇବା ଠାରୁ ଆରମ୍ଭ କରି ଔଷଧପତ୍ର,ଆମ୍ବୁଲାନସ, ଅକ୍ସିଜେନ ଇତ୍ୟାଦି ଯୋଗାଇ ଦେବାରେ ସାହାଯ୍ୟ କରୁଛନ୍ତି । କେବଳ ରୋଗୀଙ୍କୁ ସେବାଯୋଗାଉ ନାହାଁନ୍ତି, ବରଂ ରୋଗୀର ମୃତ୍ୟୁ ପରେ ଯେତେବେଳେ ନିଜ ସାହି ଭାଇ ଆତ୍ମୀୟସ୍ୱଜନ ପାଖମାଡୁନାହାଁନ୍ତି ଦୂରେଇ ଯାଉଛନ୍ତି, ଠିକ୍ ସେତିକିବେଳେ ଏମାନେ ଦେବଦୂତ ସାଜି ଆଗେଇ ଆସୁଛନ୍ତି ଓ ଶବ ସଂସ୍କାର ସମେତ ଯାବତୀୟ କାର୍ଯ୍ୟ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି

କେବଳ ରୋଗୀଙ୍କ କ୍ଷେତ୍ରରେ ନୁହେଁ, ଏ ମହାମାରୀ ସମୟରେ ଯେତେବେଳେ ଖାଦ୍ୟର ଘୋର ଅନାଟନ ଦେଖାଦେଇଛି ଏଭଳି ପରିସ୍ଥିତିରେ ଏ ସହାଯ୍ୟକାରୀ ଦଳଗୁଡିକ ବୁଲି ବୁଲି ବିଭିନ୍ନ ପଶୁପକ୍ଷୀମାନଙ୍କୁ ଖାଦ୍ୟ ବିତରଣ କରି ନିଜର ବଦାନ୍ୟତା ପ୍ରକାଶ କରୁଛନ୍ତି । ଏତଦବ୍ୟତୀତ ବିଭିନ୍ନ ମାନସିକ ଅନଗ୍ରସର ବ୍ୟକ୍ତି ହୁଅନ୍ତୁ ବା ଦାରିଦ୍ର୍ୟ ଅନାଟନରେ ବଂଚୁଥିବା ଦୁଃଖୀରଙ୍କୀ ହୁଅନ୍ତୁ,- ସମସ୍ତଙ୍କୁ ସାହାଯ୍ୟର ହାତ ବଢାଇ ଏକ ବିରଳ ଉଦାହରଣ ସୃଷ୍ଟି କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟୁଛନ୍ତି । ବାସ୍ତବରେ ଏମାନେ ବି କରୋନା ଯୋଦ୍ଧାଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି । କୋଟି କୋଟି ନମନ ସେମାନଙ୍କ ମନୋଭାବକୁ ।

ତେବେ ଯେଉଁମାନେ ମଣିଷପଣିଆକୁ ନେଇ ସର୍ବଦା ଅଙ୍ଗୁଳି ଉଠାନ୍ତି ସେମାନଙ୍କ ପାଇଁ ବୋଧହୁଏ ଭାବିବାର ସମୟ ଆସିଛି । ଆମକୁ ଅନେକ ସମୟରେ ନକାରାତ୍ମକ ପରିବର୍ତ୍ତେ ସକାରାତ୍ମକ ହେବାକୁ ପଡିବ । ନାସ୍ତିକତା ବଦଳରେ ଆସ୍ତିକତାକୁ ପୁଂଜି କରି ମହାମାରୀ ସହିତ ଲଢିବା ଏକାନ୍ତ ଆବଶ୍ୟକ । ମଣିଷପଣିଆ କେବେ ମରିନଥିଲା ,ମରିନାହିଁ ବା ମରିପାରିବ ନାହିଁ । ଅବଶ୍ୟ ସ୍ଥଳବିଶେଷରେ ବିଭିନ୍ନ କାରଣରୁ ଏହାର ରୂପ ପରିବର୍ତ୍ତନ ହୋଇପାରେ । ମାତ୍ର ଭାରତ ଭଳି ଦେବଭୂଇଁର ମହାନ ପବିତ୍ର ପୀଠରେ ମଣିଷପଣିଆ ବା ମାନବିକତାର କେବେବି ମୃତ୍ୟୁ ହୋଇପାରେନା । ଏହା ନିଃସନ୍ଦେହ ।


+ ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## କବିତା କୋଣାର୍କ

### ଜୀବନ ଯୁଦ୍ଧ...

**ପୁସ୍ତମ୍ ଯୁଆଡ଼ି**



ଏଇ ଦେଖ,
ପହଂଚି ଯାଇଛି ଜୀବନର ରଣାଙ୍ଗନରେ
ତମେ ନାହଁ ବୋଲି
ଗୋଟାପଣେ ହତାଶ ଓ ବୀତସ୍ପୃହ ହୋଇ
ସାହସ ଜୁଟାଉଛି ।

ମୋ ହାତରୁ ଖସୁଥିବା
ଶର ଯେତେ ଲକ୍ଷ୍ୟହୀନ
ତୁମେ କୁହ ତ !
ମୋ ଧ୍ୟାନସିଦ୍ଧ ନେତ୍ର
କ'ଣ ଏତେ ମାତ୍ ଖାଇପାରେ ।

କେବେ ଭାବିଛ ?
ଆମେ ଥିଲେ ଗୋଟେ ମୁଦ୍ରାର ଉଭୟ ପାର୍ଶ୍ୱ
ଚଢ଼େଇର ଦୁଇ ଡେଣା ସଦୃଶ ।

ଧେତ୍
ଏତକ ଭାବିଥିଲେ କ'ଣ
ସଂସାର ସାଗରେ ଏକା ଛାଡି
ଚାଲିଯାଇଥାନ୍ତ !

ତମର ଠିକ୍ ମନେଥିବ
ଦିନେ କହିଥିଲେ ପିଲାଦିନେ
ନଇଁ ପାଣି ନଇଁକି ଯା
ମୋ ସିଲଟ ଶୁଖିଯା ...
ଲାଗେ ମୁଁ ସେଇ ନଇଁ ପାଣି ।

ଏତେ ବଡ଼ ଓଲଟ ପାଲଟ
ମୋ କଳ୍ପନା ବାହାରେ....

ଏବେ ବି ସାକ୍ଷୀଅଛି
ଆମ ଗାଁ ନଇକୂଳ,ବରଗଛ,ଛେଳିଆ ପାହାଡ଼
ମଧୁ ମଉସାଙ୍କ ପାଳ ଗଦା,ଆଖୁ ବାଡି
ଯେଉଁଠି ଆମ ପ୍ରେମର ପାଦଚିହ୍ନ
ଅଲିଭା ହୋଇ ରହିଯାଇଛି ।

ବାସ୍ ଥାଉ....
କେବେଳ ଏତିକି ଅନୁରୋଧ ତମକୁ
ଜୀବନରୁ କାଣିଚାଏ ସମୟ ଧାର ମାଗି
ରଣଭୂଇଁରେ ସାମିଲ ହେବ,
କାଳେ ଜିତିଯାଇପାରେ ଜୀବନ ଯୁଦ୍ଧ
ତମର ସ୍ନାନିଧ୍ୟ ପାଇ ।

+ ଭୁତିବାହାଲ,
ଗାଇସିଲାଟ,ବରଗଡ଼

## କବିତା କୋଣାର୍କ

### ହସିକି ଜୀଇଁବା ଆମେ...

**ଅଶୋକ କୁମାର ପ୍ରଧାନ**



ସକାଳ ଆସିଲେ ପୂରୁବ ଦିଗରେ
ସୂରୁଜ ଉଅଁଇ ହସି
ସୂରୁଜ ଦେଖିଲେ ସକଳ ପଦୁଅ
ଜଳରେ ହସନ୍ତି ବସି ।

ପଶୁ ପକ୍ଷୀ କୀଟ ହସି ହସି ସବୁ
ଯାଆନ୍ତି ଆହାର ଖୋଜି
ମନ ଖୋଲି ଶିଶୁ ଖେଳି ପଡ଼ିଆରେ
ତୋଟାରେ କରନ୍ତି ଭୋଜି ।

ଋତୁ ଅନୁଯାୟୀ ନାନା ଜାତି ଫୁଲ
ହସି ଡାଳେ ଯାନ୍ତି ଫୁଟି
ବାରମାସେ ତେର ଫଳଫଳି ହସି
ଭୂଇଁରେ ଯାଆନ୍ତି ଲୋଟି ।

କୃଷକ ଭାଇଟା ହସି କ୍ଷେତେ ଚଳେ
ହଳ ବଳଦକୁ ଧରି
ବସନ୍ତ ଆସିଲେ ଫୁଲ ଭରା ଗଛ
ହସି ଲାଗେ ସତେ ପରି ।

ନୀଳ ଆକାଶରେ ଖରା ବରଷାରେ
ହସି ଉଠେ ଇନ୍ଦ୍ରଧନୁ
ଆକାଶ କୋଳରେ ସେ ଶୋଭା ଦେଖିଲେ
ଦୁଃଖ ପାସୋରଇ ମନୁ ।

ଆସ ପିଲେ ଆମେ ହସି ହସି ଏଠି
ଜୀଇଁ ବା ଜୀବନ ଆମ
ନିଜ ସୁଖ ଭୁଲି ଆନ ମୁଖେ ହସ
ଫୁଟାଇବା ଆମ କାମ ।

ହେବା ନାହିଁ ଦୁଃଖୀ ଆମେ ମହାସୁଖୀ
କିଏ ହେବ ଆମ ପରି
ହସି ହସି ସଦା ଜୀବନ ଜୀଇଲେ
ତାହା ସମ କିଏ ସରି ।

+ ଶିକ୍ଷକ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

### ରଙ୍ଗ କୃଷ୍ଣଚୂଡ଼ା...

**ରାହାସ କୁମାର ବେହେରା**



କାଳ ବଇଶାଖୀ ଅଦିନ ଝଡ଼ରେ
ଗିରିଷମ ବାଆ ଗଲା ନରମି
ରଙ୍ଗ କୃଷ୍ଣଚୂଡ଼ା ରୂପସୀ ସୁଷମା
ବରଷାରେ ଭିଜି ଗଲା ସରମି ।

ଭିଜା ଫୁଲ ଦେହେ ଛପା ଆଲୁଅରେ
ଭାବନାରେ ଭରେ ଲକ୍ଷେ ସପନ
ଭଲପାଇବାର ଅବୁଝା କାହାଣୀ
ହୃଦୟ ବନ୍ଧନେ ନାହିଁ ଗୋପନ ।

ଶୀତଳ ବାଆରେ କଅଁଳ ପାଖୁଡା
ମୃଦୁ ମୃଦୁ ବାସେ କି ମନୋରମ
ପାଗଳ ଭଅଁର ମନ କୋଣାରକେ
ଲାଜେ ଚୁମେ ତେଣୁ ଶହେ ରକମ ।

କବିର ହୃଦୟେ ଆଗୋ କୃଷ୍ଣଚୂଡ଼ା
ଝରିପଡେ ଦେଖି ମିଠା ସାୟରୀ
ଅପୂର୍ବ ଶୃଙ୍ଗାରେ ଚିତ୍ରକର ଆଂକେ
ରଙ୍ଗ ତୁଳି ସ୍ୱର୍ଗେ ଭାବି ଅପ୍ସରୀ ।

ଲାଲି ଓଠ ଧାରେ ଖୁସିର ଝଲକ
ଦଇବ ଗଢ଼ିଛି ଲୋ ଫୁଲରାଣୀ
ବାଟର ବାଟୋଇ ଦେଖିଦେଲେ ଦୂରୁ
ରହିଯାଏ ଲାଖି ଚୋରା ଚାହାଣି ।

+ ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ-୭୫୯୦୧୫
ମୋ:୯୪୩୮୧୧୪୩୬୮

### ମୁଁ...

**ତରୁଣ କୁମାର ଦାସ**




ଚିହ୍ନା ସହର
ଅଚିହ୍ନା ବାସ୍ନା
ଅଜଣା ସହରରେ
ନିଜକୁ ପଖାଳିବାର
ଅଦମ୍ୟ ପ୍ରୟାସ
କଥା ସବୁ ବାଟବଣା
ହସ ସବୁ ଅନ୍ଧ ମହୁମାଛି
ବିଶ୍ୱାସର ମାଇଲ ଖୁଣ୍ଟରେ
ନିଜକୁ ଚିହୁଛି !
ନା ମିଳୁଛି ଶାନ୍ତି ନା ମିଳୁଛି ମୁକ୍ତି
ଜହ୍ନ କୁ ପଛ କରି ହାତ ପାପୁଲିରେ
ମୁହଁକୁ ମାପୁଛି !
ଛକା ପଞ୍ଜା ର ଦୁନିଆରେ
ମୋତେ ମୁଁ ଚିହ୍ନୁଛି !

+ ମୁକ୍ତାନିଳୟ, ପାଳୁସିଆ
ବାଲେଶ୍ୱର



ଧ୍ୱନି ପ୍ରତିଧ୍ୱନି
ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ | ଶନିବାର, ୩ ଜୁଲାଇ ୨୦୨୧





କାର୍ତ୍ତିକ ସାଇଁ

## ରାମାୟଣ ଟୁଙ୍ଗି (୩)

# ରତ୍ନାକର ଦସ୍ୟୁ ବାଲ୍ମୀକି ହେଲେ



(ପୂର୍ବ ପ୍ରକାଶିତ ଉତ୍ତାରୁ) ନରହରିପୁର ଗାଁ ପାଠାଗାରରେ ପିଲାମାନେ ମିନା ଅପା ଆସିବା ଆଗରୁ ଠୁଳ ହୋଇଗଲେ। ପିଲାଙ୍କ ଆଗ୍ରହ ଦେଖି ମିନା ଅପା ବହୁତ ଖୁସି ହେଲେ ଓ ରାମାୟଣ କଥା ଆରମ୍ଭ କଲେ। ପିଲାମାନେ, ରାମାୟଣର ରଚୟିତା ମହର୍ଷି ବାଲ୍ମୀକି। ସେ ମୂଳ ରାମାୟଣର ରଚନା ସଂସ୍କୃତ ଭାଷାରେ କରିଥିଲେ। ଆଜି ଆମେ ତାଙ୍କ କଥା ଶୁଣିବା।

ମହର୍ଷି ବାଲ୍ମୀକି ତାଙ୍କ ପ୍ରାରମ୍ଭିକ ଜୀବନରେ ଜଣେ ନିର୍ଦ୍ଦୟ ଦସ୍ୟୁ ଥିଲେ ଓ ତାଙ୍କର ନାମ ଥିଲା ରତ୍ନାକର। ସେ ଏକ ଜଙ୍ଗଲ ରାସ୍ତାରେ ଲୁଚିକରି ରହୁଥିଲେ ଓ ସେ ବାଟରେ ଆସୁଥିବା ପଥିକମାନଙ୍କୁ ହତ୍ୟା କରି ତାଙ୍କ ଧନ ଦ୍ରବ୍ୟ ହରଣ କରୁଥିଲେ ଓ ପରିବାରର ଭରଣ ପୋଷଣ କରୁଥିଲେ। କିନ୍ତୁ ବ୍ରହ୍ମା ଓ ନାରଦ ମୁନିଙ୍କ କୃପା ପାଇ ସେ ବାଲ୍ମୀକି ଋଷି ହେଲେ। ସେ କିପରି ବାଲ୍ମୀକି ଋଷି ହେଲେ ଏବେ ସେ କଥା ଶୁଣ।

ଥରେ ନାରଦ ମୁନି ଶ୍ରୀ ବିଷ୍ଣୁଙ୍କ ଦର୍ଶନ ଲାଗି ଗୋଲକ ଧାମ ଗଲେ। ମାତ୍ର ସେଠାରେ ସେ ଶ୍ରୀବିଷ୍ଣୁଙ୍କ ଚତୁର୍ଦ୍ଧା ମୂର୍ତ୍ତି ଦର୍ଶନ କଲେ। ଶ୍ରୀବିଷ୍ଣୁ ଯେ କାହିଁକି ଚତୁର୍ଦ୍ଧା ମୂର୍ତ୍ତି ରୂପେ ଦର୍ଶନ ଦେଲେ, ସେ କଥା ସେ ବୁଝି ପାରିଲେନି। ସେ ବ୍ରହ୍ମଲୋକକୁ ଯାଇ ବ୍ରହ୍ମାଙ୍କୁ ଏହି କଥା କହିଲେ। ବ୍ରହ୍ମା ଏସବୁ କଥା ବୁଝି ପାରିଲେନି। ସେମାନେ ସାଂଗ ହୋଇ ଶିବଙ୍କ ପାଖକୁ ଗଲେ।

ମହାଦେବ ନାରଦ ଓ ବ୍ରହ୍ମାଙ୍କୁ ଦେଖି ବହୁତ ଖୁସି ହେଲେ ଓ ଏ କଥା କହିଲେ- ଶ୍ରୀବିଷ୍ଣୁ ଚତୁର୍ଦ୍ଧା ମୂର୍ତ୍ତି ହୋଇ ମର୍ତ୍ତ୍ୟ ମଣ୍ଡଳରେ ଜନ୍ମ ଗ୍ରହଣ କରିବେ। ଧରଣୀରେ ଦୁଷ୍ଟ ଦୈତ୍ୟଙ୍କ ଉତ୍ପାତ ବଢ଼ିଗଲାଣି। ଧର୍ମ ଓ ନ୍ୟାୟର ପ୍ରତିଷ୍ଠା ନିମନ୍ତେ ସେ ମର୍ତ୍ତ୍ୟ ଭୂମିରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ରୂପରେ ଜନ୍ମ ଗ୍ରହଣ କରିବେ। ମହାଦେବ ଏ କଥା ମଧ୍ୟ କହିଲେ ଯେ ରାମଙ୍କ ଜନ୍ମ ଧରଣୀକୁ ପବିତ୍ର କରିବ। ରାମଙ୍କ ସ୍ମରଣ ମାତ୍ରେ ମହାପାପୀ ମଧ୍ୟ ମୁକ୍ତି ପାଇବେ।

ଆମେ ମହାପାପୀ କେଉଁଠି ଦେଖିବୁ? ବ୍ରହ୍ମାଙ୍କ କଥା ଶୁଣି ମହାଦେବ ହସିଲେ ଓ କହିଲେ- ମର୍ତ୍ତ୍ୟ ଲୋକକୁ ଯାଆନ୍ତୁ।

ସେଠାରେ ଏକ ଜଙ୍ଗଲ ରାସ୍ତାରେ ଚ୍ୟବନ ଋଷିଙ୍କ ପୁଅ ରତ୍ନାକର ସହିତ ଦେଖା ହେବ ଓ ଆପଣ ବୁଝି ପାରିବେ- 'ମହାପାପୀ'ର ଅର୍ଥ କଣ। ମହାଦେବଙ୍କଠାରୁ ବିଦାୟ ନେଇ ପିତାମହ ବ୍ରହ୍ମା ଓ ନାରଦ ରତ୍ନାକର ରହୁଥିବା ଜଙ୍ଗଲ ପଥରେ ଚାଲିଲେ। ସେଦିନ ରତ୍ନାକର ଦସ୍ୟୁ କୌଣସି ଲୋକଙ୍କୁ ନପାଇ ମନ ଦୁଃଖରେ ଥାଏ। ବାରମ୍ବାର ଗଛ ଉପରେ ଚଢ଼ି ଚାରି ଦିଗକୁ ଅନାଉଥାଏ, ମାତ୍ର କାହାକୁ ନ ପାଇ ଦୁଃଖୀ ହେଉଥାଏ।

ଶେଷକୁ ସେଇ ପଥରେ ଦେବର୍ଷି ନାରଦ ଓ ବ୍ରହ୍ମା ବ୍ରାହ୍ମଣଙ୍କ ଛଦ୍ମ ବେଶରେ ଆସିଲେ। ତାଙ୍କୁ ଦେଖି ରତ୍ନାକର ଦସ୍ୟୁ ଖୁସି ହୋଇଗଲା ଓ ତୁରନ୍ତ ତାଙ୍କ ସାମ୍ନାକୁ ଆସି ତାଙ୍କୁ ମାରିବାକୁ ଉଦ୍ୟତ ହେଲା। ରତ୍ନାକର ଦସ୍ୟୁର ଏପରି ଆଚରଣରେ ବ୍ରହ୍ମା ତାଙ୍କୁ କହିଲେ ଆମେ ଦୁଇ ଜଣ ବ୍ରାହ୍ମଣ। ମୋ ସାଂଗରେ ଏ ଜଣକ ଜଣେ ବ୍ରହ୍ମଚାରୀ। ଆମକୁ ମାରିଲେ ତୁମର ମହାପାପ ହେବ। ତେଣୁ ଏଥିରୁ କ୍ଷାନ୍ତ ହୁଅ।

ବ୍ରହ୍ମାଙ୍କ କଥା ଶୁଣି ରତ୍ନାକର ହସିଲେ ଓ କହିଲେ ଏଠାରେ ମୁଁ ତୁମ ପରି ଅନେକ ବ୍ରାହ୍ମଣ ଓ ଋଷିଙ୍କୁ ମାରିଛି। ଏହା ମୋର ବୃତ୍ତି। ଏଥିରେ ପାପ କିପରି ହେବ?

ରତ୍ନାକରଙ୍କ ଏପରି କଥା ଶୁଣି ବ୍ରହ୍ମା କିଛି ସମୟ ଚିନ୍ତା କଲେ ଓ କହିଲେ ତୁମେ କାହା ଲାଗି ଏପରି ଘୋର ପାପ କରୁଛ?

- ମୋ ପରିବାରର ଭରଣ ପୋଷଣ ଲାଗି ମୁଁ ଏହା କରୁଛି।

- ତୁମେ କରୁଥିବା ପାପରୁ ତୁମ ପରିବାରର ଲୋକ ଭାଗ ନେବେ କି? ବ୍ରହ୍ମା ରତ୍ନାକରଙ୍କୁ ପଚାରିଲେ।

ରତ୍ନାକର ଚିନ୍ତାରେ ପଡ଼ିଗଲେ। ତାପରେ ବ୍ରହ୍ମା କହିଲେ ଠିକ୍ ଅଛି। ଆମେ ଏଇଠି ଅପେକ୍ଷା କରୁଛୁ। ତୁମେ ତୁମ ଗୃହକୁ ଯାଅ ଓ ଏକଥା ପଚାରି ଆସ। ସେମାନେ ତୁମ ପାପରୁ ଭାଗ ନେବେ କି? ରତ୍ନାକର କଣ ଚିନ୍ତା କଲେ କେଜାଣି, କହିଲେ "ଠିକ୍ ଅଛି, ମୋତେ ଠକି କୁଆଡ଼େ ଯିବନି। ମୁଁ ତୁମକୁ ବିଶ୍ୱାସ କରୁଛି। ମୁଁ ଘରେ ସମସ୍ତଙ୍କୁ ତୁମ ପ୍ରଶ୍ନ ପଚାରି ଆସେ। ସେମାନେ ମୋ ପାପରୁ ଭାଗ ନେଉଛନ୍ତ କି ନାହିଁ? ରତ୍ନାକର ତତ୍କ୍ଷଣାତ୍ ନିଜ ଗୃହକୁ ଗଲେ ଓ ତାଙ୍କ ପିତା ମାତା, ପତ୍ନୀ ଓ ସନ୍ତାନଙ୍କୁ ସେଇ ପ୍ରଶ୍ନ ପଚାରିଲେ- ତୁମମାନଙ୍କ ଭରଣପୋଷଣ ଲାଗି ମୁଁ ଅନେକ ହତ୍ୟା କରୁଛି ଓ ପାପ କରୁଛି। ତୁମେମାନେ ସେ ପାପରୁ ଭାଗ ନେବ ତ?

ରତ୍ନାକରଙ୍କ କଥା ଶୁଣି ସମସ୍ତେ ସେଇ ଗୋଟିଏ ଉତ୍ତର ଦେଲେ- କେହି କାହାର ପାପରୁ ଭାଗ ନିଅନ୍ତିନି। ପରିବାରର ଭରଣ ପୋଷଣ ତାଙ୍କର ଦାୟିତ୍ୱ। ତେଣୁ ସେ ତାହା କରୁଛନ୍ତି। ସେମାନେ କେବେ ତ କହି ନାହାଁନ୍ତି ପ୍ରାଣୀ ହତ୍ୟା କରିବାକୁ।

ପରିବାରର ସବୁ ଲୋକଙ୍କ କଥା ଶୁଣି ରତ୍ନାକର ବଡ଼ ଦୁଃଖୀ ହୋଇଗଲେ ଓ ବ୍ରହ୍ମା ଓ ନାରଦଙ୍କ ପାଖକୁ ଫେରି ଆସିଲେ। ସଂଗେ ସଂଗେ ସେ ତାଙ୍କ ପାଦତଳେ ପଡ଼ିଗଲେ ଓ ତାଙ୍କୁ ପାପରୁ ମୁକ୍ତି ପାଇବାର ବାଟ ବତାଇବାକୁ ପ୍ରାର୍ଥନା କଲେ।

ବ୍ରହ୍ମା ରତ୍ନାକରଙ୍କ ଉପରେ ଦୟା କଲେ ଓ 'ରାମ' ନାମ ଜପ କରିବାକୁ କହିଲେ। ମାତ୍ର ରତ୍ନାକର ଏତେ ବଡ଼ ପାପୀ ଥିଲେ ଯେ ସେ 'ରାମ' ନାମ ଉଚ୍ଚାରଣ କରି ପାରିଲେନି। ବ୍ରହ୍ମା ଚିନ୍ତାରେ ପଡ଼ିଗଲେ। ଶେଷକୁ ସେ ବୁଦ୍ଧି ପାଂଚି ରତ୍ନାକରଙ୍କୁ କହିଲେ- ଗଲା ମଲା ଲୋକଙ୍କୁ କଣ କୁହାଯାଏ?

'ମଡ଼ା' ଉତ୍ତର ଦେଲେ ରତ୍ନାକର। "ମଡ଼ା ନୁହେଁ ମରା"। ଏଥର ମରା କୁହ। ବ୍ରହ୍ମାଙ୍କ କଥାରେ ରତ୍ନାକର 'ମରା' 'ମରା' କହିବାକୁ ଲାଗିଲେ। 'ମରା' 'ମରା' ଅନେକ ଥର କହିବାକୁ ଲାଗିଲେ। 'ମରା' 'ମରା' ଅନେକ ଥର କହିଲା ପରେ ତାହା 'ରାମ' 'ରାମ' ଭାବରେ ଶୁଣାଗଲା।

- ଏଇ ମହାମନ୍ତ୍ରକୁ ଏହିଠାରେ ରହି ଜପ କର। ତୁମର ସବୁ ପାପ କ୍ଷୟ ହେବ।

ଏହା କହି ବ୍ରହ୍ମା ଓ ନାରଦ ନିଜ ଲୋକକୁ ଫେରିଗଲେ। ରତ୍ନାକର ଗୋଟେ ଜାଗାରେ ବସି 'ମରା' 'ମରା' ଜପ କରିବାକୁ ଲାଗିଲେ।

ଅନେକ ବର୍ଷ ବିତିଗଲା। ରତ୍ନାକର ଖାଇବା ପିଇବା ଭୁଲି ଗୋଟିଏ ଜାଗାରେ ତପସ୍ୟାରତ ରହିଲେ ଓ 'ମରା' ଜପି ଚାଲିଲେ। ଧୀରେ ଧୀରେ ତାଙ୍କ ଉପରେ ଉଈମାନେ ଘର କରି ଏକ ଉଈ ହୁଙ୍କା ତିଆରି କରିଦେଲେ। ଉଈ ହୁଙ୍କା ଉପରେ କିଛି ଲତା ମଧ୍ୟ ମାଡ଼ିଗଲା।

ଦିନେ ବ୍ରହ୍ମାଙ୍କର ରତ୍ନାକରଙ୍କ କଥା ମନେ ପଡ଼ିଲା ସେ ସଂଗେ ରତ୍ନାକର ତପସ୍ୟା କରୁଥିବା ଜାଗାକୁ ଗଲେ ଓ ସେଠାରେ ଯାହା ଦେଖିଲେ ସେଥିରେ ବହୁତ ଖୁସି ହେଲେ। ସେ ରତ୍ନାକରଙ୍କୁ ଉଈହୁଙ୍କା ଭିତରୁ ଆସିବାକୁ କହିଲେ। ରତ୍ନାକରଙ୍କ ତପସ୍ୟା ଦେଖି ସେ ବହୁତ ପ୍ରସନ୍ନ ହେଲେ ଓ ସେ ବାଲ୍ମୀକି ବା ଉଈହୁଙ୍କା ମଧ୍ୟରୁ ବାହାରି ଥିବାରୁ ତାଙ୍କ ନାଁ ବାଲ୍ମୀକି ରଖିଲେ। ଦସ୍ୟୁ ରତ୍ନାକର ଜଣେ ମହାନ୍ ତପସ୍ୱୀରେ ପରିବର୍ତ୍ତିତ ହୋଇଗଲେ।

ବ୍ରହ୍ମଲୋକକୁ ଯିବା ଆଗରୁ ବ୍ରହ୍ମା ବାଲ୍ମୀକିଙ୍କୁ ଆର୍ଶିବାଦ କଲେ ଓ ରାମାୟଣର ରଚନା କରିବ ବୋଲି କହିଗଲେ।

ପିଲାମାନେ ରାମାୟଣ ଅନେକ ଚମତ୍କାର କଥାରେ ପରିପୂର୍ଣ୍ଣ। ଆଜି ତୁମେମାନେ ରତ୍ନାକର ଦସ୍ୟୁ କିପରି ଋଷି ବାଲ୍ମୀକି ହେଲେ ସେ କଥା ଜାଣିଲ। ଆସନ୍ତାକାଲି ରାମାୟଣ କଥା ଜାରି ରହିବ। ଏହା କହି ମିନା ଅପା ସେ ଦିନର ସଭା ସାଂଗ କଲେ। ପିଲାମାନେ ଖୁସିରେ ନିଜ ନିଜ ଘରକୁ ଫେରିଗଲେ।

+ମୋ: ୯୯୮୦୩୦୦୭୫୧

## କବିତା
ତୁମ ପାଇଁ



### ଆଦ୍ୟ ଆଷାଢ
ଅରୂପ କୁମାର ବିଶ୍ୱାଳ

ଆଦ୍ୟ ଆଷାଢ଼ରେ ବରଷା ଝରୁଛି
ଶୀତଳ ଲାଗୁଛି ଧରା,
ନିଦାଘ ଯାଇଛି ନେଇକି ବିଦାୟ
ନାହିଁ ଆଉ ଟାଣ ଖରା।
ଗରଗର ହୋଇ ଫାଟି ଯାଇଥିଲା
ଖଣ୍ଡ ଖଣ୍ଡ ଧରା ବକ୍ଷ ,
ବରଷା ଛୁଆଁରେ ଲିଭି ଯାଏ ସବୁ
ମିଳେନା କଲେବି ଲକ୍ଷ।

ଭୁରୁ ଭୁରୁ ବାସ୍ନା ଭିଜାମାଟି ବାସେ
ବୃକ୍ଷ ଲାଗେ ହରାଭରା,
ନୂଆ ପତ୍ର ସବୁ କଅଁଳି ଆସଇ
ଲାଗେ ସତେ ଅପାଶୋରା।
ବେଙ୍ଗ ବେଙ୍ଗୁଲୀର ବାହାଘର ହବ
ସାରୁଗଛ ମୂଳେ ବେଦୀ,
ଆକାଶେ ଚାନ୍ଦୁଆ ଇନ୍ଦ୍ରଧନୁ ଟାଣେ
ପିନ୍ଧେ ଶାଢୀ କଳାମେଘି।

ଚଷାପୁଅ ଭିଜେ କାଦୁଅ ପାଣିରେ
ମାଟି ମାଆ ତାକୁ ଡାକେ ,
ହିଡ ମାଟି ହିଡେ ଲଦିବା ପାଇଁକି
ବରଷା କି ତାକୁ ରୋକେ।
ଅନ୍ନଦାତା ସିଏ ଏଇ ଜଗତର
ଜଗତ ଦୁଃଖରେ ଦୁଃଖୀ,
ଜୀବନକୁ ବାଜି ଲଗେଇ ଦେଇ ସେ
ପର ସୁଖେ ହୁଏ ସୁଖୀ।

କିଆ କେତକି ର ମହକ ଛୁଟୁଛି
କଦମ୍ବ ତରାଟ ଶୋହେ,
ବାଡି ବଗିଚାରେ ଫୁଲ ଫଳ ସବୁ
ମନକୁ ଚୋରାଇ ନିଏ।
ପୋଇ କଖାରୁର ଲଟା ମାଡିଲାଣି
ଫୁଟିଲାଣି ଜହ୍ନି ଫୁଲ,
ଆଦ୍ୟ ଆଷାଢର ଛୁଆଁରେ ପୃଥିବୀ
ଦେଖାଯାଏ ଝଲମଲ।

+ ପାରାଦୀପ, ଜଗତସିଂହପୁର
ମୋ-୯୦୪୦୮୭୦୧୦୦

### ଫୁଲ କଢ଼ି
ନୀଳମଣି ଚାନ୍ଦ

ସୂରୁଯ ତୁ ଉଠ୍
ଫୁଲକଢ଼ି ଫୁଟ୍
କିଟିକିଟି ଅନ୍ଧାରରେ ବେଗି ତୁଟ୍‌ତୁଟ୍ ।

ମହୁମାଛି ଆ'
ପ୍ରଜାପତି ଯା'
ସୁଲୁସୁଲୁ ସମୀରରେ ଫୁଲ ନାଚୁ ଥାଆ ।

ରୂପ ଝଲମଲ ଦେହ ମଖମଲ
ଭୁରୁଭୁରୁ ବାସ କରେ ମନ ହଲଚଲ ।

ଗଢ଼ିଛନ୍ତି ସାଇଁ
ଏଇ ଧରା ପାଇଁ
ନାଇଁ ନାଇଁ ଆମେ ତାକୁ ତୋଳି ନେବା ପାଇଁ ।

ବଗିଚାରେ ଥା'
ତୋଳିବେନି ମା'
ହସି ହସି କହୁଥିବେ ଫଳ ହୋଇ ଯା' ।

ତୋ ପରି ମୁଁ କଢ଼ି
କାଲିଯିବି ବଢ଼ି
ସୁନାର ଭାରତଟିଏ ଦେବି ପରା ଗଢ଼ି ।



+୨୭, ମନ୍ତ୍ର ମାଯେର
ଗୋଠପାଟଣା, ଭୁବନେଶ୍ୱର-୨୯
ମୋ: ୯୫୮୩୨୦୨୩୫୭

### ଉଚ୍ଚ ହେବ ତୁମ ମଥା
ନିରାକାର ଚଇନି



ଶ୍ରେଣୀରେ ଗୁରୁଜୀ ପଚାରିଲେ ଦିନେ
କୁହ ପିଲେ ଜଣେ ଜଣେ
ବଡ଼ ହେଲେ ତୁମେ କଅଣ ହେବାକୁ
ଥିର କରିଅଛ ମନେ?

ଲୁବୁନୁ କହିଲା ବଡ଼ହେଲେ ମୁହିଁ
ହେବି ଜଣେ ଡାକତର
ବିନା ପଇସାରେ ଆଦରେ କରିବି
ରୋଗୀ ସେବା ନିରନ୍ତର।

ସାହସୀଆ ମୁନା କହିଲା ଗୁରୁଜୀ
ପୋଲିସଟିଏ ମୁଁ ହେବି
ଚୋର ଡକେଇତ ପାଜି ଅପରାଧୀ
ଦେଶରୁ ହଟେଇ ଦେବି।


କିଏ ସେ କହିଲା ହେବ ମନ୍ତ୍ରୀ ଆଉ
କିଏ ଯନ୍ତ୍ରୀ ବୈଜ୍ଞାନିକ
କିଏ ସେ ହୋଇବ ଆଦର୍ଶ ଶିକ୍ଷକ
କିଏ ବୀର ସଇନିକ।

ଟିକି ଝିଅ ସୋନା କହିଲା ଶେଷରେ
ଭଲ ମଣିଷଟେ ହେବି
ମାନବ ସେବାରେ ପରାଣକୁ ମୋର
ଅହରହ ଢାଳିଦେବି।

ସୋନା କଥା ଶୁଣି କହିଲେ ଗୁରୁଜୀ
କହିଲୁ ପଦିଏ କଥା
ଭଲ ମଣିଷଟେ ହୋଇଲେ ଜୀବନେ
ଉଚ୍ଚ ହେବ ତୁମ ମଥା।

+ଶିକ୍ଷକ, ସୁବୁଦ୍ଧିସାହି ପ୍ରାଥମିକ ବିଦ୍ୟାଳୟ,
ଗୋଳାବନ୍ଧ, ତେଲକୋଇ, କେନ୍ଦୁଝର ୮୪
ମୋ-୮୨୪୯୩୮୭୯୭୩

### ବରଷା ଆସିଛି
ଝରଣା ବାରିକ



ଆକାଶରୁ ଝରେ ବରଷା ପାଣି
ଖୁସିରେ ନାଚୁଛି ବେଙ୍ଗୁଲି ରାଣୀ
ସାରୁ ଗଛ ମୂଳେ ବସିଛି ଏକା
କେଁ କେଁ କଟର ପକାଏ ଡକା।

ଆକାଶେ ବିଜୁଳି ଚମକୁ ନାହିଁ,
ଘଡଘଡି ଅବା ଆସିବ କାହିଁ।
କୁନା ନାଚୁଅଛି ଖୁସିରେ ଡେଇଁ
କାଗଜ ରେ ଡଙ୍ଗା ଭସାଏ ନେଇ।

ନାଲି ଓଢ଼ଣା କୁ ଦେଉଛି ଟାଣି
ଆସୁଛି ସତେ କି ସାଧବ ରାଣୀ
ମଖମଲି ନାଲି ଦେହଟି ତାର,
ଚାଲେ ସେ ମାଟିରେ ପକାଇ ଗାର।

କାଳିଆ ବଳିଆ ହଳରେ ଯୋଡ଼ି
ବିଲ ଆଡେ ଚାଷି ଯାଉଛି ମାଡ଼ି,
ମନେ ମନେ କେତେ ହୁଏ ସେ ଖୁସି
କଳା ମେଘ ଯାଏ ଆକାଶେ ଭାସି।

ପଖାଳ ସାଙ୍ଗରେ ଶୁଖୁଆ ପୋଡ଼ି
ବୋଉ ଦିଏ ବେଲେ ପଖାଳ ବାଢ଼ି,
ଖୁସିରେ ଖାଉଛି ମୋ ସାନ ଭାଇ,
ଅଜା ବସି ପାଖେ ମାରୁଛି ହାଇ।


ବଢିଆ ହେଇଛି ବରଷା ପାଗ
କଅଁଳିଛି କେତେ ବାଡିରେ ଶାଗ
ପନି ପରିବାର ଅଭାବ ନାହିଁ,
ବରଷା ଆସିଛି ଖୁସିକୁ ନେଇ।

+ସମଲ, ତାଳଚେର, ଅନୁଗୋଳ
ମୋବାଇଲ:୯୫୫୬୮୪୬୯୩୨

## ପିଲାଙ୍କ ଉପନ୍ୟାସ : ଭାଗ-୧୦

# ପାଗଳାବାବାଙ୍କ ଟାଇମ୍ ମେସିନ୍

ପୀତାମ୍ବରୀ ଦାଶ



(ପୂର୍ବ ପ୍ରକାଶିତ ଉତ୍ତାରୁ) ଛୁଟି ଦିନମାନଙ୍କରେ ମାମାଙ୍କୁ ବରାଦ ଦେଇ ତା'ପ୍ରିୟ ଆଳୁକଷା ଆଣେ ସମସ୍ତଙ୍କ ପାଇଁ ସମସ୍ତେ ଖୁସିରେ ଖାଆନ୍ତି । ଏକା ପାଗଳା ବାବାଙ୍କୁ ଛାଡି । ସେ ତ ନିଷିଦ୍ଧାଚଂଳ କୋଠାରେ ସବୁବେଳେ ଥାଆନ୍ତି । ସେଠାକୁ କେହି ଯିବାର ଅନୁମତି ନାହିଁ ।


ମନୀଷର ଘରଠାରୁ ପାଗଳାବାବାଙ୍କ ନିଷିଧାଚଂଳ ପ୍ରାୟ ଦି କିଲୋମିଟର ଦୂର । ତଥାପି ମନୀଷ ଏଠାକୁ ବୁଲିବାକୁ ଆସେ ଯେତେବେଳେ ତା' ମନ ଖରାପ ଥାଏ । ଏହା ଭିତରେ କେତେ ଜାତିର ଫୁଲ ଫୁଟିଥାଏ । ପିଜୁଳି, ନେହୁଆ, କଦଳୀ, ଆମ୍ବ, ଜାମୁଡୋଳ, ଜାମୁକୋଳି ଆଦି ଫଳ ଥାଏ । ପୋଖରୀ ପାହାଚ ଉପରେ ସେ ବସେ । ପାଣିରେ ମାଛମାନଙ୍କ ଖେଳ ଦେଖି ଖୁସି ହୁଏ । ସୋମୁ ବି କେତେଥର ମନୀଷ ସହ ଆସିଛି । ସେ ଜାଣିଛି ମନୀଷ ନିଶ୍ଚୟ ଏଠାକୁ ଆସିଥିବ । ସୋମୁ ଆସିବାର ପ୍ରାୟ ୧୦ ମିନଟ୍ ମଧ୍ୟରେ ସେ ବିଦ୍ୟାଳୟ ଛାଡିଛି । ବାଟରେ କୋଉଠି ତ ଦିଶୁନି ! ସୋମୁ ଭାବୁଚି ମନୀଷ କଣ ଏଠିକି ନ ଆସି ଆଉ କୁଆଡେ ପଳେଇଲା ? ବିବ୍ରତ ସୋମୁ ଏକରକମ ଧାଇଁଧାଇଁ ଗେଟ୍ ପାଖରେ ପହଂଚିଗଲା । ଦରୱାନକୁ ପଚାରିଲା- ଅଙ୍କଲ୍ ମନିଷୀ ଆସିଥିଲା କି? ଦରୱାନ କହିଲା-ହଁ ଭିତରେ ଅଛି । କଣ ହେଇଛି, ତୁ ଏମିତି ଧଇଁସଇଁ ହେଇଯାଉଛୁ ? ସୋମୁ ତାଙ୍କ ବିଦ୍ୟାଳୟରେ ଘଟିଥିବା ସମସ୍ତ ଘଟଣା କହିଲା ଦରୱାନ ହସିହସି କହିଲେ - ଓଃ , ଏଇଥିପାଇଁ ତା'ହାଲେ ସକାଳୁ ସକାଳୁ ଏଠାକୁ ଆସିଛି । ହଉ ତୁ ଯା ତାକୁ ବୁଝାବୁଝି କର । ତା ମନ ବଦଳିଯିବ ଯେ ।

ସମୟ ପ୍ରାୟ ୭.୩୦ରୁ ୮ଟା ହେବ । ଭିତରେ ଜଣେ ଅଧେ କର୍ମଚାରୀ ଏପଟ ସେପଟ ହେଉଥିଲେ । ଅନ୍ୟମାନେ ବଗିଚାକୁ ଲାଗିଥିବା ପଡିଆରେ ଦରି ବିଛାଇ ଯୋଗ କରୁଥିଲେ ସବୁଦିନ ପରି । ମନୀଷର ମନଟା ପୂରା ଭାଙ୍ଗିଯାଇଥିଲା । ତାକୁ କିଛି ଭଲଲାଗୁନଥିଲା । ଚୁପ୍‌ଚାପ ପୋଖରୀ ତୁଠକୁ ଗଲା । ଶୀତଦିନେ ଏତେ ସକାଳୁ ଖରା ତ ପଡି ନଥିଲା । ମାଛମାନେ କୂଳକୁ ଆସୁନଥିଲେ । ବିରକ୍ତରେ ଉଠିଆସିଲା ସେ । ଅନ୍ୟମନସ୍କ ଭାବରେ ଚାଲିଲା । ଚାଲିଚାଲି ଦ୍ୱିତୀୟ ଗେଟ୍ ଟପିଯାଇଥିଲା । ଗେଟ୍ ପାଖରେ କେହି ଜଗୁଆଳି ନଥିଲେ । ସୋମୁ ତାକୁ ଦୂରରୁ ଦେଖିନେଲା । ସେଠାରେ ବଡ ପାଟି କଲେ ପାଗଳାବାବା ରାଗିବେ । ମୋ ପାଇଁ ସେଠାକାର କର୍ମଚାରୀ ଦଣ୍ଡିତ ହୋଇପାରନ୍ତ । ଏ କଥା ଚିନ୍ତା କରି ସୋମୁ ଛପିଛପି ଦୌଡିଲା ଦ୍ୱିତୀୟ ଫାଟକ ଆଡକୁ । ଭିତରର କର୍ମଚାରୀମାନେ ତାକୁ ଦେଖିଦେଲେ ଅନର୍ଥ ଘଟିପାରେ । ଏଠାକାର କର୍ମଚାରୀ ମାନେ ମଧ୍ୟ ଦ୍ୱିତୀୟ ଫାଟକ ସେପଟକୁ ଯାଆନ୍ତିନି ।

ପାଗଳାବାବା ଏକାକୀ ଦ୍ୱିତୀୟ ଗେଟ୍ ପରେ ଥିବା ବିଶାଳକାୟ କୋଠାରେ ରହନ୍ତି । କୋଠାକୁ ଲାଗି ଏକ ଛୋଟ ରୁମ୍ ଅଛି । ସେହି ରୁମ୍‌ରେ ଖାଦ୍ୟ ରହେ । ଜଣେ ରୋଷେୟାକୁ ହିଁ ସେଠାକୁ ଖାଦ୍ୟ ନେଇ ରଖିବାର ଅନୁମତି ଅଛି । ଆଉ କେହି ସେ ଗେଟ୍ ଡେଇଁ ଯାଆନ୍ତିନି ।

(କ୍ରମଶଃ)

+ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦



ବିନୟ କୁମାର ଦାସ

# ଜଜ୍ ହେବ ତ ଏମିତି



ଆଇନ୍ ସବୁବେଳେ ଆଇନ୍। ଏହା ସମସ୍ତଙ୍କ ପାଇଁ ସମାନ । ଧନୀ, ଦରିଦ୍ର, ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ, ସାଧାରଣ ଜନତା, ଶାସକ, ଶାସିତ କେହି ଆଇନ୍‌ର ଉର୍ଦ୍ଧ୍ୱରେ ନୁହଁନ୍ତି । ଏହି ମହାନ ନୀତି ଓ ନିର୍ମମ ସତ୍ୟକୁ ଯିଏ ଆନ୍ତରିକତାର ସହିତ ପାଳନ କରିବାରେ ଦ୍ୱିଧାବୋଧ କରନ୍ତି ନାହିଁ, ସେ ହିଁ ଉପଯୁକ୍ତ ବିଚାରପତି । ସାର୍ ଟି. ମୁଥୁସ୍ୱାମୀ ଆୟାର୍ ଏହିପରି ଜଣେ ନ୍ୟାୟବନ୍ତ ବିଚାରପତି ଥିଲେ । ସେ ଥିଲେ ତତ୍କାଳୀନ ମାନ୍ଦ୍ରାଜ୍ ହାଇକୋର୍ଟର ପ୍ରଧାନ ବିଚାରପତି । ଇଂରେଜ ଶାସନ କାଳରେ ଏପରି ଏକ ଗୌରବୋଜ୍ଜ୍ୱଳ ପଦବୀରେ ଅଧିଷ୍ଠିତ ହୋଇଥିବା ସେ ଥିଲେ ପ୍ରଥମ ଭାରତୀୟ ।

ଭାରତବର୍ଷରେ ଇଂରେଜ ଶାସନ ଚାଲିଥିବା ସମୟର ଘଟଣା । ବ୍ରିଟିଶ ଶାସନ ଗାଦିରେ ଥିଲେ ସମ୍ରାଟ ସପ୍ତମ ଏଡୱାର୍ଡ (୧୯୦୧-୧୦) । ସେ ଏମିତି ଏକ ମାରାତ୍ମକ ବେଆଇନ୍ କାମ କରିଦେଲେ ଯେ ତାହା ଆଇନ୍‌ର ଆଖିରେ ଦଣ୍ଡନୀୟ ଥିଲା । 'ହାଉସ୍ ଅଫ୍ କମନ୍ସ୍' ଓ 'ହାଉସ୍ ଅଫ୍ ଲର୍ଡସ'ରେ ବିଷୟଟି ବେଶ୍ ସରଗରମ ଭାବରେ ଆଲୋଚନା କରାଗଲା ଏବଂ ବିଚାରରେ ମହାମାନ୍ୟ ସମ୍ରାଟ ସପ୍ତମ ଏଡୱାର୍ଡଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା । ସମ୍ରାଟ ବି ନିଜର ଦୋଷ ସ୍ୱୀକାର କରିଗଲେ ଏବଂ ଦଣ୍ଡକୁ ଅପେକ୍ଷା କରି ରହିଲେ । ଜଣେ ବ୍ରିଟିଶ୍ ଶାସକ ଆଇନ୍ ଆଖିରେ ଦୋଷୀ । ତାଙ୍କୁ ଦଣ୍ଡ ବିଧାନ କରାଯିବ । ଏହା ଚିରାଚରିତ ବିଚାରଧାରାର ଦଣ୍ଡ ହୋଇ ନପାରେ । ତେଣୁ ସମ୍ରାଟଙ୍କ ଦୋଷ ସଂକ୍ରାନ୍ତୀୟ ସମସ୍ତ କାଗଜପତ୍ରର ନକଲ ବ୍ରିଟିଶ ସାମ୍ରାଜ୍ୟର ବିଭିନ୍ନ ନ୍ୟାୟାଳୟର ବିଚାରପତିମାନଙ୍କ ନିକଟକୁ ପଠାଇ ଦିଆଗଲା । ଜଣେ ସମ୍ରାଟଙ୍କ ପାଇଁ କି ପ୍ରକାରର ଦଣ୍ଡ ବିଧାନ କରାଯାଇପାରିବ ସେ ସଂପର୍କରେ ବିଚାରପତି ମାନଙ୍କର ସୁଚିନ୍ତିତ ପରାମର୍ଶ ଲୋଡା ଗଲା ।

ନିର୍ଦ୍ଦିଷ୍ଟ ସମୟସୀମା ମଧରେ ବିଚାରପତି ମାନଙ୍କଠାରୁ ମତାମତ ଓ ପରାମର୍ଶ ଆସି ପହଂଚିଗଲା । ମାତ୍ର କୌଣସି ଗୋଟିଏ ପ୍ରସ୍ତାବ ଗ୍ରହଣ ଯୋଗ୍ୟ ବିବେଚିତ ହେଲା ନାହିଁ ।

ଶେଷରେ ଯେତେବେଳେ ସାର୍ ଟି. ମୁଥୁସ୍ୱାମୀ ଆୟରଙ୍କ ପତ୍ର ମିଳିଲା, ସେଥିରେ ଉଲ୍ଲିଖିତ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଗଲା । ତାଙ୍କ ପ୍ରସ୍ତାବର ସାରମର୍ମ ଥିଲା, ଦୋଷୀ ସାବ୍ୟସ୍ତ ହେବା ପରେ ଆଇନ୍ ଆଖିରେ ସଭିଏଁ ସମାନ । ସେଠାରେ ଶାସକ ଶାସିତର ପ୍ରଭେଦ ରହିବା ଉଚିତ ନୁହେଁ। ବିଶେଷ କରି ଜଣେ ଶାସକ ଯଦି ଦୋଷ କରନ୍ତି, ତେବେ ତାଙ୍କୁ ଏପରି ଦଣ୍ଡ ଦେବା ଉଚିତ, ଯେପରି ଆଗାମୀ ଦିନ ପାଇଁ ତାହା ଏକ ପ୍ରକୃଷ୍ଟ ଉଦାହରଣ ହୋଇ ରହି ଯାଇପାରିବ। ମୁଁ ଏ କ୍ଷେତ୍ରରେ ପ୍ରସ୍ତାବ ଦେଉଛି ଯେ ଅତି କମ୍‌ରେ ଏକକୋଟି ମୁଦ୍ରା ମୁଦ୍ରାଶାଳରେ ପ୍ରସ୍ତୁତ କରାଯାଉ। ଗୋଟିଏ ମୁକ୍ତ ସ୍ଥାନରେ ସପ୍ତମ ଏଡ୍‌ୱାର୍ଡଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ, ଯେଉଁ ମୂର୍ତ୍ତିର ମୁଣ୍ଡରେ ଶାସନ ମୁକୁଟ ନ ଥିବ । ସେହି ମୂର୍ତ୍ତି ସମ୍ମୁଖରେ ହିଁ ମୁଦ୍ରାର ଉନ୍ମୋଚନ କରାଯିବ ।"

ଜଣେ ବ୍ରିଟିଶ ଶାସକଙ୍କ ବିରୁଦ୍ଧରେ ଏମିତି ଦଣ୍ଡ ବିଧାନର ପ୍ରସ୍ତାବ ଦେବା କିଛି ସାଧାରଣ କଥା ନଥିଲା। ନିଶ୍ଚିତ ଭାବରେ ଏହା ଥିଲା ଏକ ଦୁଃସାହସିକ ପଦକ୍ଷେପ । ବ୍ରିଟିଶ ଶାସକଗଣ ଏହି ମହିମାମୟ ବିଚାରପତିଙ୍କ ବଳିଷ୍ଠ ବ୍ୟକ୍ତିତ୍ୱକୁ ସମ୍ମାନ ଜଣାଇଥିଲେ ଏବଂ ତଦନୁସାରେ ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା ।

+ ଅଂଗାରଗଡିଆ, ବାଲେଶ୍ୱର-୧

# ବସ୍ ଚଳାଚଳ ପାଇଁ ଜାରି ହେବ ଗାଇଡ୍ ଲାଇନ୍ : ପରିବହନ ମନ୍ତ୍ରୀ

ଭୁବନେଶ୍ୱର,୨/୭ (ନି.ପ୍ର): ଜୁଲାଇ ମାସର କରୋନା ଗାଇଡ୍ ଲାଇନ୍ ରେ ୨୦ ଟି ଜିଲ୍ଲାରେ ବସ୍ ଚଳାଚଳ ପାଇଁ ଅନୁମତି ମିଳିଛି। ବସ୍ ଚଳାଚଳ ପାଇଁ ଗାଇଡ୍ ଲାଇନ୍ ଜାରି କରାଯିବ ବୋଲି କହିଛନ୍ତି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା। ସେ କହିଛନ୍ତି ଯେ ବସ୍ ଚଳାଚଳ ନେଇ ପରିବହନ ବିଭାଗ ପକ୍ଷରୁ ଆରଟିଓ ଓ ବସ୍ ସଂଘ ଗୁଡ଼ିକୁ ଗାଇଡ୍‌ଲାଇନ୍ ଦିଆଯିବ। ବସ୍ ରେ ଥିବା ସିଟ୍ କ୍ଷମତା ଅନୁସାରେ ଯାତ୍ରୀମାନେ ଯାଇପାରିବେ। ବସ୍ ରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯିବ। ପରିବହନ ମନ୍ତ୍ରୀ କହିଛନ୍ତି ଯେ ଯେଉଁ ଜିଲ୍ଲା ଗୁଡ଼ିକରେ ବସ୍ ଚଳାଚଳ ପାଇଁ ଅନୁମତି ଦିଆଯାଇଛି, ସେହି ଜିଲ୍ଲା ଗୁଡ଼ିକ ମଧ୍ୟରେ ବସ୍ ଚଳାଚଳ କରିପାରିବ। ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ସ୍ଥିତିକୁ ଦେଖି ଗତକାଲି ରାଜ୍ୟରେ ଜୁଲାଇ ୧୬ ସକାଳ ୫ଟା ପର୍ଯ୍ୟନ୍ତ ଆଂଶିକ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ବେଳେ ୨୦ଟି ଜିଲ୍ଲାରେ ବସ୍ ଚଳାଚଳକୁ ବି ଅନୁମତି ଦିଆଯାଇଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି, ଗଂଜାମ, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାକୁ 'ଏ' କ୍ୟାଟେଗୋରୀରେ ରଖାଯାଇଛି। ଏହି ସବୁ ସ୍ଥାନରେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନବଜାର ଖୋଲିବାକୁ ଅନୁମତି ଦିଆଯିବା ସହିତ ବସ୍ ଓ ଟ୍ୟାକ୍ସି ଚଳାଚଳକୁ ଅନୁମତି



ଦିଆଯାଇଛି। ଅନ୍ୟପକ୍ଷରେ ବି କ୍ୟାଟେଗୋରୀରେ ଥିବା ୧୦ ଟି ଜିଲ୍ଲାରେ ବସ୍ ଚଳାଚଳକୁ ଅନୁମତି ମିଳିନାହିଁ।

# ଆୟୁଷ ଡାକ୍ତର ରିଲିଭ୍ ନ ହେବାକୁ ନେଇ ପ୍ରଶ୍ନ ଉଠାଇଲା ସଂଘ

ଭୁବନେଶ୍ୱର ,୨/୭ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ହ୍ରାସକୁ ନଜରରେ ରଖି ସରକାର ଗତ ୨୧ତାରିଖରେ କୋଭିଡ୍ ଡ୍ୟୁଟିରେ ନିୟୋଜିତ ହୋଇଥିବା ଆୟୁଷ ଡାକ୍ତରଙ୍କୁ ରିଲିଭ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ସଂକ୍ରମିତଙ୍କ ସଂଖ୍ୟାକୁ ନଜରରେ ରଖି ରାଜ୍ୟ ସରକାର ଜିଲ୍ଲାମାନଙ୍କୁ ୨ଭାଗରେ ବିଭକ୍ତ କରିଛନ୍ତି। କାଟାଗୋରି 'ଏ'ରେ ୫ ପ୍ରତିଶତରୁ କମ୍ ସଂକ୍ରମଣ ହାର ଜିଲ୍ଲା ରହିଛି। ଢେଙ୍କାନାଳ ଜିଲ୍ଲା 'ଏ' ବର୍ଗରେ ସାମିଲ ହୋଇଛି। ମାତ୍ର ରାଜ୍ୟରେ କୋଭିଡ୍ ଡ୍ୟୁଟିରେ ନିୟୋଜିତ ହୋଇଥିବା ୨୩ଜଣ ଆୟୁଷ ଡାକ୍ତରଙ୍କୁ ଜିଲ୍ଲା ପ୍ରଶାସନ ଏବେ ସୁଦ୍ଧା ରିଲିଭ୍ କରି ନାହାନ୍ତି। ଯାହାକୁ ନେଇ ପ୍ରଶ୍ନ ଉଠାଇଛି ରାଜ୍ୟ ସରକାରୀ ଆୟୁର୍ବେଦିକ ଚିକିତ୍ସକ ସଂଘ। ସଂଘର କହିବା ମୁତାବକ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଓ ଢେଙ୍କାନାଳ ଜିଲ୍ଲା କାଟାଗୋରି 'ଏ'ରେ ସାମିଲ ହୋଇଥିଲେ ହେଁ ଜିଲ୍ଲାରୁ ଆୟୁଷ ଡାକ୍ତରଙ୍କୁ ରିଲିଭ୍ କରାଯାଉ ନାହିଁ। ଯଦି ଡାକ୍ତରଙ୍କୁ ରିଲିଭ କରା ନ ଯିବ ତାହାଲେ ଆୟୁଷ ଡିସପେନସାରି ଗୁଡ଼ିକରେ ପଡ଼ି ରହିଥିବା କୋଟି କୋଟି ଟଙ୍କାର ଔଷଧ କିଭଳି ଲୋକଙ୍କ ପାଖରେ ପହଞ୍ଚିବ। ତେଣୁ ଢେଙ୍କାନାଳରେ କାର୍ଯ୍ୟରତ ଆୟୁଷ ଡାକ୍ତରଙ୍କୁ ତୁରନ୍ତ ରିଲିଭ୍ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଢେଙ୍କାନାଳ ଜିଲ୍ଲା ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ) ଡା. ଜ୍ୟୋତିଷ ମହାପାତ୍ର କହିଛନ୍ତି, ଜିଲ୍ଲାରେ ସଂକ୍ରମଣ ହାର ଟିକେ ଉଚ୍ଚା ରହୁଥିଲା। ଜିଲ୍ଲାରେ ୬ଟି କୋଭିଡ୍ କେୟାର ସେଣ୍ଟର ବା ସିସିସି ରହିଛି। ଗୋଟିଏ ସିସିସିରେ ଓପିଏସ୍‌ସି ଦ୍ୱାରା ନିଯୁକ୍ତ ହୋଇଥିବା ୩ଜଣ ଓ ଏନ୍‌ଆରଏଚ୍‌ଏମ୍ ଦ୍ୱାରା ନିଯୁକ୍ତ ଜଣଙ୍କୁ ମିଶାଇ ସମୁଦାୟ ୪ଜଣ ଆୟୁଷ ଡାକ୍ତର ଡ୍ୟୁଟି କରୁଛନ୍ତି। ଖୁବଶୀଘ୍ର ଏସବୁ ସିସିସି ବନ୍ଦ ହେବାକୁ ଯାଉଛି। ତେଣୁ ଆସନ୍ତା ୧୦ଦିନ ଭିତରେ ଆୟୁଷ ଡାକ୍ତରଙ୍କୁ ରିଲିଭ୍ କରି ଦିଆଯିବ ବୋଲି ଡା. ମହାପାତ୍ର କହିଛନ୍ତି।

# କୃଷକ ଆନ୍ଦୋଳନରୁ ନଜର ହଟାଇବାକୁ ବିଜେପିର କୁମ୍ଭୀର କାନ୍ଦଣା : ବିଜେଡି

ଭୁବନେଶ୍ୱର,୨/୭ (ନି.ପ୍ର): ଦୀର୍ଘ ଏକବର୍ଷରୁ ଅଧିକ ସମୟ ଧରି ବିଜେପି ଶାସିତ ରାଜ୍ୟ ଉତରପ୍ରଦେଶ ଓ ହରିଆନାରେ ସେମାନଙ୍କ ଦଳ ବିରୁଦ୍ଧରେ ଚାଲିଥିବା କୃଷକ ଆନ୍ଦୋଳନରୁ ସାଧାରଣ ଲୋକଙ୍କ ନଜର ହଟାଇବା ପାଇଁ ଓଡିଶା ବିଜେପି ଏବଂ ତାଙ୍କ ଦଳର ନେତା ପୃଥ୍ୱୀରାଜ ହରିଚନ୍ଦନ ପୁଣିଥରେ କେତେକ ମିଥ୍ୟା ଓ ଭିତିହୀନ ବିବୃତି ଦେଇଛନ୍ତି । କୃଷକଙ୍କ ପାଇଁ ବିଜେପିର ଏହା କୁମ୍ଭୀର କାନ୍ଦଣା ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି। କେନ୍ଦ୍ରରେ ଶାସନ କରୁଥିବା ତାଙ୍କ ଦଳ ବର୍ତମାନ ସୁଦ୍ଧା ଧାନକିଣା ସବସିଡ ଆକାରରେ ବାକିଥିବା ୬୬୨୦ କୋଟି ଟଙ୍କା ଓଡିଶାକୁ ଦେଉନଥିବା ପ୍ରସଙ୍ଗକୁ ଶ୍ରୀ ହରିଚନ୍ଦନ ଘୋଡାଇବାକୁ ଚେଷ୍ଟା କରୁଛନ୍ତି । ଏଥି ସହିତ ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାର ଓଡିଶାରୁ ୧୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନଉଠାଇବା ଘଟଣାକୁ ମଧ ସେ ଲୁଚାଇବାକୁ ଅପଚେଷ୍ଟା କରୁଛନ୍ତି । ତାଙ୍କ ଦଳ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ୧.୫ ଗୁଣା ବୃଦ୍ଧି କରିନାହିଁ ଯାହାକି ଦଳୀୟ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା କିମ୍ବା ସେମାନେ ସ୍ୱାମୀନାଥନ କମିଶନ ରିପୋର୍ଟ ସୁପାରିଶକୁ ବି ବର୍ତମାନ ସୁଦ୍ଧା କାର୍ଯ୍ୟକାରୀ କରିନାହାନ୍ତି । ରାଜନୈତିକ ଦୃଷ୍ଟିରୁ ଗଣମାଧମରେ ତିଷ୍ଠି ରହିବା ପାଇଁ ଏଭଳି ବିବୃତି ଦେବା ରାଜ୍ୟ ବିଜେପି ନେତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି।

# ଫସଲବୀମା ସପ୍ତାହ ଅବସରରେ ଜନସଚେତନତା ବୃଦ୍ଧି ନିମନ୍ତେ ପ୍ରଚାର ଗାଡ଼ିର ଶୁଭାରମ୍ଭ

ଭୁବନେଶ୍ୱର,୨/୭ (ନି.ପ୍ର): ଫସଲବୀମା ସପ୍ତାହ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ପ୍ରଚାର ଓ ପ୍ରସାର ଏବଂ ଚାଷୀମାନଙ୍କ ମଧ୍ୟରେ ଜନସଚେତନତା ବୃଦ୍ଧି ନିମନ୍ତେ ଫସଲବୀମା ଯୋଜନା ପ୍ରଚାର ଗାଡ଼ିକୁ ଆଜି କୃଷି ଭବନଠାରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ୧୦ଟି ଆକାଂକ୍ଷୀ ଜିଲ୍ଲାର ୧୦ଟି ପଛୁଆ ବ୍ଲକ୍ ରେ ଚାଷୀମାନଙ୍କୁ ଅଧିକ ସଚେତନ କରିବା ପାଇଁ ୨ଟି ପ୍ରଚାର ଗାଡ଼ିର ବ୍ୟବସ୍ଥା କରାଯାଇଛି । ପ୍ରଥମ ଗାଡ଼ିଟି ଭୁବନେଶ୍ୱରରୁ ବାହାରି ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରିର ବ୍ଲକ୍ ଗୁଡ଼ିକ ପରିକ୍ରମା କରିବ ଏବଂ ଦ୍ୱିତୀୟ ଗାଡ଼ିଟି ଢେଙ୍କାନାଳରୁ ଯାତ୍ରା ଆରମ୍ଭ କରି ଢେଙ୍କାନାଳ ସମେତ ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା ଓ ରାୟଗଡ଼ା ଜିଲ୍ଲାର ବ୍ଲକ୍‌ରେ ପ୍ରଚାର କାର୍ଯ୍ୟ କରିବ। ଫସଲ ବୀମା ଯୋଜନା ସମ୍ବନ୍ଧରେ ଚାଷୀମାନଙ୍କୁ ଅଧିକ ସଚେତନ କରିବା ନିମନ୍ତେ ଚଳିତ ବର୍ଷ ଜୁଲାଇ ମାସ ୧ରୁ ୭ ତାରିଖ ପର୍ଯ୍ୟନ୍ତ 'ଫସଲବୀମା ସପ୍ତାହ' ପାଳନ କରାଯାଉଛି । ଖରିଫ ୨୦୨୦ ବର୍ଷରେ ରାଜ୍ୟରେ ମୋଟ ୧୫.୫ ଲକ୍ଷ ଚାଷୀଙ୍କର ୧୧.୩୮ ଲକ୍ଷ ହେକ୍ଟର ଜମିକୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମାଭୁକ୍ତ କରାଯାଇଥିଲା । ଚଳିତ ଖରିଫ ଋତୁରେ ୧୨.୫ ଲକ୍ଷ ହେକ୍ଟର ଜମିକୁ ବୀମାଭୁକ୍ତ କରିବା ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଚଳିତ ଖରିଫ ଋତୁରେ ବୀମା ପଂଜୀକରଣ ନିମନ୍ତେ ୩୧ ଜୁଲାଇ ଶେଷ ତାରିଖ ରହିଛି। ଏହି ଯୋଜନା ଖରିଫ ଋତୁରେ ୮ଟି ଫସଲ ଯଥା ଧାନ, କପା, ମକା, ମାଣ୍ଡିଆ, ହରଡ଼, ଚିନାବାଦାମ, ଅଦା ଏବଂ ହଳଦୀକୁ ଅନ୍ତର୍ଭୁକ୍ତ କରାଯାଇଛି । ସେହିପରି ରବି ଋତୁରେ ୯ଟି ଫସଲ ଯଥା ଧାନ, ମୁଗ, ବିରି, ଚିନାବାଦାମ, ଆଳୁ, ସୋରିଷ, ସୂର୍ଯ୍ୟମୁଖୀ, ପିଆଜ ଏବଂ ଆଖୁ ଫସଲକୁ ବିଜ୍ଞାପିତ କରାଯାଇଛି । ଏଥି ନିମନ୍ତେ ଖରିଫ ଋତୁରେ ଚାଷୀମାନଙ୍କୁ ସ୍କେଲ ଅଫ ଫାଇନାନ୍ସର ୨% ପ୍ରିମିୟମ୍ ପ୍ରଦାନ କରିବାକୁ ପଡୁଥିବାବେଳେ ରବି ଋତୁରେ ୧.୫% ପ୍ରିମିୟମ୍ ପ୍ରଦାନ କରିବାକୁ ହୋଇଥାଏ । ମାତ୍ର ବ୍ୟବସାୟିକ ଫସଲ ଯଥା ଆଳୁ, ପିଆଜ, ଅଦା, ହଳଦୀ, ଆଖୁ ପାଇଁ ୫% ପ୍ରିମିୟମ୍ ଦେବାକୁ ପଡ଼ିଥାଏ । ବୀମା ପ୍ରିମିୟମ୍ ର ବାକି ରାଶି ରାଜ୍ୟ ଏବଂ କେନ୍ଦ୍ର ସରକାର ୫୦:୫୦ ଅନୁପାତ ରେ ବହନ କରିଥାନ୍ତି । ବୀମା ଯୋଜନା ନିମନ୍ତେ ଆମ ରାଜ୍ୟର ଜିଲ୍ଲାମାନଙ୍କୁ ୬ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଛି ଏବଂ ଏଥି ନିମନ୍ତେ ୩ଟି ବୀମା କମ୍ପାନୀ ନିୟୋଜିତ କରାଯାଇଛି। ସେଗୁଡ଼ିକ ହେଲା ଏଗ୍ରିକଲଚର ଇନ୍ସୁରାନ୍ସ କଂପାନୀ ଲିମିଟେଡ୍, ରିଲାୟନ୍ସ ଜିଆଇସି ଲିମିଟେଡ୍ ଏବଂ ଏଚ୍.ଡି.ଏଫ୍.ସି ଏରଗୋ ଜିଆଇସି ଲିମିଟେଡ୍ । ସମସ୍ତ ବ୍ୟାଙ୍କ, ପ୍ୟାକ୍ସ ଏବଂ ଜନସେବା କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କର ପଂଜୀକରଣ କରାଯିବାର ବ୍ୟବସ୍ଥା କରାଯାଇଛି । ଫସଲ ବୀମା ଯୋଜନାକୁ ସୁଦୂରପ୍ରସାରୀ କରିବା ନିମନ୍ତେ ରାଜ୍ୟ ସରକାର ମଧ ନିଜସ୍ୱ ଯୋଜନା ପ୍ରଣୟନ କରିଛନ୍ତି। ବୀମା କାର୍ଯ୍ୟକୁ ଅଧିକ ସୁସଂଗତ କରିବା ପାଇଁ ଆମ ରାଜ୍ୟର ଭୁଲେଖ ପୋର୍ଟାଲକୁ ନ୍ୟାସନାଲ କ୍ରପ୍ ଇନ୍ସ୍ୟୁରାନ୍ସ ପୋର୍ଟାଲ ସହ ସଂଯୋଗୀକରଣ କରାଯାଇଛି । ସୂଚନାଯୋଗ୍ୟ ଯେ, ରାଜ୍ୟରେ ୨୦୧୬ ମସିହାଠାରୁ ଅଦ୍ୟାବଧି ୩୯.୬୪ ଲକ୍ଷ ବୀମାଭୁକ୍ତ ଜମି ବାବଦରେ ହିତାଧିକାରୀଙ୍କୁ ୪୯୬୩.୩୪ କୋଟି ଟଙ୍କାର ବୀମାରାଶି ପ୍ରଦାନ କରାଯାଇଛି । ଆଜିର କାର୍ଯ୍ୟକ୍ରମରେ କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାରଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ୧୫ଟି ଫାଷ୍ଟ ଟ୍ରାକ୍ କୋର୍ଟ ଉଦ୍‌ଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି

ଭୁବନେଶ୍ୱର,୨/୭ (ନି.ପ୍ର): ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ରାଜ୍ୟରେ ୧୫ଟି ସ୍ୱତନ୍ତ୍ର କୋର୍ଟ ଭର୍ଚୁଆଲ୍ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏହି କୋର୍ଟଗୁଡ଼ିକୁ ପକ୍‌ସୋ ଆଇନ୍ ଏବଂ ଦୁଷ୍କର୍ମ ସମ୍ବନ୍ଧୀୟ ମାମଲାଗୁଡ଼ିକର ବିଚାର କରିବେ । ଏହି ୧୫ଟି ଫାଷ୍ଟ ଟ୍ରାକ୍ କୋର୍ଟ କଟକ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, କେନ୍ଦ୍ରପଡ଼ା, ଖୋର୍ଦ୍ଧା, କୋରାପୁଟ, କନ୍ଧମାଳ, ରାୟଗଡ଼ା, ସମ୍ବଲପୁରରେ କାର୍ଯ୍ୟ କରିବ ଏବଂ ଜଗତସିଂହପୁର ସିଭିଲ୍ ଜଜ୍‌ଙ୍କ ଅଧୀନରେ ଏରସମାଠାରେ ଜୁନିଅର ଡିଭିଜନ୍ ତଥା ଜୁଡ଼ିସିଆଲ୍ ମାଜିଷ୍ଟ୍ରେଟ୍ ଫାଷ୍ଟ ଟ୍ରାକ୍ କୋର୍ଟ ଖୋଲା ଯାଇଥିବାବେଳେ ଗଞ୍ଜାମ ସିଭିଲ୍ ଜଜ୍‌ଙ୍କ ଅଧୀନରେ ପୋଲସରାଠାରେ ଜୁନିଅର ଡିଭିଜନ୍ ତଥା ଜୁଡ଼ିସିଆଲ୍ ମାଜିଷ୍ଟ୍ରେଟ୍ ଫାଷ୍ଟ ଟ୍ରାକ୍ କୋର୍ଟ ଖୋଲାଯିବ । ଏହି ଉଚ୍ଚସ୍ତରୀୟ ବୈଠକରେ ଉଚ୍ଚନ୍ୟାୟାଳୟର ଜଜ୍ ନ୍ୟାୟମୂର୍ତି କୁମାରୀ ସଂଜୁ ପଣ୍ଡା, ନ୍ୟାୟମୂର୍ତି ଏସ୍.କେ. ମିଶ୍ର, ନ୍ୟାୟମୂର୍ତି ସି.ଆର. ଦାସ, ନ୍ୟାୟମୂର୍ତି ବିଶ୍ୱଜିତ ମହାନ୍ତି, ନ୍ୟାୟମୂର୍ତି ଡ. ବି.ଆର. ଷଡଙ୍ଗୀ, ନ୍ୟାୟମୂର୍ତି ଏସ୍. ପୂଜାରୀ, ନ୍ୟାୟମୂର୍ତି ବିଶ୍ୱନାଥ ରଥ, ନ୍ୟାୟମୂର୍ତି ଏସ୍.କେ. ସାହୁ, ନ୍ୟାୟମୂର୍ତି କେ. ଆର. ମହାପାତ୍ର, ନ୍ୟାୟମୂର୍ତି ବି.ପି. ରାଉତରାୟ ଏବଂ ନ୍ୟାୟମୂର୍ତି ଏସ୍.କେ. ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସବୁଜ ଭାରତ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ

ଭୁବନେଶ୍ୱର,୨/୭ (ନି.ପ୍ର): ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସାମାଜିକ ଅନୁଷ୍ଠାନ 'ସବୁଜ ଭାରତ' ପକ୍ଷରୁ ସହିଦନଗରସ୍ଥିତ ୟୁପିଏସ୍ ହସ୍ପିଟାଲ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ସମାଜସେବୀ ସତ୍ୟବ୍ରତ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଶାସକ ଦେବରାଜ ସେନାପତି ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ବିଭିନ୍ନ ପ୍ରକାର ବୃକ୍ଷରୋପଣ ସହିତ ଅମ୍ଳଜାନର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଜନତା ଦଳର ସାଂସ୍କୃତିକ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ତଥା 'ଦୂରଦର୍ଶୀ'ର ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ, ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଶୁଭ୍ରଜିତ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। କରୋନା ମହାମାରୀ ସମୟରେ ସବୁଜ ଭାରତର କର୍ମକର୍ତ୍ତାମାନେ ସାମାଜିକ ଦୂରତା ଓ ମାସ୍କ ପିନ୍ଧି ଆଗକୁ ଏହି କାର୍ଯ୍ୟକ୍ରମକୁ କ୍ରମାଗତ ଭାବେ ଜାରି ରଖିବା ପାଇଁ ଶପଥ ନେଇଥିଲେ। ଦୀର୍ଘ ୭ ବର୍ଷ ଧରି ସବୁଜ ଭାରତ ଅନୁଷ୍ଠାନର କର୍ମକର୍ତ୍ତାମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷସାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। କରୋନା ମହାମାରୀ ସମୟରେ ଅମ୍ଳଜାନର ଯେଉଁ ଘୋର ଅଭାବ ପରିଲକ୍ଷିତ ହେଲା, ଆମ ଦେଶରେ ଯଦି ଆମେ ବୃକ୍ଷରୋପଣକୁ ଗୁରୁତ୍ୱ ଦେବା, ତେବେ ଆଗକୁ ଅମ୍ଳଜାନର ଅଭାବ ରହିବ ନାହିଁ ବୋଲି ମତପ୍ରକାଶ ପାଇଥିଲା।

# ପୂର୍ତ୍ତ ବିଭାଗର ୧୨୨ ଅଫିସ୍‌ର ୫୮.୮୨ଲକ୍ଷ ବିଦ୍ୟୁତ ବିଲ୍ ବାକି

ଭୁବନେଶ୍ୱର ,୨/୭ (ନି.ପ୍ର): ପୂର୍ତ୍ତ ବିଭାଗର ୭ଟି ଜିଲ୍ଲାରେ ଥିବା ୧୨୨ଟି କାର୍ଯ୍ୟାଳୟରେ ୫୮ଲକ୍ଷ ୮୨ହଜାର ୨ଟଙ୍କା ବିଦ୍ୟୁତ୍ ବିଲ୍ ବାକି ଅଛି। ତେଣୁ ଏହାକୁ ତୁରନ୍ତ ପୈଠ କରିବାକୁ ଟିପିସିଓଡିଏଲ୍ ସିଇଓ ଏମ୍.ଶେନବାଗମ ପୂର୍ତ୍ତ ସଚିବ କ୍ରିଷନ କୁମାରଙ୍କୁ ଚିଠି ଲେଖିଛନ୍ତି। ଟିପିସିଓଡିଏଲ୍ ପକ୍ଷରୁ ଲେଖାଯାଇଥିବା ଚିଠିରେ କୁହାଯାଇଛି ଯେ ପୂର୍ତ୍ତ ବିଭାଗର ୭ଟି ଜିଲ୍ଲାରେ ଥିବା ୧୨୨ଟି କାର୍ଯ୍ୟାଳୟରେ ୫୮ଲକ୍ଷ ୮୨ହଜାର ଟଙ୍କା ବାକି ରହିଛି। ତେଣୁ ଏହି ବକେୟା ଅର୍ଥ ତୁରନ୍ତ ଦିଆଯାଉ। ଟିପିସିଓଡିଏଲ୍‌ର ସୂଚନା ଅନୁଯାୟୀ, ଅନୁଗୁଳରେ ଥିବା ୧୩ଟି ଅଫିସ୍‌ରେ ୧୪ଲକ୍ଷ ୪୬ହଜାର ୫୨୫ଟଙ୍କା, କଟକରେ ୨୬ଟି ଅଫିସ୍‌ରେ ୫ଲକ୍ଷ ୯୮ହଜାର ୯୯୨ଟଙ୍କା, ଢେଙ୍କାନାଳରେ ୧୭ଟି ଅଫିସ୍‌ରେ ୧୪ଲକ୍ଷ ୬୨ହଜାର ୩୧୬ଟଙ୍କା, କେନ୍ଦ୍ରାପଡ଼ାରେ ୧୧ଟି ଅଫିସ୍‌ରେ ୧ଲକ୍ଷ ୭୪ହଜାର ୭୪୯ଟଙ୍କା, ଖୋର୍ଦ୍ଧାରେ ୨୮ଟି ଅଫିସ୍‌ରେ ୧୨ଲକ୍ଷ ୭୬ହଜାର ୪୦୦ଟଙ୍କା, ନୟାଗଡ଼ରେ ୭ଟି ଅଫିସ୍‌ରେ ୧ଲକ୍ଷ ୨୮ହଜାର ୩୨୩ଟଙ୍କା, ପୁରୀରେ ୨୦ଟି ଅଫିସ୍‌ରେ ୭ଲକ୍ଷ ୯୪ହଜାର ୬୯୮ଟଙ୍କା ବିଦ୍ୟୁତ୍ ବିଲ୍ ବାକି ଅଛି।

# ଯୋଗାଣ ବିଭାଗ ଶୁଣିଲାନି : କମ୍ ଦରରେ ଚାଷୀ ଧାନ ବିକିଲେ

ଭୁବନେଶ୍ୱର,୨/୭ (ନି.ପ୍ର): ସରକାରୀ ବ୍ୟବସ୍ଥାରେ ତ୍ରୁଟି ଯୋଗୁ ଚାଷୀ ଧାନ ବିକିପାରିଲେ ନାହିଁ। ସେହି ବ୍ୟବସ୍ଥାକୁ ସଜାଡ଼ି ଅନ୍ୟାୟର ଶିକାର ହୋଇଥିବା ଚାଷୀଙ୍କ ଠାରୁ ଧାନ କିଣାଯିବ କି ନାହିଁ ? ଏହାର ଉତ୍ତର ଯୋଗାଣ ବିଭାଗ ଦେଲାନାହିଁ। ସମୟ ଗଡ଼ିଗଲା। ମଣ୍ଡି ବନ୍ଦ ହେଲା ଓ ଅଧିକାରୀମାନେ ବାଟ ଭାଙ୍ଗି ଚାଲିଗଲେ। ସରକାରୀ ବ୍ୟବସ୍ଥାର ଏପରି ସମ୍ବେଦନହୀନ କାର୍ଯ୍ୟ ପାଇଁ ଚାଷୀ ଭୀଷଣ ମାନସିକ ଆଘାତ ପାଇଛନ୍ତି। ଶେଷରେ ନିଜ କଷ୍ଟ ଉପାର୍ଜିତ ଧାନକୁ ଖୁବ୍ କମ୍ ଦରରେ ବିକୁଛନ୍ତି। ଆଉ କିଛି ସ୍ଥାନରେ ଧାନ ନଷ୍ଟ ହେବାରୁ ଚାଷୀ ମୁଣ୍ଡରେ ହାତ ଦେଇ ଘରକୁ ଫେରୁଛନ୍ତି। ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଏହିପରି ଦୃଶ୍ୟ ଦେଖିବାକୁ ମିଳୁଛି। ଅର୍ଥାତ ଜୁନ୍ ୩୦ ତାରିଖରେ ରବି ଧାନ ସଂଗ୍ରହ ସମୟସୀମା ସରିଯାଇଛି। ତାହାର ଯଥେଷ୍ଟ ପୂର୍ବରୁ ବହୁ ଚାଷୀ ଟୋକନ୍ ଲାପ୍‌ସ କରିଯିବାରୁ ଧାନ ବିକିପାରି ନ ଥିଲେ। କିଛି ଚାଷୀଙ୍କର ଧାନ ଅମଳ ପୂର୍ବରୁ ଟୋକନ୍ ଆସିଯାଇଥିଲା ଓ ଅମଳ ସରିଲା ବେଳକୁ ଟୋକନ୍ ଲାପ୍‌ସ କରିଯାଇଥିଲା। ସେମିତି କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା ବହୁ ଚାଷୀ ଟୋକନ୍ ଲାପ୍‌ସ ଯୋଗୁ ଧାନ ବିକିପାରି ନ ଥିଲେ। କିଛି ଚାଷୀ ମଣ୍ଡିକୁ ଧାନ ଆଣିଥିଲେ ମଧ ମଣ୍ଡିରେ ଅବ୍ୟବସ୍ଥା ଯୋଗୁ ସେମାନଙ୍କ ନାମ ଏଣ୍ଟ୍ରିରେ ବିଳମ୍ବ ହେଲା ଓ ଟୋକନ୍ ଲାପ୍‌ସ କରିଗଲା। ବିନା ଦୋଷରେ ଧାନ କିଣା ବ୍ୟବସ୍ଥାରେ ଥିବା ଗୁରୁଚଣ୍ଡାଳ ତ୍ରୁଟି ଯୋଗୁ ବହୁ ଚାଷୀ ସେମାନଙ୍କ ଧାନ ବିକିପାରିଲେ ନାହିଁ। ପାଖାପାଖି ଦୁଇ ସପ୍ତାହ ହେଲାଣି, ଚାଷୀଙ୍କ ସମସ୍ୟାକୁ ନେଇ ସାରା ରାଜ୍ୟରୁ ପ୍ରତିବାଦର ସ୍ୱର ଶୁଭୁଛି। ନିଜ କଷ୍ଟ ଉପାର୍ଜିତ ଧାନକୁ କିଣିବା ପାଇଁ ଚାଷୀମାନେ ଯୋଗାଣ ବିଭାଗର ତଳିଆ ଅଧିକାରୀଙ୍କ ନିକଟରେ ଗୁହାରି କଲେ। ବାସ୍ତବ ସମସ୍ୟା କେଉଁଠି, ତାହା ବୁଝାଇଲେ। ଏଥିରେ ଚାଷୀଙ୍କର କିଛି ଦୋଷ ନାହିଁ ବୋଲି ତଳିଆ ଅଧିକାରୀମାନେ ହୃଦ୍‌ବୋଧ କଲେ। କିନ୍ତୁ ଯୋଗାଣ ବିଭାଗର ବଡ଼ ଅଧିକାରୀମାନେ ଏସବୁ ବୁଝିଲେ ନାହିଁ। ଚାଷୀଙ୍କୁ କିପରି ନ୍ୟାୟ ପ୍ରଦାନ କରାଯିବ ଓ ସେମାନେ ନିଜ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପାଇବେ, ସେ ଦିଗରେ ବିଭାଗ ସର୍ବନିମ୍ନ ଉଦ୍ୟମ କଲା ନାହିଁ। ଟୋକନ୍ ଲାପ୍‌ସ କରିବା ପଛରେ ଥିବା ବାସ୍ତବ କାରଣକୁ ବିଭାଗ ଅନୁସନ୍ଧାନ କଲାନି କି ବଳକା ଧାନ ଉଠାଇଲାନି।

## ସବୁଜ ଭାରତ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ

ଭୁବନେଶ୍ୱର,୨/୭ (ନି.ପ୍ର): ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସାମାଜିକ ଅନୁଷ୍ଠାନ 'ସବୁଜ ଭାରତ' ପକ୍ଷରୁ ସହିଦନଗରସ୍ଥିତ ୟୁପିଏସ୍ ହସ୍ପିଟାଲ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ସମାଜସେବୀ ସତ୍ୟବ୍ରତ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଶାସକ ଦେବରାଜ ସେନାପତି ଯୋଗ ଦେଇ ବୃକ୍ଷରୋପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଜନତା ଦଳର ସାଂସ୍କୃତିକ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି, ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ତଥା 'ଦୂରଦର୍ଶୀ'ର ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ, ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଶୁଭ୍ରଜିତ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। କରୋନା ମହାମାରୀ ସମୟରେ ସବୁଜ ଭାରତର କର୍ମକର୍ତ୍ତାମାନେ ସାମାଜିକ ଦୂରତା ଓ ମାସ୍କ ପିନ୍ଧି ଆଗକୁ ଏହି କାର୍ଯ୍ୟକ୍ରମକୁ କ୍ରମାଗତ ଭାବେ ଜାରି ରଖିବା ପାଇଁ ଶପଥ ନେଇଥିଲେ। କରୋନା ମହାମାରୀ ସମୟରେ ଅମ୍ଳଜାନର ଯେଉଁ ଘୋର ଅଭାବ ପରିଲକ୍ଷିତ ହେଲା, ଆମ ଦେଶରେ ଯଦି ଆମେ ବୃକ୍ଷରୋପଣକୁ ଗୁରୁତ୍ୱ ଦେବା, ତେବେ ଆଗକୁ ଅମ୍ଳଜାନର ଅଭାବ ରହିବ ନାହିଁ ବୋଲି ମତପ୍ରକାଶ ପାଇଥିଲା।

# ଧାନ କିଣିବା ଦାବିରେ ରାଜ୍ୟବ୍ୟାପୀ ପ୍ରତିବାଦ କଲା ବିଜେପି

ଭୁବନେଶ୍ୱର,୨/୭ (ନି.ପ୍ର): ଚାଷୀଙ୍କ ଠାରୁ ସମସ୍ତ ଧାନ କିଣିବା ଦାବିରେ ଗୁରୁବାର ବିଜେପି ପକ୍ଷରୁ ରାଜ୍ୟବ୍ୟାପୀ ସମସ୍ତ ଧାନମଣ୍ଡି ଏବଂ ସିଏସଓ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି । ଆଗାମୀ ଦିନରେ ସମସ୍ତ ଚାଷୀଙ୍କ ଠାରୁ ଧାନ କିଣାନଗଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଚେତାବନୀ ଦେଇଛନ୍ତି । ଶ୍ରୀ ପୁରୋହିତ କହିଛନ୍ତି ଯେ ସାରା ରାଜ୍ୟରେ ହଜାର ହଜାର ସଂଖ୍ୟାରେ ଚାଷୀଙ୍କ ପାଖରେ ଧାନ ବିକ୍ରି ନହୋଇପାରି ସ୍ଥାନୀୟ ମଣ୍ଡିଗୁଡିକରେ ପଡିରହିଛି । ସରକାରଙ୍କ ତରଫରୁ ଟୋକନ ବ୍ୟବସ୍ଥାରେ ଧାନ ବିକ୍ରି ପାଇଁ ଥିବା ବିଧି ବ୍ୟବସ୍ଥାରେ ପ୍ରାୟ ୫ ହଜାର ଚାଷୀଙ୍କ ଟୋକନ ଲ୍ୟାପସ୍ ହେବା କାରଣରୁ ସେମାନଙ୍କ ଧାନ ମଣ୍ଡିରେ ପଡିରହିଛି । ଏଥିପାଇଁ ଯେତେ ସଂଖ୍ୟାରେ ଚାଷୀ ପଞ୍ଜୀକରଣ କରିଥିଲେ ଟୋକନ ନଦେବା କାରଣରୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଖୋଲା ବଜାରରେ କ୍ୱିଂଟାଲ ପିଛା ୧ ହଜାର ଟଙ୍କାରେ ଧାନବିକ୍ରି କରିବାକୁ ବାଧ ହୋଇଛନ୍ତି । ଟୋକନ ପାଇଥିବା ଚାଷୀ ମଣ୍ଡିରେ ଧାନବିକ୍ରି କଲାବେଳେ ମିଲର୍ସ ମାନେ ମନଇଚ୍ଛା କ୍ୱିଂଟାଲ ପିଛା ୮/୧୦ କେଜି କଟନୀ ଛଟନୀ କରି ଚାଷୀଙ୍କୁ ଶୋଷଣ କରୁଛନ୍ତି । ଚଳିତ ରବି ଋତୁରେ ସରକାର ଟୋକନର ଅବଧି ମାତ୍ର ୧୨ ଦିନ କରିଦେଇଥିବାରୁ ଅନେକ ଚାଷୀଙ୍କ ଟୋକନ ଲ୍ୟାପସ ହୋଇଛି । ଏପରି ଅବ୍ୟବସ୍ଥା ବିରୁଦ୍ଧରେ ରାଜ୍ୟ କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟ ଯୋଗାଣ ନିଗମ ଆଗରେ ଧାରଣା ଦିଆଯିବା ସହ ତୁରନ୍ତ ବାକି ଥିବା ଧାନକୁ କିଣିବା ପାଇଁ ଦାବି କରାଯାଇଥିଲା । ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି ରାଜ୍ୟରେ ଧାନ ସଂଗ୍ରହ ପାଇଁ କେନ୍ଦ୍ର ସରକାରଙ୍କ ୧୫୧ ଦିନର ସମୟ ଅବଧିକୁ ଅଣଦେଖା କରାଯାଇଛି । ପିଏମସି କିମ୍ବା ପିପିସି ସଚିବଙ୍କ ଦ୍ୱାରା ୩୦ ଦିନିଆ ଟୋକନ ବ୍ୟବସ୍ଥାର ଅପବ୍ୟବହାର କରାଯାଉଛି । ବିଜେପି ଓଡିଶାର ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏ ଆନ୍ଦୋଳନ ଲଢୁଛି । ଅନ୍ୟପଟେ କଂଗ୍ରେସ ରାଜ୍ୟରେ ବିଜେଡିର ବି ଟିମ୍ ଭାବେ କାମ କରୁଛି । ସେମାନେ ନା ଚାଷୀଙ୍କ ପାଇଁ ଲଢୁଛନ୍ତି ନା ପେଟ୍ରୋଲ ଡିଜେଲ ଉପରୁ ଭାଟ୍ କମାଇବା ପାଇଁ ବିଜେଡିକୁ ବିରୋଧ କରୁଛନ୍ତି । ବିଜେଡିର ଢାଲ ସାଜି କଂଗ୍ରେସ ଓଡିଶାରେ କାର୍ଯ୍ୟ କରୁଛି । ରାଜ୍ୟର ସମସ୍ତ ଜିଲ୍ଲାରେ ଧାନମଣ୍ଡି ଘେରାଉ ଏବଂ ସିଏସଓ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି । ବଲାଙ୍ଗିରରେ ପୂର୍ବତନ ମନ୍ତ୍ରୀ କେ.ଭି ସିଂହଦେଓ, ବିଧାୟକ ମୁକେଶ ମହାଲିଙ୍ଗ, ଜିଲ୍ଲା ସଭାପତି ଶିବାଜୀ ମହାନ୍ତି ଓ ଲକ୍ଷ୍ମଣ ବାଗ୍; ସମ୍ବଲପୁରରେ ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ବିଧାୟକ ନାଉରୀ ନାଏକ ଓ ରାଧେଶ୍ୟାମ ବାରିକ; ନୂଆପଡାରେ ସୁବ୍ରତ ଠାକୁର; ବରଗଡରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ଯୁବମୋର୍ଚ୍ଚା ସଭାପତି ଇରାସିସ ଆଚାର୍ଯ୍ୟ, ଅଶ୍ୱିନୀ ଷଡଙ୍ଗୀ; ସୁନ୍ଦରଗଡରେ ବିଧାୟକ ଭବାନୀ ଭୋଇ, କୁସୁମ ଟେଟେ, ରଂଜନ ପଟେଲ; ଦେବଗଡରେ ବିଧାୟକ ସୁବାଷ ପାଣିଗ୍ରାହୀ, ମୀନକେତନ ପ୍ରଧାନ; ଝାରସୁଗୁଡାରେ ଟଙ୍କଧର ତ୍ରିପାଠୀ, ରାଧାରାଣୀ ପଣ୍ଡା, ମଙ୍ଗଳ ସାହୁ; ରାଉରକେଲାରେ ବିଧାୟକ ଶଙ୍କର ଓରାମ, ଲତିକା ପଟ୍ଟନାୟକ ଓ ନିହାର ରାୟ; କଳାହାଣ୍ଡିରେ ଶର୍ମିଷ୍ଠା ମେହରେ, ଦେବେନ୍ଦ୍ର ମହାନ୍ତି, ରମେଶ ମାଝୀ; କୋରାପୁଟରେ ସୁମନ୍ତ ପ୍ରଧାନ, ଗୌତମ ସାମନ୍ତରାୟ; କେନ୍ଦୁଝରରେ ରାଧାକାନ୍ତ ମହନ୍ତ, ଜିଲ୍ଲା ସଭାପତି ସବୁଜ ଅଂଶୁମାନ ମହନ୍ତ; ଖୋର୍ଦ୍ଧାରେ ରଶ୍ମୀରଂଜନ ମହାପାତ୍ର, ତାପସ ଜେନା; ସୋନପୁରରେ ପ୍ରମୋଦ ମହାପାତ୍ର, ଉଷା କୁମାର ଦେବୀ; ବୌଦ୍ଧରେ ବିପ୍ର ମହାନ୍ତି; କଟକରେ ଲଲାଟେନ୍ଦୁ ବଡୁ, ଶଙ୍କର୍ଷଣ ମହାନ୍ତି; ଭୁବନେଶ୍ୱରରେ ଜିଲ୍ଲା ସଭାପତି ବାବୁ ସିଂ, ଜଗନ୍ନାଥ ପ୍ରଧାନ; ପୁରୀରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜିଲ୍ଲା ସଭାପତି ଆଶ୍ରୀତ ପଟ୍ଟନାୟକ. କାମାକ୍ଷା ପ୍ରସାଦ ପ୍ରଧାନ; ଭଦ୍ରକରେ ; ଯାଜପୁରରେ ଚୈତନ୍ୟ ସାମଲ; କେନ୍ଦ୍ରାପଡାରେ କିଶୋର ପଣ୍ଡା; ଜଗତସିଂହପୁରରେ ବିଭୁ ପ୍ରସାଦ ତରାଇ, ସତ୍ୟବ୍ରତ ମହାପାତ୍ର ଓ ସଂପଦ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଘେରାଉ ଏବଂ ରାସ୍ତାରୋକ କାର୍ଯ୍ୟକ୍ରମ ହୋଇଥିଲା ।

# ଦୂତୀକୃଷ୍ଣ ପଣ୍ଡା ଫାଉଣ୍ଡେସନ ଆଣ୍ଡ ଚ୍ୟାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାଠାଗାର ଉଦ୍‌ଘାଟନ ଓ ଜୟନ୍ତୀ ପାଳନ

ଭୁବନେଶ୍ୱର,୨/୭ (ନି.ପ୍ର): ଦିବଙ୍ଗତ ବିଶିଷ୍ଟ ବାମପନ୍ଥୀ ନେତା, ପୂର୍ବତନ ବିଧାୟକ ଦୂତୀକୃଷ୍ଣ ପଣ୍ଡାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଗଠିତ ଦୂତୀକୃଷ୍ଣ ପଣ୍ଡା ଫାଉଣ୍ଡେସନ ଆଣ୍ଡ ଚ୍ୟାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗୁରୁବାର ଦିନ ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟରେ ଦୂତୀକୃଷ୍ଣ ପଣ୍ଡାଙ୍କ ୯୯ତମ ଜୟନ୍ତୀ ପାଳିତ ହେବା ସହ ଏକ ପାଠାଗାର ଉଦ୍‌ଘାଟନ ହୋଇଯାଇଛି। ଆୟୋଜିତ ଜୟନ୍ତୀ ଉତ୍ସବରେ ସଭାପତିତ୍ୱ କରି ସର୍ବଭାରତୀୟ କଲେଜ ଶିକ୍ଷକ ସଂଘ ସଭାପତି ପ୍ରଫେସର ଡଃ ଅମୀୟ ମହାନ୍ତି ଆନୁଷ୍ଠାନିକ ଭାବେ ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଦୂତୀକୃଷ୍ଣ ପଣ୍ଡାଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର କର୍ମମୟ ଜୀବନର ସେବା ପରାୟଣତାକୁ ମନେ ପକାଇଥିଲେ। ବିଶିଷ୍ଟ ଶ୍ରମିକନେତା ବିଜୟ କୁମାର ଜେନା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଏଥିରେ ଏଚ୍‌ଏମ୍‌ଏସ୍ ନେତା ବିରେନ୍ଦ୍ର ପ୍ରତାପ ଦାସ, ସୁର ଜେନା, ପ୍ରଫେସର ନିରଞ୍ଜନ ପାଢୀ, ଶ୍ରମିକନେତା ସୌଭାଗ୍ୟ ରାଉତ, ସ୍ୱର୍ଗତ ଦୂତୀକୃଷ୍ଣ ପଣ୍ଡାଙ୍କ ନାତି ସମୀର କୁମାର ପଣ୍ଡା, ଉତ୍କଳ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଆଗାମୀ ଦିନରେ ଟ୍ରଷ୍ଟ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓ ସେମିନାର ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ପ୍ରଗତିଶୀଳ ପୁସ୍ତକ ପ୍ରକାଶନ ଓ ସମାଜ ସେବାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଘୋଷଣା କରାଯାଇଥିଲା। ବୈଠକ ପ୍ରାରମ୍ଭରେ ଟ୍ରଷ୍ଟର ଚେୟାରମ୍ୟାନ ତଥା ବରିଷ୍ଠ ସାମ୍ବାଦିକ ଜୀମୂତ ମଙ୍ଗରାଜଙ୍କ ଆକସ୍ମିକ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରାଯିବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ କିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଭିଡ-୧୯ ନିୟନ୍ତ୍ରଣ ପାଇଁ ଓଡ଼ିଶା ସମେତ ୬ଟି ରାଜ୍ୟକୁ ବିଶେଷଜ୍ଞ ଦଳ ପଠାଇଲା କେନ୍ଦ୍ର

## ■ ବର୍ଦ୍ଧିତ ସଂକ୍ରମଣକୁ ନଜରରେ ରଖି ଏହି ରାଜ୍ୟ ଗୁଡ଼ିକ ପାଇଁ ନିଆଗଲା ପଦକ୍ଷେପ
## ■ ଓଡ଼ିଶା ପାଇଁ କେନ୍ଦ୍ରୀୟ ଦଳର ନେତୃତ୍ୱ ନେବେ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଏ. ଡାନ୍

ଭୁବନେଶ୍ୱର,୦୨/୦୭(ନି.ପ୍ର): ଏବେ ଦେଶରେ କରୋନା ମହାମାରୀର ଦ୍ୱିତୀୟ ଲହର ଥମିବାକୁ ଲାଗିଥିବା ବେଳେ ଓଡ଼ିଶା ସମେତ ୬ଟି ରାଜ୍ୟରେ ସଂକ୍ରମଣ କମୁନାହିଁ । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଓଡ଼ିଶା ଏବଂ ଅନ୍ୟ ୫ଟି ରାଜ୍ୟକୁ ଟିମ୍ ପଠାଇଛନ୍ତି । ଏହି କେନ୍ଦ୍ରୀୟ ଟିମ୍ କେରଳ, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ଛତିଶଗଡ଼ ଓ ମଣିପୁରକୁ ବି ଯାଇଛି । ଓଡ଼ିଶାକୁ ପଠାଯାଇଥିବା ଟିମର ନେତୃତ୍ୱ ଏଆଇଆଇଏଚ୍ ଆଣ୍ଡ୍ ପିଏଚର ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ଏ ଡାନ୍ ନେଉଛନ୍ତି । କୋଭିଡ ମହାମାରୀର ମୁକାବିଲା ଏବଂ ପରିଚାଳନା ଲାଗି ରାଜ୍ୟଗୁଡ଼ିକ ଉଦ୍ୟମ ଜାରି ରଖିଥିବା ବେଳେ କେନ୍ଦ୍ରୀୟ ଟିମ୍ ଗୁଡ଼ିକ ସେମାନଙ୍କୁ ଏ ବାବଦରେ ସହଯୋଗ ଯୋଗାଇଦେବେ । କେନ୍ଦ୍ର ସରକାର 'ସମ୍ପୂର୍ଣ୍ଣ ସରକାର' ଏବଂ 'ସମ୍ପୂର୍ଣ୍ଣ ସମାଜ' ଦୃଷ୍ଟିକୋଣ ସହିତ ଏହି ବିଶ୍ୱ ମହାମାରୀ ବିରୋଧରେ ଲଢ଼େଇର ନେତୃତ୍ୱ ନେଉଛନ୍ତି । କୋଭିଡ ପରିଚାଳନା ପାଇଁ ବିଭିନ୍ନ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ପ୍ରୟାସକୁ ମଜଭୁତ କରିବା ସକାଶେ ଜାରି ରହିଥିବା ଉଦ୍ୟମ ଭାବେ କେନ୍ଦ୍ର ସରକାର ସମୟ ସମୟରେ ବିଭିନ୍ନ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳକୁ ପରିଦର୍ଶନ ନିମନ୍ତେ କେନ୍ଦ୍ରୀୟ ଟିମ ମୁତୟନ କରୁଛନ୍ତି । ଏହି କେନ୍ଦ୍ରୀୟ ଟିମ୍ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ଏବଂ ସେମାନଙ୍କ ସମ୍ମୁଖରେ ଆସୁଥିବା ଆହ୍ୱାନ ଓ ପ୍ରସଙ୍ଗକୁ ପ୍ରତ୍ୟକ୍ଷ ଭାବେ ସମୀକ୍ଷା କରି ସୂଚନା ହାସଲ କରୁଛନ୍ତି । ଏହାଦ୍ୱାରା ସେମାନଙ୍କର କାର ?୍ୟକଳାପକୁ ଆହୁରି ମଜଭୁତ କରାଯାଇ ପାରିବ ଏବଂ ଯଦି କିଛି ପ୍ରତିବନ୍ଧକ ବା ବାଧା ରହିଥାଏ, ତାହା ଦୂର ହୋଇପାରିବ । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଆଜି ଓଡ଼ିଶା ସମେତ କେରଳ, ଅରୁଣାଚଳ ପ୍ରଦେଶ, ତ୍ରିପୁରା, ଛତିଶଗଡ଼ ଓ ମଣିପୁରରେ ଟିମ୍ ମୁତୟନ କରିଛନ୍ତି । ଏହି ରାଜ୍ୟଗୁଡ଼ିକରେ ଏବେ କୋଭିଡ-୧୯ ସଂକ୍ରମଣ ମାମଲା ବୃଦ୍ଧି ପାଉଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି । ମଣିପୁରକୁ ପଠାଯାଇଥିବା ଟିମର ନେତୃତ୍ୱ ଇଏମଆରର ଅତିରିକ୍ତ ଡିଡିଜି ଓ ନିର୍ଦ୍ଦେଶକ ଡ. ଏଲ୍ ସ୍ୱସ୍ତିଚରଣ ନେଉଥିବା ବେଳେ ଏଆଇଆଇଏଚ୍ ଆଣ୍ଡ୍ ପିଏଚର ପ୍ରଫେସର ଡ. ସଞ୍ଜୟ ସାଧୁଖାନଙ୍କ ନେତୃତ୍ୱରେ ଏକ ଟିମ୍ ଅରୁଣାଚଳ ପ୍ରଦେଶ ପଠାଯାଇଛି । ସେହିଭଳି ତ୍ରିପୁରାକୁ ଏଆଇଆଇଏଚ୍ ଆଣ୍ଡ୍ ପିଏଚର ପ୍ରଫେସର ଡ. ଆର୍ ଏନ୍ ସିହ୍ନା ଦିର୍ଙ୍କ ନେତୃତ୍ୱରେ ଟିମ୍ ପଠାଯାଇଥିବା ବେଳେ କେରଳ ପାଇଁ ଆରଓଏଚଏଫଡବ୍ଲ୍ୟୁର ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଜିଆର୍-୨ ଡ. ରୁଚି ଜୈନଙ୍କ ନେତୃତ୍ୱରେ ଟିମ୍ ମୁତୟନ କରାଯାଇଛି । ଓଡ଼ିଶା ନିମନ୍ତେ ଏଆଇଆଇଏଚ୍ ଆଣ୍ଡ୍ ପିଏଚର ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ଏ ଡାନଙ୍କ ନେତୃତ୍ୱରେ ଟିମ୍ ପଠାଯାଇଥିବା ବେଳେ ଛତିଶଗଡ଼ରେ ଏମସ ରାୟପୁର ସହକାରୀ ପ୍ରଫେସର ଡ. ଦିବାକର ସାହୁଙ୍କ ନେତୃତ୍ୱରେ ଟିମ୍ ମୁତୟନ କରାଯାଇଛି । ମହାମାରୀର ସଫଳ ମୁକାବିଲା ଓ ପରିଚାଳନା ନିମନ୍ତେ ରାଜ୍ୟଗୁଡ଼ିକ ଯେଉଁ ଉଦ୍ୟମ କରୁଛନ୍ତି, ଏହି ଟିମ୍ ଗୁଡ଼ିକ ସେଥିରେ ସହଯୋଗ କରିବେ । ଏହି ରାଜ୍ୟଗୁଡ଼ିକୁ ପଠାଯାଇଥିବା ଦୁଇ ସଦସ୍ୟବିଶିଷ୍ଟ ଉଚ୍ଚସ୍ତରୀୟ ଟିମରେ ଜଣେ ଚିକିତ୍ସକ ଓ ଜଣେ ଜନସେବା ବିଶେଷଜ୍ଞ ସାମିଲ ଅଛନ୍ତି । ଏହି ଟିମଗୁଡ଼ିକ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ତୁରନ୍ତ ଗସ୍ତ କରି କୋଭିଡ-୧୯ ପରିଚାଳନା, ବିଶେଷକରି ଟେଷ୍ଟିଙ୍ଗ, ନିରୀକ୍ଷଣ, ନିୟନ୍ତ୍ରଣ ଓ ପରିଚାଳନା ଆଦିର ସାମଗ୍ରିକ କାରର୍ଯ୍ୟକାରିତାର ତଦାରଖ କରିବେ । ଏହାସହିତ କୋଭିଡ ଉପଯୁକ୍ତ ବ୍ୟବହାର ଓ ଏହାର ପ୍ରବର୍ତ୍ତନ, ହସ୍ପିଟାଲ ଶଯ୍ୟାର ଉପଲବ୍ଧତା, ଉପଯୁକ୍ତ ଲଜିଷ୍ଟିକ୍ସ ଯଥା ଆମ୍ବୁଲାନ୍ସ, ଭେଣ୍ଟିଲେଟର, ମେଡିକାଲ ଅକ୍ସିଜେନ ଆଦି, ଏବଂ ସର୍ବୋପରି କୋଭିଡ-୧୯ ଟିକାକରଣ ଅଗ୍ରଗତିର ମଧ୍ୟ ତଦାରଖ କରିବେ । ଟିମଗୁଡ଼ିକ କୋଭିଡ ସ୍ଥିତିର ତଦାରଖ ସହିତ ପ୍ରତିକାର ପଦକ୍ଷେପ ବାବଦରେ ମଧ୍ୟ ପରାମର୍ଶ ପ୍ରଦାନ କରିବେ । କେନ୍ଦ୍ରୀୟ ଟିମ୍ ଗୁଡ଼ିକ ସ୍ଥିତିର ମୂଲ୍ୟାୟନ କରିବେ ଏବଂ ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କୁ ଜନସ୍ୱାସ୍ଥ୍ୟ କାରର୍ଯ୍ୟକଳାପ ସଂକ୍ରାନ୍ତରେ ପ୍ରତିକାର ପଦକ୍ଷେପ ଆଦି ନେଇ ପରାମର୍ଶ ପ୍ରଦାନ କରିବେ । ଏ ସଂକ୍ରାନ୍ତ ରିପୋର୍ଟର ନକଲଗୁଡ଼ିକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ପ୍ରଦାନ କରାଯିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପଞ୍ଜାବରେ ବିଜୁଳି ସଂକଟ....

କହିଛନ୍ତି କି, ଯଦି ଠିକ୍ ଢଙ୍ଗରେ ସରକାର କାମ କରିଥାନ୍ତେ ତେବେ ଏଭଳି ସମୟ ଦେଖିବାକୁ ମିଳିନଥାନ୍ତା । ସେ କହିଛନ୍ତି କି,ସରକାର ଯଦି ବିଜୁଳି ବୁଝାମଣା ଠିକ୍ କରିଥାନ୍ତେ ଓ ପଞ୍ଜାବର ଜନତା କିଭଳି ୨୪ ଘଂଟିଆ ବିଜୁଳି ପାଇପାରିବେ ତାହା ଉପରେ ପୂର୍ବରୁ ପ୍ରସ୍ତୁତ ରହିଥାନ୍ତେ ତେବେ ଏଭଳି ସଂକଟର ସାମ୍ନା କରିବାକୁ ପଡି ନଥାନ୍ତା ।

## ଭିକାରୀମୁକ୍ତ ହେବ....

ଉଦ୍ଧାର କରାଯାଇଛି। ଏହାପରେ ବି ଆହୁରି ଭିକାରୀ ରାସ୍ତାକୁ ଆସୁଛନ୍ତି। ସେମାନଙ୍କୁ ମଧ୍ୟ ଥଇଥାନ କରିବାକୁ ଚେଷ୍ଟା କରୁଛୁ। ଏହାବାଦ ବନଜାରା ସମ୍ପ୍ରଦାୟ ଲୋକ ଏକାଠି ମେଳି ହୋଇ ବିଭିନ୍ନ ସ୍ଥାନରେ ରହୁଥିବା ଦେଖାଯାଉଛି। ସେମାନଙ୍କୁ ଭୁବନେଶ୍ୱରରୁ ବାହାରକୁ ନେବାକୁ ପୋଲିସର ସାହାଯ୍ୟ ନେବୁ। ଥଇଥାନ କେନ୍ଦ୍ରରେ ରଖାଯାଉଥିବା ଭିକାରୀଙ୍କ ଆବଶ୍ୟକ ଯତ୍ନ ନିଆଯିବ। ସେମାନଙ୍କ ଖାଇବା ବ୍ୟବସ୍ଥା ସହ ସ୍ୱାସ୍ଥ୍ୟର ତଦାରଖ କରାଯିବ। ଏହି ସମୟରେ ସେମାନେ ପରିବାର ସହ ଯୋଗାଯୋଗରେ ରହିବେ। ସେମାନେ ସାଧ ମୁତାବକ କିପରି ରୋଜଗାରକ୍ଷମ ହୋଇପାରିବେ ସେଥି ପ୍ରତି ମଧ୍ୟ ପ୍ରଚେଷ୍ଟା କରିବୁ ବୋଲି ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ସୂଚନା ଦେଇଛନ୍ତି।

# ଭଦ୍ରକାଳୀ ଲାୟନସ୍ କ୍ଲବର ପ୍ରତିଷ୍ଠା ଦିବସ



ଭଦ୍ରକ,୦୨/୦୭ (ନି.ପ୍ର): ଭଦ୍ରକାଳୀ ଲାୟନସ୍ କ୍ଲବର ସଦସ୍ୟମାନେ କ୍ଲବର ପ୍ରତିଷ୍ଠା ଦିବସ ନିରାଡମ୍ବର ଭାବେ ଭଦ୍ରକର ଦଇସିଂ ଠାରେ ଅବସ୍ଥିତ କଳ୍ପନା ଦେବୀ ଚାରିଟେବଲ୍ ଟ୍ରଷ୍ଟ ଦ୍ୱାରା ପ୍ରତିଷ୍ଠିତ ଜରାଶ୍ରମରେ ପାଳନ କରିଛନ୍ତି। ପ୍ରକୃତିର ସୁରକ୍ଷା ନିମନ୍ତେ ପ୍ରଥମେ ଜରାଶ୍ରମର ବିସ୍ତୃତ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ମୂଲ୍ୟବାନ ଚାରା ରୋପଣ କରାଯାଇଥିଲା । ଏହାପରେ ଜରାଶ୍ରମର ଅନ୍ତେବାସୀଙ୍କ ସହ କ୍ଲବର ସଦସ୍ୟମାନେ ଭୋଜନ କରିଥିଲେ । କ୍ଲବର ଜନ୍ମ ଦିନକୁ ପାଳନ କରିବା ପାଇଁ ଏହା ଥିଲା ଏକ ଅଭିନବ ସଂକଳ୍ପ । ଏହି ଅବସରରେ କ୍ଲବର ସଦସ୍ୟ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ କହିଥିଲେ - ଆଜିର ସମୟରେ ପ୍ରକୃତିର ସନ୍ତୁଳନ ଏକାନ୍ତ ଆବଶ୍ୟକ । ମଣିଷ ନିଜର ସ୍ୱାର୍ଥ ସାଧନ ନିମନ୍ତେ ପ୍ରକୃତିକୁ ଯେଭଳି ଭାବେ ଧ୍ୱଂସ କରୁଛି, ସେ ଜାଣି ପାରୁନି, ସେ ନିଜେ ନିଜକୁ ବିନାଶ ଆଡକୁ ଟାଣି ଆଣୁଛି । ଏହାର ଏକମାତ୍ର ସମାଧାନ ହେଉଛି ପ୍ରକୃତିକୁ ପୁଣି ଗଢ଼ି ତୋଳିବା । ସେଥି ନିମନ୍ତେ ବୃକ୍ଷରୋପଣ ଆମ ସମସ୍ତଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମରେ ପରିଣତ ହେବା ଉଚିତ । କ୍ଲବର ଅନ୍ୟତମ ସଦସ୍ୟ ସତ୍ୟେନ୍ଦ ରାୟ ମହାପାତ୍ର ଜରାଶ୍ରମ ପରିଦର୍ଶନ କରି ନିଜକୁ ଭାଗ୍ୟବାନ ମନେ କରିଥିଲେ । ଏଠାରେ ସୂଚନାଯୋଗ୍ୟ, ଚଳିତ ବର୍ଷ ଠାରୁ ଆଗାମୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଭଦ୍ରକାଳୀ ଲାୟନ୍ସ କ୍ଲବ ଏହି ଜରାଶ୍ରମକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛି । ତେଣୁ ନିୟମିତ ବ୍ୟବଧାନରେ କ୍ଲବର ସଦସ୍ୟମାନେ ଏଠାରେ ବିଭିନ୍ନ କାର୍ଯ୍ୟକ୍ରମ ପାଳନ କରୁଛନ୍ତି ଏବଂ ଅନ୍ତେବାସୀମାନେ ସେମାନଙ୍କ ପରିବାର ଅଂଶ ବୋଲି ଘୋଷଣା କରୁଛନ୍ତି । ଏହି ଅବସରରେ କ୍ଲବର ସଦସ୍ୟ ବୈଲୋଚନ ବେହେରା, ପ୍ରଭାତ କୁମାର ଧଳ, ଅମର ମହାନ୍ତି, ସଂଜୀବ ନାୟକ, ଜିତେନ୍ଦ୍ର ପଣ୍ଡା, ମିଥୁନ ନାୟକ, ଦିଲ୍ଲୀପ ନାୟକ,ତିଲୋତ୍ତମା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ବିଭିନ୍ନ ହାଟରେ ଏନଫୋର୍ସମେଂଟ ସ୍କ୍ୱାଡ୍‌ର ଚଢାଉ

ଭୁବନେଶ୍ୱର,୦୨/୦୭ (ନି.ପ୍ର): ରାଜ୍ୟରେ ସଂକ୍ରମଣ ମାମଲା କମୁଥିବା ବେଳେ ଲକଡାଉନକୁ କୋହଳ କରିଛନ୍ତି ସରକାର। କ୍ୟାଟେଗୋରି ବି ରେ ଥିବାରୁ ଭୁବନେଶ୍ୱରରେ ଦିନ ୨ଟା ଯାଏ ଦୋକାନ ବଜାର ଖୋଲିବାକୁ ଅନୁମତି ମିଳିଛି । ତେବେ ଭୁବନେଶ୍ୱରରେ ଥିବା ବଜାର ଗୁଡିକରେ ଗହଳି ପରିଲକ୍ଷିତ ହେଉଛି । ଲୋକ ମାସ୍କ ପିନ୍ଧୁନଥିବା ବେଳେ ସାମାଜିକ ଦୂରତା ରକ୍ଷା ହେଉନି। ଏଭଳି ଅମାନିଆଙ୍କୁ ସାବାଡ୍ କରିବାକୁ ବିଭିନ୍ନ ହାଟରେ ଚଢାଉ କରିଛି ବିଏମସିର ଏନଫୋର୍ସମେଂଟ ସ୍କ୍ୱାଡ୍ । ବିଏମସି ଓ କମିଶନରେଟ୍ ପୋଲିସର ମିଳିତ ଏନଫୋର୍ସମେଂଟ ସ୍କ୍ୱାଡ୍ ଆଜି କିଟ୍ ହାଟ, ସିରିପୁର, ବରଗଡ଼, ଝାରପଡ଼ା, ୟୁନିଟ୍-୧ ସହ ୟୁନିଟ୍-୪ ମାର୍କେଟରେ ରେଡ୍ କରିଛି । ଚଢାଉ ବେଳେ ଗହଳି ହୋଇଥିବା ଦୋକାନରେ ବ୍ୟବସାୟୀଙ୍କୁ ତାଗିଦ୍ କରାଯିବା ସହ ଆବଶ୍ୟକସ୍ଥଳେ ଜରିମାନା ଆଦାୟ କରାଯାଇଛି।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥଙ୍କ ରଥଯାତ୍ରା ମାମଲା ସୁପ୍ରିମ କୋର୍ଟରେ ଜୁଲାଇ ୯ରେ ହେବ ଶୁଣାଣି

ବାରିପଦା,୦୨/୦୭ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉଙ୍କ ରଥଯାତ୍ରା ଚଳିତ ବର୍ଷ ରାଜ୍ୟସରକାରଙ୍କ କରୋନା ଗାଇଡଲାଇନ ଅନୁଯାୟୀ ଅନୁଷ୍ଠିତ ହୋଇ ପାରିବ ନାହିଁ । ତେବେ ଏହି ଘୋଷଣା ବିରୋଧରେ ବାରିପଦାର ସେବାୟତ, ଜନସାଧାରଣ ଓ କିଛି ଅନୁଷ୍ଠାନ ଧାରଣା ଦେବା ସହିତ ଦାବୀପତ୍ର ପ୍ରଦାନ ମଧ୍ୟ କରିଥିଲେ । କୌଣଷି ସୁଫଳ ନମିଳିବାରୁ ହାଇକୋର୍ଟ ରେ ରଥଯାତ୍ରା କରାଇବା ପାଇଁ ମଧ୍ୟ ଆବେଦନ କରିଥିଲେ । ତେବେ ହାଇକୋର୍ଟ ରେ ସୁଫଳ ନମିଳିବାରୁ ଏବେ ସୁପ୍ରିମ କୋର୍ଟରେ ପହଂଚିଛି ଏହି ମାମଲା । ଆଇନଜିବୀ ଆକାଶ ଶର୍ମା, ଅଖିଳେସ କୁମାର ଶ୍ରୀବାସ୍ତବ, ଅଭିଜ୍ଞ ଖୁସ୍ୱା ଏହି ମାମଲା



ଲଢୁଥିବା ବେଳେ, ଜୁଲାଇ ୬ ତାରିଖରେ ମାମଲା ସୁପ୍ରିମ କୋର୍ଟରେ କେଉଁ ବିଚାରପତିଙ୍କ ଖଣ୍ଡପୀଠରେ ଶୁଣାଣୀ ହେବ ତାହା ଧାର୍ଯ୍ୟ ହେବାକୁ ଥିବା ବେଳେ, ଜୁଲାଇ ୯ ତାରିଖରେ ସୁପ୍ରିମ କୋର୍ଟରେ ମାମଲାର ଶୁଣାଣି ହେବ ବୋଲି ଜଣା ଯାଇଛି । ଆଗାମୀ ଜୁଲାଇ ୧୨ ତାରିଖରେ ରଥଯାତ୍ରା ପଡୁଥିବା ବେଳେ, ଏପଟେ ୨ୟ ଶ୍ରୀକ୍ଷେତ୍ର ରେ ରଥ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବାରୁ କୋର୍ଟ ରେ ମାମଲାର ଅଗ୍ରଗତି କଣ ହେଉଛି ତାହା ଦେଖିବାକୁ ବାକି ରହିଲା ।

# କରୋନାରେ ଦେଶରେ ଗତ ୨୪ ଘଂଟାରେ ୪୬,୬୧୭ ନୂଆ ମାମଲା

ନୂଆଦିଲ୍ଲୀ,୦୨/୦୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୪୬,୬୧୭ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୮୫୩ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି। ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩,୦୪,୫୮,୨୫୧ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୫,୦୯,୬୩୭ ଥିବା ବେଳେ ବର୍ତମାନ ସୁଦ୍ଧା ୪,୦୦,୩୧୨ଜଣ ମୃତ୍ୟୁ ବରଣ କରିଛନ୍ତି ।

# ରାଜଧାନୀରେ ୨୪ ଘଂଟାରେ ୩୪୫ ପଜିଟିଭ୍

ଭୁବନେଶ୍ୱର,୦୨/୦୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଗୁରୁବାର ଦିନ ଆଉ ୩୪୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୭୧ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ୨୭୪ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୩୫୩ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁର ରୁ ସର୍ବାଧିକ ୧୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରିରୁ ୧୮ ଜଣ, ପଟିଆ ଓ ନୟାପଲ୍ଲୀରୁ ୧୭ ଜଣ ଲେଖାଏଁ ,ରସୁଲଗଡରୁ ୧୦ ଜଣ, ମଂଚେଶ୍ୱରରୁ ୯ ଜଣ, ପାତ୍ରପଡାରୁ ୯ଜଣ, ଓଲ୍ଡଟାଉନ୍ , ସହୀଦନଗର, ଝାରପଡା , ଏମସ୍ ନଗରରୁ ୮ ଜଣ ଲେଖାଏଁ, ଜୟଦେବବିହାରରୁ ୭ ଜଣ, ସୁନ୍ଦରପଦା, ୟୁନିଟ୍ ୯ ଓନିଳାଦ୍ରୀବିହାରରୁ ୬ ଜଣ ଲେଖାଏଁ, ପଳାଶୁଣୀ, ସତ୍ୟନଗର, ପୋଖରୀପୁଟ, ଭୀମଟାଙ୍ଗୀ, ବିଜେବି ନଗରରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୦୯୦୮ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୮୯୧୨୦ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୩୦୭ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୪୬୦ ରହିଛି।

# ପଞ୍ଜିକୃତ ହୋଇଥିବା ସମସ୍ତ ଚାଷୀ ଓ ଅକାମୀ ହୋଇଥିବା ଟୋକନରେ ଧାନ ଉଠାଇବା ଦାବି ନେଇ ଗଣ ଧାରଣା

ଉଦଳା,୦୨/୦୭ (ନି.ପ୍ର): ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚା ତରଫରୁ ଆଜି ଜୁଲାଇ ୨ ତାରିଖ ଶୁକ୍ରବାର ଦିନ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରପର୍ବ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ରବି ଋତୁରେ ଓଡ଼ିଶାର ଚାଷୀଙ୍କ ଠାରୁ ଧାନ କିଣା ବିକାରେ ବ୍ୟାପକ ଅବ୍ୟବସ୍ଥା, ମିଲରସ ମାନଙ୍କ ମର୍ଜିରେ ମଣ୍ଡିରୁ ଧାନ ଉଠିବା, ଚାଷୀଙ୍କ ପ୍ରତି କୁଇଣ୍ଟାଲ ଧାନରୁ ମିଲର୍ସ ମାନେ ୮/୧୦ କେଜି ଧାନ କଟନି ଛଟନି କରିବା , ବସ୍ତା, ସୁତୁଲି, ପରିବହନ ଓ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ କେନ୍ଦ୍ର ସରକାର ଦେଉଥିବା ବେଳେ ଏହା ଚାଷୀଙ୍କୁ ନଦେଇ ଏହି ଅର୍ଥ ମଧ୍ୟ ମିଲର୍ସ ମାନେ



ହଡ଼ପ କରିବା ଭଳି ଅଭିଯୋଗ କୃଷକ ମୋର୍ଚ୍ଚା ତରଫରୁ କରାଯାଇଛି । ତେବେ ଆଜିର ଏହି ଧାରଣା ପର୍ବ ଚାଲିଥିବା ସମୟରେ ଉଦଳା ବିଧାୟକ ଭାସ୍କର ମଢ଼େଇ ଏଥିରେ ଅଂଶ ଗ୍ରହଣ କରିବା ସହିତ ରାଜ୍ୟ ସରକାରଙ୍କ ଚାଷୀ କୁଳ ପ୍ରତି ବାରମ୍ବାର ପ୍ରତାରଣା ବିରୋଧରେ ଏହି ଲଢ଼େଇ ବୋଲି ଗଣ ମାଧମକୁ କହିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ପଣ୍ଡା, ସଦସ୍ୟ ନିହାର ରଂଜନ ମୋଦି, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଅଧକ୍ଷ ସୌଭାଗ୍ୟ କୁମାର ସାହୁ, ଉଦଳା ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ଶରତ ଚନ୍ଦ୍ର ଦାସ, ପ୍ରଭାତ ପରିଡ଼ା, ଲକ୍ଷ୍ମଣ ମହାପାତ୍ର ପ୍ରମୁଖ ଯୋଗ ଦେଇ ତାଙ୍କର ପ୍ରତିକ୍ରୀୟାରେ କହିଛନ୍ତି ଯେ 'ଚାଷୀଙ୍କ ପାଇଁ ମୋଦି ପଠାଉଛନ୍ତି, ଓଡ଼ିଶା ସରକାର ଲୁଟୁଛନ୍ତି ।' ଶେଷରେ ଏ ସମ୍ପର୍କିତ ଏକଦାବୀପତ୍ର କପ୍ତିପଦା ଉପଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ନିକଟକୁ ମୋର୍ଚ୍ଚା ତରଫରୁ ପଠା ଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସିମାନ୍ତ ତ୍ରିପାଠୀ, ପ୍ରାଣକୃଷ୍ଣ ବେରା, ବିଶ୍ୱ ରଂଜନ ମୋଦି, ହିମାଂଶୁ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ସଂଘମିତ୍ରା ମହାନ୍ତିଙ୍କ ବିୟୋଗରେ ଶୋକ



ବାରିପଦା,୦୨/୦୭ (ନି.ପ୍ର): ବାରିପଦାର ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଶ୍ରୀ ରାମଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ସଂଘମିତ୍ରା ମହାନ୍ତିଙ୍କ ବିୟୋଗରେ ମୟୂରଭଞ୍ଜ ଜିଲ୍ଲାରେ ଶୋକ ପ୍ରକାଶ ପାଇଛି । ସେ କରୋନା ସଂକ୍ରମଣରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ର ମୃତ୍ୟୁ ଘଟିଥିବାର ଜଣାଯାଇଛି । ସେ ୨୦୧୦ - ୨୦୧୩ ମସିହା ପର୍ଯ୍ୟନ୍ତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ର କୁଳପତି ଥିଲେ । ତାଙ୍କ ବିୟୋଗରେ ଓଡିଶା ଜଣେ ପ୍ରବୀଣ ଶିକ୍ଷାବିତଙ୍କୁ ହରାଇଲା ବୋଲି ଶୋକ ବ୍ୟକ୍ତ ଅବସରରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ପ୍ରଫେସର, ଜିଲ୍ଲାର ଶିକ୍ଷାବିତ ତଥା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

# 'ସ୍ପିରିଟ୍ ଅଫ ଆମେରିକା' ପକ୍ଷରୁ ୧୦ ଅମ୍ଳଜାନ କନସେନଟ୍ରେଟର ପ୍ରଦାନ

ବାଲେଶ୍ୱର,୦୨/୦୭ (ନି.ପ୍ର): ବାଲେଶ୍ୱର ଜିଲାର କୋଭିଡ ରୋଗୀଙ୍କ ଚିକିତ୍ସା ପାଇଁ ସହଯୋଗର ହାତ ବଢାଇଛି ସୁଦୂର ଆମେରିକାର 'ସ୍ପିରିଟ ଅଫ ଆମେରିକା' ସଂଗଠନ । ସଂଗଠନ ପକ୍ଷରୁ ୧୦ଟି ଅମ୍ଳଜାନ କନସେନଟ୍ରେଟର ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରଦାନ କରାଯାଇଛି। 'ଆର୍ଟ ଅଫ ଲିଭିଙ୍ଗ'ର 'ଇଣ୍ଟରନ୍ୟାସନାଲ ସୋସାଇଟି ଫର ହ୍ୟୁମାନ ଭ୍ୟାଲ୍ୟୁଜ' କାର୍ଯ୍ୟକ୍ରମ ମାଧ୍ୟମରେ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଏହି ଅମ୍ଳଜାନ କନସେନଟ୍ରେଟର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତୀଙ୍କ ଉପସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ୍



ସେନ ଜଗଦେବଙ୍କୁ ପ୍ରଦାନ କରାଯାଇଥିଲା। ଆର୍ଟ ଅଫ ଲିଭିଙ୍ଗର ପ୍ରତିନିଧି ନିରଞ୍ଜନ କର, ରାଜେନ୍ଦ୍ର ମୋର, ଭୋଳାନାଥ ଜେନା ପ୍ରମୁଖ ଏହି ଅମ୍ଳଜାନ କନସେନଟ୍ରେଟର ପ୍ରଦାନ କରିଥିଲେ। ଭବିଷ୍ୟତରେ ଅଧିକ ସହାୟତା ପାଇଁ ଆର୍ଟ ଅଫ ଲିଭିଙ୍ଗ ସଂଗଠନ ଉଦ୍ୟମ କରୁଛି ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରଥିଲେ। ଆମେରିକାର ସ୍ୱେଚ୍ଛାସେବୀ ସଂଗଠନଙ୍କ ଏଭଳି ମହତ କାର୍ଯ୍ୟକୁ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଶଂସା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ଦାସ, ବିନୟକୁଞ୍ଜ ପଣ୍ଡା, ଅଞ୍ଜୁ ଖଣ୍ଡେଲୱାଲ, ତ୍ରିପୁରା ଝା, ଭାରତୀ ଦାସ, ପ୍ରଦୀପ ଦାସ, ଅଶୋକ ମହନ୍ତ, ରଚନା ମୋର ପ୍ରମୁଖ ଆର୍ଟ ଅଫ ଲିଭିଙ୍ଗ ସଂଗଠନର ସଦସ୍ୟମାନେ ଏଥିରେ ଉପସ୍ଥିତ ଥିଲେ।

# ଡକ୍ଟର୍ସ ଡେ' ରେ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର,୦୨/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ କାର୍ଯ୍ୟ କରୁଥିବା ଅଗ୍ରଣୀ ସଂଗଠନ ମେ ଆଇ ହେଲ୍ପ ୟୁ, ମୋ ପରିବାର ପକ୍ଷରୁ ଡକ୍ଟରର୍ସ ଡେ ଉପଲକ୍ଷେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବଦ୍ଧିତ କରାଯାଇଛି । କରୋନା ମହାମାରୀ ବେଳେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ଉତ୍ସାହିତ କରିବାର ଏହା ପ୍ରୟାସ ବୋଲି ସଂଗଠନର ପ୍ରତିଷ୍ଠାତା ଜଗନ୍ନାଥ ପରିଡା, ମନୋରଂଜନ ପ୍ରଧାନ, ରମେଶ ଜେନା, ସଂଜିବ ପାତ୍ର,



ଏଲିନ ଘୋଷ, ଅଂଶୁମାନ ମହାନ୍ତି, ଜୟଦେବ ସାମଲ, ଅକ୍ଷୟ ଜେନା ପ୍ରମୁଖ କହିଛନ୍ତି। ଡାକ୍ତର ପ୍ରଭାସ ଚନ୍ଦ୍ର ନାୟକ, ରୋଜୀ ନାୟକ ଓ ଫାର୍ମସିଷ୍ଟ ସଚିନ ପାଢୀଙ୍କୁ ଏହି ଅବସରରେ ସମ୍ବଦ୍ଧିତ କରାଯାଇଥିଲା ।

# ୨୪ ଘଂଟାରେ ସୁସ୍ଥ ହେଲେ ୩୨୬୫ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୦୨/୦୭(ନି.ପ୍ର):- ରାଜ୍ୟରେ ଆଜି କରୋନା ଭାଇରସ ମହାମାରୀରୁ ୩୨୬୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୮ ଲକ୍ଷ ୮୪ ହଜାର ୨୬୨ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଏଥିରେ କଟକ ଜିଲ୍ଲାରୁ ୪୬୭ ଜଣ ଓ ଖୋର୍ଦ୍ଧା ଜିଲ୍ଲାରୁ ମଧ ୪୬୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଯାଜପୁର ଜିଲ୍ଲାରୁ ୨୬୭, ବାଲେଶ୍ୱରରୁ ୨୪୬, ଭଦ୍ରକରୁ ୧୯୯, ପୁରୀରୁ ୧୮୬, ଜଗତସିଂହପୁରରୁ ୧୬୨, ମୟୂରଭଂଜରୁ ୧୩୭, ଅନୁଗୁଳରୁ ୧୧୬, ନୟାଗଡ଼ରୁ ୧୦୭ ଓ କୋରାପୁଟ ଜିଲ୍ଲାରୁ ୯୯ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସୁନ୍ଦରଗଡ଼ରୁ ୯୦, ବରଗଡ଼ ଏବଂ କେନ୍ଦ୍ରାପଡ଼ାରୁ ୬୮ ଲେଖାଏଁ, ଢେଙ୍କାନାଳରୁ ୬୨, ନବରଂଗପୁର ଏବଂ ରାୟଗଡ଼ାରୁ ୫୮ ଲେଖାଏଁ, ମାଲକାନଗିରିରୁ ୫୭, କେନ୍ଦୁଝରରୁ ୫୪, ସୁବର୍ଣ୍ଣପୁରରୁ ୪୩, ସମ୍ବଲପୁରରୁ ୨୭, ବୌଦ୍ଧରୁ ୨୫, କନ୍ଧମାଳରୁ ୨୪, ଗଜପତି ଏବଂ କଳାହାଣ୍ଡିରୁ ୨୦ ଜଣ ଲେଖାଏଁ, ଗଂଜାମରୁ ୧୮ ଜଣ , ବଲାଙ୍ଗୀରରୁ ୧୬, ଝାରସୁଗୁଡ଼ା ଏବଂ ନୂଆପଡ଼ାରୁ ୯ ଜଣ ଲେଖାଏଁ, ଦେବଗଡ଼ରୁ ୫ ଓ ରାଜ୍ୟପୁଲରୁ ୮୧ ଜଣ ସୁସ୍ଥ ହୋଇଛନ୍ତି।

## ଡ୍ରେନ ସମସ୍ୟା ସୁଧୁରୁନି : ସମସ୍ୟାରେ ଗ୍ରାମବାସୀ

ବାରିପଦା,୦୨/୦୭ (ନି.ପ୍ର): ବାରିପଦା ସହର ଉପକଂଠ ଶ୍ୟାମାଖୁଂଟା ବ୍ଲକ ଅନ୍ତର୍ଗତ ଚିପଟ ଅସ୍ତିଆ ଗ୍ରାମ ଦେଇ ଯାଇଥିବା ପୂର୍ତ୍ତ ବିଭାଗୀୟ ଏମଡିଆର ୪୯ ନମ୍ବର ମୁଖ୍ୟ ରାସ୍ତାର ଚିପଟଅସ୍ତିଆ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଡ୍ରେନ ନିର୍ମାଣ ଦୀର୍ଘ ଦିନ ଧରି କରାଯାଉ ନଥିବାରୁ ବର୍ଷା ଜଳ ତଥା ଲୋକଙ୍କ ଘରୁ ବାହାରୁଥିବା ବର୍ଯ୍ୟ ଜଳ ନିଷ୍କାଷିତ ହୋଇ ନପାରି ସ୍ଥାନୀୟ ଅଂଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଏହି ଗ୍ରାମରେ ୧୪୦୦ ଲୋକ ବସବାସ କରୁଥିବା ବେଳେ ବାରିପଦା ସହରକୁ ସଂଯୋଗ କରୁଥିବା ଏହା ଏକ ମୁଖ୍ୟ ରାସ୍ତା ହୋଇଥିବାରୁ ଦୈନ୍ୟନ୍ଦିନ ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ସେହିପରି ନର୍ଦ୍ଦମା ଜଳ ଜମାହୋଇ ରହୁଥିବା ସ୍ଥାନଟି ଗ୍ରାମ୍ୟ ବିଦ୍ୟାଳୟ ସମ୍ମୁଖ ଏବଂ ଅଙ୍ଗନୱାଡି କେନ୍ଦ୍ର ନିକଟସ୍ଥ ହୋଇଥିବାରୁ ଛୋଟ ପିଲା ତଥା ଗର୍ଭବତୀ ମାଆ ମାନେ ପ୍ରତିଦିନ ସେହି ଦୂଷିତ ନର୍ଦ୍ଦମା ଜଳ ଦେଇ ଯାତାୟତ କରିବାକୁ ବାଧ ହେଉଛନ୍ତି । ତେବେ ଏହି ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଥିଲେ ମଧ୍ୟ ନା ବ୍ଲକ କତୃପକ୍ଷ ନା ପୂର୍ତ୍ତ ବିଭାଗ କାହାରି ନଜର କୁ ନଆସିବାରୁ ଲୋକେ ବାଧ ହୋଇ ନର୍ଦ୍ଦମା ପାଣି କାଦୁଅ ଦେଇ ଚଳପ୍ରଚଳ କରୁଛନ୍ତି । ସବୁଦିନ ସେଠାରେ ନର୍ଦ୍ଦମା ଜଳ ଜମା ହୋଇ ରହୁଥିବାରୁ ପରିବେଶ ଦୂଷିତ ହେବା ସହିତ ମଶା ମାଛି ସମସ୍ୟା ବୃଦ୍ଧି ପାଇବା ସହିତ ଲୋକଙ୍କର ଦେହପା ମଧ ଖରାପ ହେଉଛି । ଏବାବଦରେ ସ୍ଥାନୀୟ ଲୋକେ ବାରମ୍ବାର ଶ୍ୟାମାଖୁଂଟା ବ୍ଲକ ଅଧିକାରୀ ଏବଂ ପୂର୍ତ୍ତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କଲା ପରେ ମଧ ସମସ୍ୟାର ସମାଧାନ ହେଉନାହିଁ । ତେବେ ଏବାବଦରେ ବାରିପଦା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଆଗକୁ ଏଲଟମେଂଟ ଆସିଲେ ଡ୍ରେନ କାମ କରାଯିବ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିବା ବେଳେ, ଆଗକୁ ବର୍ଷାଦିନ ଆସୁଥିବାରୁ ଲୋକେ ଅଧିକ ହୀନସ୍ତା ହେବେ ବୋଲି ଜଣା ଯାଇଛି । ଏଣୁ ତୁରନ୍ତ ଏହି ଡ୍ରେନ ନିର୍ମାଣ କାର୍ଯ୍ୟ ବିଭାଗ ପକ୍ଷରୁ ସମ୍ପାଦନ କରାଯିବାକୁ ସ୍ଥାନୀୟ ଜନସାଧାରଣ ଦାବୀ ଜଣାଇଛନ୍ତି ।

## ଜାତୀୟ ରାଜପଥରେ ଚାନ୍ଦ ଆଦାୟକରୁଥିବା ୩ ଯୁବକ କୋର୍ଟ ଚାଲାଣ

ଜଳେଶ୍ୱର,୦୨/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୬୦ର ଟୋଲ ପ୍ଲାଜା ନିକଟରେ ବହୁ ଯୁବକ ବିଭିନ୍ନ ଗାଡି ଡ୍ରାଇଭର ମାନଙ୍କ ଠାରୁ ଚାନ୍ଦା ଆଦାୟ କରୁଥିବା ଗଣ ମାଧ୍ୟମରେ ପ୍ରକାଶ ପାଇବାପରେ ଜଳେଶ୍ୱର ପୁଲିସ୍ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଟୋଲ ପ୍ଲାଜାର ଅନତୀଦୂର ଲକ୍ଷ୍ମଣନାଥ ଷ୍ଟେସନ ଗଳାପୋଲ ନିକଟରେ ଶୁକ୍ରବାର ଭୋର ସମୟରେ ନଛିମପୁର ଗାଁର କିଛି ଯୁବକ ଚାନ୍ଦା ଆଦାୟ କରୁଥିବା ଖବର ପାଇ ଆଇଆଇସି ପଶୁରାମ ସାହୁଙ୍କ ସହିତ ପୁଲିସ୍ ବାହିନୀ ଚଢାଉ କରିଥିଲା । ଚାନ୍ଦା ଆଦାୟକାରୀ ଏକ ବାଇକ୍ ଛାଡି ପଳାଇଥିବା ବେଳେ ପୁଲିସ୍ ପଚରାଉଚରା କରି ସେମାନଙ୍କୁ ଠାବ କରି ଗିରଫ କରିବାରେ ସଫଳ ହୋଇଥିଲା । ସୂଚନାଯୋଗ୍ୟ ଆଜି ଶୁକ୍ରବାର କୋର୍ଟ ଚାଲାଣ ହୋଇଥିବା ୩ ଯୁବକ ହେଲେ ରାଜେଶ ଗିରି(୩୨), ରାଜୀବ ଦତ୍ତ (୨୨), ନନ୍ଦ ଗୋପାଳ ରାଜ(୩୨)ଙ୍କ ନାମରେ ପୂର୍ବରୁ ଜଳେଶ୍ୱର ଥାନାରେ ଅଭିଯୋଗ ରହିଥିଲା ।

# ପଞ୍ଜୀକୃତ ସମସ୍ତ ଚାଷୀଙ୍କ ରବିଧାନ କିଣିବାକୁ ଦାବି

## ଯୋଗାଣ କାର୍ଯ୍ୟାଳୟ ଆଗରେ ବିଜେପିର ଧାରଣା



ବାଲେଶ୍ୱର,୦୨/୦୭ (ନି.ପ୍ର): ସରକାରୀ ଅବ୍ୟବସ୍ଥା ଯୋଗୁଁ ରବିଧାନ ବିକ୍ରିରୁ ବଞ୍ଚିତ ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ଏବେ ଅଣ୍ଟା ଭିଡ଼ିଛି ବିଜେପି। ଗତ ୩୦ ତାରିଖରୁ ସରକାରୀ ଧାନ ସଂଗ୍ରହ ବନ୍ଦ ହୋଇଥିବା ବେଳେ ବାଦ ପଡ଼ିଥିବା ଚାଷୀଙ୍କ ଧାନ ତୁରନ୍ତ କିଣିବାକୁ ବିଜେପି ଦାବି କରିଛି। ଏନେଇ ଦଳ ପକ୍ଷରୁ ଜିଲା ଯୋଗାଣ ବିଭାଗ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ ଓ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଆହ୍ୱାନ କ୍ରମେ ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଏବଂ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ତଥା ସଦର ନିର୍ବାଚନମଣ୍ଡଳି ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। କୃଷକ ମୋର୍ଚ୍ଚା ଜିଲା ସଭାପତି କୈଳାସ ଚନ୍ଦ୍ର ବାରିକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ବିଜେପି ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଈଶ୍ୱର ଚନ୍ଦ୍ର ବେହେରା, ଜିଲା ଉପସଭାପତି କମଳା ବିନ୍ଧାଣୀ ପ୍ରମୁଖ ଏଥିରେ ଯୋଗଦେଇ ଚାଷୀଙ୍କ ରବିଧାନ ବିକ୍ରି ସମସ୍ୟାକୁ ନେଇ ତୀବ୍ର ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ଚାଷୀମାନଙ୍କର ସହାୟତା ପାଇଁ ବ୍ୟାପକ ଅର୍ଥ ଯୋଗାଇ ଦେଉଥିବା ବେଳେ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ଗ୍ରହଣ ଅତ୍ୟନ୍ତ ପରିତାପର ବିଷୟ ବୋଲି ବିଜେପି ନେତାମାନେ କହିଥିଲେ। ଧାନ ମଣ୍ଡିରେ ଚାଷୀଙ୍କ ଧାନରୁ ଅଧିକ ପରିମାଣର ଉଡ଼ାଣ କାଟିବା, ଚାଷୀଙ୍କୁ ଅଖା, ସୁତୁଲି ଓ ପରିବହନ ଖର୍ଚ୍ଚ ହଡ଼ପ କରାଯିବା, ପଞ୍ଜୀକୃତ ସମସ୍ତ ଚାଷୀଙ୍କଠାରୁ ଧାନ କିଣା ନଯିବା ପ୍ରଭୃତି ସରକାରଙ୍କ ଚାଷୀ ମାରଣ ନୀତିର ପ୍ରକୃତ ନିଦର୍ଶନ ବୋଲି ସେମାନେ କହିଥିଲେ। ଟୋକନ ମିଆଦ ଶେଷ ହୋଇଥିବା ସମସ୍ତ ଚାଷୀଙ୍କଠାରୁ ଧାନ କିଣିବା ଓ ମିଲରମାନଙ୍କ ରାଜୁତିକୁ ମଣ୍ଡିରୁ ସମାପ୍ତ କରିବା ଉପରେ ଉପରେ ବିଜେପି ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ତେବେ ଆଗାମୀ ସାତ ଦିନ ମଧ୍ୟରେ ଯଦି ଏହାର ସମାଧାନ କରାନଯାଏ ତାହେଲେ ଚାଷୀମାନଙ୍କର ସ୍ୱାର୍ଥରକ୍ଷା ପାଇଁ ବିଜେପି ରାଜରାସ୍ତାକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲା ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଆଞ୍ଚଳିକ ଗଣମାଧ୍ୟମ ସଂଯୋଜକ ସତ୍ୟଜିତ ମିଶ୍ର, ମଣ୍ଡଳ ସଭାପତି ବିଜୟ ଦାସ, ବିଜୟ ପାଣିଗ୍ରାହୀ, ଆଶିଷ ଘୋଷ, ଶ୍ରୀୟା ଦାସ, ସସ୍ମିତା ଶୁକ୍ଲା ପ୍ରମୁଖ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ୨ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ୍

ଜଳେଶ୍ୱର,୦୨/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରୁ ବ୍ରାଉନ୍‌ସୁଗର କାରବାର କମିବାକୁ ନାଁ ଧରୁ ନଥିବା ବେଳେ ଗୁରୁବାର ରାତ୍ରିରେ ଜଳେଶ୍ୱର ପୁଲିସ୍ ପକ୍ଷରୁ ପୁରୁଣା ଓଟିରୋଡ ସତ୍ ସଂଗବିହାର ନିକଟରୁ ୨୦ଗ୍ରାମ ବ୍ରାଉନ୍ ସୁଗର ସହିତ ପଶ୍ଚିମବଂଗ ଅଂଚଳର ଜଣେ ଯୁବକକୁ କାବୁ କରିବାରେ ସକ୍ଷମ ହୋଇଛି । ଜଳେଶ୍ୱରର ଝାଡେଶ୍ୱରପୁର ଅଂଚଳରୁ ଯୁବକ ଜଣକ ଏହି ୨ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ନେଇ ଏକ ବାଇକ୍‌ରେ ଯାଉଥିବା ବେଳେ ପୂର୍ବରୁ ସୂଚନା ପାଇ ଛପି ରହିଥିବା ପୁଲିସ୍ ତାକୁ କାବୁ କରିଥିଲେ । ସେହି ଯୁବକର ଘର ପଶ୍ଚିମବଂଗର ଏଗ୍ରା ଥାନା ଅଧିନ ମିର୍ଜାପୁର ଅଂଚଳର ମଦନ ମାନ୍ନା (୨୪) ବୋଲି ଜଣାଯାଇଛି । ତା ନିକଟରୁ ମିଳିଥିବା ତଥ୍ୟ ଆଧାରରେ ଆଜି ଦିନ ତମାମ ଜଳେଶ୍ୱର ଥାନା ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ଝାଡେଶ୍ୱରପୁର, ପଥରପୁରା, ଶାସନବାର୍ଡ ଆଦି ଅଂଚଳର ବିଭିନ୍ନ ସ୍ଥାନରେ ଖାନତଲାସୀ ଓ ଧରପଗଡ କରାଯାଇଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ଚଢାଉ ଜାରି କରିଥିବା ବେଳେ ନୂଆବଜାର ଲେଭେଲକ୍ରସିଂ ନିକଟରୁ ଏକ ବାଇକ୍‌ରେ ଯାଉଥିବା ପଶ୍ଚିମବଂଗର ୨ଜଣ ମାଫିଆଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରାଯାଉଥିବା ଜଣାଯାଇଛି ।

## ମହିଳାଙ୍କୁ ହତ୍ୟା ଅଭିଯୋଗ : ଝୁଲନ୍ତା ମୃତଦେହ ଜବତ

ମାଲକାନଗିରି,୦୨/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅଧୀନ ଦିଶାରୀଗୁଡ଼ା ଗ୍ରାମରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି । ସେ ଗାଁର ରାଜୁ ଖୁଲଙ୍କ ସ୍ତ୍ରୀ ସାବିତ୍ରୀ ( ୨୫ ) । ସୂଚନା ଅନୁଯାୟୀ , ଦିଶାରୀଗୁଡ଼ା ଗ୍ରାମର ସୁବାଷ ଖୁଲଙ୍କ ପୁଅ ରାଜୁ ( ୨୮ ) ୪ ବର୍ଷ ତଳେ ମାଥିଲି ବ୍ଲକ୍ ବାରିଆବାହାଲ ଗ୍ରାମର ରାମଚନ୍ଦ୍ର ବିଶୋଇଙ୍କ ଝିଅ ସାବିତ୍ରୀଙ୍କୁ ବିବାହ କରିଥିଲେ । କିଛିଦିନ ହେଲା ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥି ଲା । ଗୁରୁବାର ଦିଶାରୀଗୁଡ଼ା ଜଙ୍ଗଲରେ ସାବିତ୍ରୀଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା । ଚିତ୍ରକୋଣ୍ଡା ପୋଲିସ ପହଂଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି । ତେବେ ମହିଳାଙ୍କ ଶାଶୁଘର ଲୋକେ ଘଟଣାକୁ ଆତ୍ମହତ୍ୟା କହୁଥିବାବେଳେ ବାପା ରାମଚନ୍ଦ୍ର ହତ୍ୟା ଅଭିଯୋଗ କରିଛନ୍ତି ।

## ଦିନକରେ ଚିହ୍ନଟ ୨୦୮ ନୂଆ କରୋନା ସଂକ୍ରମିତ ଓ ସୁସ୍ଥ ୨୪୬

ବାଲେଶ୍ୱର,୦୨/୦୭ (ନି.ପ୍ର): ତାଲାବନ୍ଦ କଟକଣା କୋହଳ ସାଙ୍ଗକୁ ଦୁଇଦିନ ଧରି ବାଲେଶ୍ୱର ଜିଲାରେ ଦୈନିକ ସଂକ୍ରମଣ ଅଢ଼େଇ ଶହ ମଧ୍ୟରେ ରହିବାକୁ ନେଇ ସାଧାରଣରେ କିଛିଟା ଆଶ୍ୱସ୍ତି ଆସିଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୨୦୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ମୋତିଗଞ୍ଜରୁ ୪ଜଣ, ମୁଖ୍ୟ ଚକିତ୍ସାଳୟରୁ ୩, ଅଙ୍ଗାରଗଡ଼ିଆରୁ ୩, ସୁନହଟରୁ ୨, ବଡ଼ଖୁଆରୁ ୨, ଭାସ୍କରଗଞ୍ଜରୁ ୨, ରାଣୀପାଟଣାରୁ ୨, ବ୍ଲକ କଲୋନୀରୁ ୨, ଆଇଟିଆଇ ଛକରୁ ୨ ଓ ମାଣିଖମ୍ବରୁ ୨ଜଣଙ୍କ ସମେତ ସହଦେବଖୁଣ୍ଟା, ବଟେଶ୍ୱର, ଗୋପାଳଗାଁ, ହେମକାପଦା, ମଠସାହି, ମିର୍ଜାପୋଖରୀ, ନେଳିଆବାଗ, ପୁଲିସଲାଇନ, ପୁରୁଣାବାଲେଶ୍ୱର, ଷ୍ଟେସନ ଛକ, ବ୍ୟାଙ୍କ କଲୋନି, ସୁଏଲପୁର, ଅରଡ଼ବଜାର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୧୦ଜଣ, ବାଲିଆପାଳରୁ ୨୦, ବସ୍ତାରୁ ୬, ଖଇରାରୁ ୨୭, ନୀଳଗିରିରୁ ୨୩, ଔପଦାରୁ ୧୯, ରେମୁଣା ବ୍ଲକରୁ ୪୬, ସଦରରୁ ୧୩, ସିମୁଳିଆରୁ ୩ଜଣ ଓ ସୋର ବ୍ଲକରୁ ୩ ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୪,୦୨୬ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୨୪୬ଜଣ ସୁସ୍ଥ ହୋଇଛନ୍ତି। ଦିନକରେ କରୋନା ଆକ୍ରାନ୍ତ ୩୪ବର୍ଷର ଜଣେ ଯୁବକର ମୃତ୍ୟୁ ହୋଇଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୩୩ରେ ପହଞ୍ଚିଛି । ଅନ୍ୟପକ୍ଷରେ ଟିକା ଅଭାବରୁ ଜିଲ୍ଲାରେ ସାମୂହିକ ଟିକାକରଣ ଗତ କିଛିଦିନ ଧରି ବନ୍ଦ ରହିଛି । ଏବେ ସୁଦ୍ଧା ବାଲେଶ୍ୱର ଜିଲାରେ ମୋଟ ୬,୩୧,୪୪୯ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ୫,୦୬,୫୩୮ଜଣ ପ୍ରଥମ ପାନ ଓ ୧,୨୪,୯୧୧ଜଣ ଦ୍ୱିତୀୟ ପାନ ଟିକା ନେଇଛନ୍ତ। ଟିକା ଉପଲବ୍ଧ ପରେ ପୁଣି ସାମୂହିକ ଟିକାକରଣ ଆରମ୍ଭ ହେବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଅସହାୟ ପରିବାର ନିକଟରେ ପହଞ୍ଚିଲେ ବିଡିଓ

କେନ୍ଦ୍ରାପଡ଼ା,୦୨/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଚକ୍ରୋଡା ପଂଚାୟତର ତରାପୁର ଗ୍ରାମରେ ରହୁଥିବା ଜଣେ ଅସହାୟ, ଆର୍ଥିକ ଦୁର୍ବଳ ଶ୍ରେଣୀ ମହିଳାଙ୍କୁ ବିଡିଓ ଅଶ୍ୱିନୀ କୁମାର ଦାସ ସହାୟତାର ହାତ ବଢାଇଛନ୍ତି । ଏକ ଭଙ୍ଗା ଚାଳିଆ ଘରେ ପାଲ ପକାଇ ରହୁଥିବା ସେହି ଗ୍ରାମର ମଞ୍ଜୁଲତା ବାରିକଙ୍କୁ ତାଙ୍କର ଦୂରବସ୍ଥା ର ଖବର ପାଇ ଘଟଣାସ୍ଥଳ ରେ ପହଂଚି ସମସ୍ୟା ଅନୁଧାନ କରିଥିଲେ । ବ୍ଲକ ତରଫରୁ ଗୋଟିଏ ପାଲ ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ଘର ଖଣ୍ଡିଏ ମିଳିବ ବୋଲି ପ୍ରତିଶୃତି ଦେଇଥିଲେ । ବିଡିଓଙ୍କର ଏହି କାମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ରେଡଜୋନ ତଥା 'ବି' କାଟେଗୋରୀରେ ମୟୁରଭଞ୍ଜ ଜିଲ୍ଲା : ବଳବତ୍ତର ରହିଲା ପରିବର୍ତ୍ତିତ ଲକଡାଉନ କଟକଣା

ବାରିପଦା,୦୨/୦୭ (ନି.ପ୍ର): କରୋନାର ଦ୍ୱିତୀୟ ଲହର ପ୍ରଭାବରେ ୨ମାସ ହେଲାଣି ସରକାରୀ କଟକଣା ଯୋଗୁଁ ଅସ୍ତବ୍ୟସ୍ତ ହୋଇପଡିଛି ଜନଜୀବନ । କେବଳ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ବିକ୍ରି କରୁଥିବା ଦୋକାନ ଗୁଡିକୁ ଛାଡିଦେଲେ ଅନ୍ୟ ସବୁ ବନ୍ଦ ପଡିଥିଲା । ହେଲେ ଗତକାଲି ରାଜ୍ୟ ମୁଖ୍ୟଶାସନ ସଚିବଙ୍କ ଘୋଷଣା ପରେ ଲୋକେ କିଛିଟା ଆଶ୍ୱସ୍ତି ଅନୁଭବ କରିଛନ୍ତି । ଅଳ୍ପ କିଛି ସାମଗ୍ରୀ ଦୋକାନ ବା ଅନୁଷ୍ଠାନ ଉପରେ କଟକଣା ବଳବତ୍ତର ରହିଥିବା ବେଳେ ଅନ୍ୟ ପ୍ରାୟ ସବୁ ଦୋକାନ ଆଜି ଠାରୁ ସକାଳ ୬ ଘଟିକା ଠାରୁ ଦିନ ୨ଟା ଯାଏ ଖୋଲା ରହିଛି । ଫଳରେ କପଡା ଠାରୁ ଆରମ୍ଭ କରି ଷ୍ଟେସନାରୀ ପର୍ଯ୍ୟନ୍ତ ଅନେକ ଦୋକାନରୁ କିଣାକିଣି ପାଇଁ ଲୋକଙ୍କ ଭିଡ ଦେଖିବାକୁ ମିଳିଛି । ଏନେଇ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଭିଡକୁ ଏଡାଇବା ସହ ସରକାରଙ୍କ ପ୍ରଦତ୍ତ କୋଭିଡ ଗାଇଡ ଲାଇନ ପାଳନ କରିବାକୁ ଜସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । ତେବେ ଆଜି ପ୍ରାୟ ସବୁ କିସମର ଦୋକାନ ବଜାର ଖୋଲା ହୋଇ ଥିବା ବେଳେ ବାରିପଦା ସହରରେ ପ୍ରବଳ ଭୀଡ ଦେଖା ଯାଇଥିଲା । ପ୍ରବଳ ଗୁଳୁଗୁଳି ହେଉଥିବା ସତ୍ୱେ ଦ୍ୱିପ୍ରହର ସମୟରେ ବଜାର ରାସ୍ତା ଓ ଦୋକାନ ଗୁଡିକରେ ଗହଳି ଲାଗିଥିବା ବେଳେ ଅନେକ ସ୍ଥଳରେ ଲୋକେ ସାମାଜିକ ଦୂରତା ନିୟମକୁ ସଠିକ ଭାବରେ ପାଳନ କରୁ ନଥିବା ଦେଖା ଯାଇଛି । ଆଜିର ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ୧୫୪ ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ, ଜିଲ୍ଲାରେ କରୋନା ସଂକ୍ରମଣ ଜାରୀ ରହିଛୋ । ଏଣୁ ରାଜ୍ୟ ସରକାର ଉଭୟ ଜୀବନ ଓ ଜିବୀକାର ସୁରକ୍ଷା ପାଇଁ ଲକଡାଉନ କଟକଣାରେ କିଛିଟା କହଳ କରିଛନ୍ତି । ତେବେ ଯଦି ଜନସାଧାରଣ ନିଜ ତରଫରୁ ସଚେତନତାର ସହିତ କୋଭିଡ କଟକଣା ନିୟମକୁ ପାଳନ ନକରିବେ ତେବେ ଜିଲ୍ଲାରେ ପୁଣି ସଂକ୍ରମଣ ହାର ବୃଦ୍ଧିପାଇବ ବୋଲି ବୁଦ୍ଧିଜିବୀ ମହଲରେ ମତପ୍ରକାଶ ପାଉଛି ।



## ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଅକ୍ସିଜେନ କନସେନ୍‌ଟ୍ରେଟର ପ୍ରଦାନ

ଭଦ୍ରକ,୦୨/୦୭ (ନି.ପ୍ର): ଭଦ୍ରକ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଗୋଟିଏ ବଡ ୧୦ ଲିଟରିଆ ଅକ୍ସିଜେନ କନସେନ୍‌ଟ୍ରେଟର ପ୍ରଦାନ କରାଯାଇଛି । ପ୍ରଥମେ ଯାଦବ ମହାସଭା ପକ୍ଷରୁ ବାଲେଶ୍ୱର ଜିଲ୍ଲା ଓ ପରେ ଭଦ୍ରକ ଜିଲ୍ଲା ର ଧାମନଗର, ଧୁଷୁରି, ବାସୁଦେବପୁର ଡାକ୍ତରଖାନାରେ ପ୍ରଦାନ କରାଯିବା ପରେ ଆଜି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଦାନ କରାଯାଇଛି । ହୋପ୍,ଓ ମା ସନ୍ତୋଷୀ କମିଟି ର ସହଯୋଗରେ ଭଦ୍ରକ ଜିଲ୍ଲା ଯୁବ ଯାଦବ ମହାସଭା ପକ୍ଷରୁ ଯାଦବ ନେତା ତଥା ହୋପ ସଂଗଠନ ର ପରାମର୍ଶ ଦାତା ଶୁଭଜିତ ପରିଡାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଭଦ୍ରକ ଜିଲ୍ଲା ଯୁବ ଯାଦବ ସଭାପତି ରବି ନାରାୟଣ ଖିଲାର,ସଂଯୋଜକ କୃଷ୍ଣଚନ୍ଦ୍ର ବେହେରା, ସଂପାଦକ, ସନ୍ତୋଷ ଦାସ ସହ ସଂପାଦକ ମାନସ କୁମାର ପରିଡା, ଉପସଭାପତି ସଂଜିବ ନାୟକ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଷାଲିନ ଦାସ, ଫାର୍ମାସିଷ୍ଟ ବୀରେନ୍ଦ୍ର କୁମାର ମହାନ୍ତି ଓ ଫାର୍ମାଶିଷ୍ଟ ରଜତ କୁମାର ସାହୁଙ୍କୁ ଏହି ଅକ୍ସିଜେନ କନସେନ୍‌ଟ୍ରେଟର ପ୍ରଦାନ କରିଥିଲେ ।

## ହେଲପିଙ୍ଗ ସୋସାଇଟି ପକ୍ଷରୁ ପାଠ୍ୟ ଉପକରଣ ପ୍ରଦାନ


ବାଲେଶ୍ୱର,୦୨/୦୭ (ନି.ପ୍ର): ସାମାଜିକ ଅନୁଷ୍ଠାନ ହେଲପିଙ୍ଗ ସୋସାଇଟି ପକ୍ଷରୁ ବାଲେଶ୍ୱର ସହରର ବସ୍ତି ଅଞ୍ଚଳ ଗରିବ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି । ସୋସାଇଟିର ସଭାପତି ଯୁବ ସଂଗଠକ ହ୍ରିତିକ ନାୟକଙ୍କ ନେତୃତ୍ୱରେ ଏହି ପାଠ୍ୟ ଉପକରଣ ପ୍ରଦାନ କରାଯାଇଛି । ମହାମାରୀ କରୋନା କଟକଣା ମଧ୍ୟରେ ବହୁ ଗରିବ ଓ ଅସହାୟ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଥିବା ବେଳେ ସେମାନେ ବଡ ଦୁଃଖ ଓ କଷ୍ଟରେ ଦିନ କାଟୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ହେଲପିଙ୍ଗ ସୋସାଇଟିର ସ୍ୱେଚ୍ଛାସେବୀମାନେ ବସ୍ତି ଅଂଚଳର ପିଲାମାନଙ୍କୁ ଚକୋଲେଟ, ବିସ୍କୁଟମ କେକ, ମାସ୍କ, ସାନିଟାଇଜର ସହ ପାଠ୍ୟ ଉପକରଣ ପ୍ରଦାନ କରିଛନ୍ତି । ଅଙ୍ଗାରଗଡ଼ିଆ ଅଂଚଳରେ ରହୁଥିବା ୩୦ରୁ ଊର୍ଦ୍ଧ୍ୱ ପରିବାରର ପିଲାମାନଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା । ସଂଗଠନର ଉପ-ସଭାପତି ଶେଖ ନଜିମଙ୍କ ସମେତ ଅମ୍ରିତା ଚାନ୍ଦ, ପ୍ରକାଶଜ୍ୟୋତି ପ୍ରଧାନ, ଅରୂପ କୁମାର ସାହୁ, ରଜତ ଘଡେଇ, କିରଣ ଜ୍ୟୋତି ମଣ୍ଡଳ, ଶୁଭଶ୍ରୀ ଦାସ, ଶ୍ରଦ୍ଧାସୁମନ ସାହୁ, ଯାସିକା ଗୁପ୍ତା, ଅର୍ପିତା ସାମଲ, ମୋନାଲି ସ୍ୱାଇଁ ପ୍ରମୁଖ କର୍ମକର୍ତାମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ଧାନ କିଣାରେ ଅବ୍ୟବସ୍ଥା ପ୍ରତିବାଦରେ ବିଜେପି କୃଷକ ମୋର୍ଚ୍ଚାର ବିକ୍ଷୋଭ, ଦାବିପତ୍ର ପ୍ରଦାନ



ଭଦ୍ରକ,୦୨/୦୭ (ନି.ପ୍ର): ରବି ଋତୁରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା, ମଣ୍ଡିରେ ଧାନ ପଡି ରହିବା, ମଣ୍ଡିରେ ମିଲର୍ସଙ୍କ ମର୍ଜିରେ ଧାନ ଉଠିବା ସହ ୮/୧୦ କେଜି ଚାଷୀଙ୍କ ଧାନ କଟନି ଛଟନି କରିବା, ଏ ସମସ୍ତ ଅବ୍ୟବସ୍ଥାକୁ ସୁଧାରିବା ସହ ରାଜ୍ୟ ସରକାର ଟୋକନ ଦେଇଥିବା ସମସ୍ତ ଚାଷୀଙ୍କ ଧାନ ଉଠାଇବା ପାଇଁ ଦାବୀ କରି ଆଜି ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ରାଉଳଙ୍କ ନେତୃତ୍ୱରେ ବିଜେପି କୃଷକମୋର୍ଚ୍ଚାର କର୍ମକର୍ତ୍ତା। ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚଳିତ ରବି ଋତୁରେ ଓଡ଼ିଶାର ଚାଷୀଙ୍କ ଠାରୁ ଧାନ କିଣାବିକାରେ ବ୍ୟାପକ ଅବ୍ୟବସ୍ଥା, ମିଲର୍ସମାନଙ୍କ ମର୍ଜିରେ ମଣ୍ଡିରୁ ଧାନ ଉଠିବା, ଚାଷୀଙ୍କଠାରୁ ପ୍ରତି କୁଇଣ୍ଟାଲ ଧାନରୁ ମିଲର୍ସମାନେ ୮/୧୦ କେଜି ଧାନ କଟନିଛଟନି କରିବା, ବସ୍ତା, ସୁତୁଳି, ପରିବହନ ଓ ଅନ୍ୟାନ୍ୟ ଖର୍ଚ୍ଚ ମଧ କେନ୍ଦ୍ର ସରକାର ଦେଉଥିବା ବେଳେ ଏହା ଚାଷୀଙ୍କୁ ନଦେଇ ଏହି ଅର୍ଥ ମଧ ମିଲର୍ସମାନେ ହଡପ କରିବା ନେଇ ଅଭିଯୋଗ କରିଥିଲେ। ପୂର୍ବରୁ ଜିଲ୍ଲା ସ୍ତରରେ ଥିବା ପ୍ୟାଡି ପ୍ରୋକ୍ୟୋରମେଣ୍ଟ କମିଟିକୁ ଅଚଳ କରି ଦେଇ ଏବେ ରାଜ୍ୟ ସରକାର ଧାନ କିଣା ବିକା ସିଧାସଳଖ ଭୁବନେଶ୍ୱରରୁ ଚାଷୀଙ୍କୁ ଟୋକନ ଦେଇ ଏହାକୁ ନିୟନ୍ତ୍ରଣ କରୁଛନ୍ତି । ଫଳରେ ଜିଲ୍ଲାରେ ଚାଷୀମାନଙ୍କର ସମସ୍ୟାକୁ ଦେଖିଲେ ସମାଧାନ କରିବା ପରିବର୍ତ୍ତେ ଜିଲ୍ଲାପାଳମାନେ ହାତ ଟେକି ଦେଉଛନ୍ତି । ଖରିଫ୍ ଋତୁରେ ଏବଂ ଏବେ ରବି ଋତୁରେ ଓଡିଶାର ହଜାର ହଜାର ସଂଖ୍ୟାରେ ଚାଷୀଙ୍କ ଟୋକନ ଲାପ୍ସ ହୋଇଥିବା ଯୋଗୁଁ ଚାଷୀ ଧାନ ମଣ୍ଡିରେ ବିକ୍ରି କରି ନପାରି ଖୋଲା ବଜାରରେ ୧୦୦୦/୧୨୦୦ ଟଙ୍କାରେ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ ହୋଇଛି । ଟୋକନ ବ୍ୟବସ୍ଥା ଚାଷୀଙ୍କ ଧାନ ବିକ୍ରି ପାଇଁ ନା ଚାଷୀ ଧାନ କିପରି ବିକ୍ରି କରିପାରିବ ନାହିଁ ତାର ବ୍ୟବସ୍ଥା, ସରକାର ଏହା ସ୍ପଷ୍ଟ କରିବାକୁ ଦାବି କରାଯାଇଛି। ଇତି ମଧ୍ୟରେ କେନ୍ଦ୍ର ସରକାରଙ୍କର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ସଚିବଙ୍କ ନେତୃତ୍ୱରେ ଏକ କେନ୍ଦ୍ରୀୟ ଦଳ ଓଡିଶା ଗସ୍ତରେ ଆସି ୪ଟି ମଣ୍ଡିର ସରଜମିନ୍ ତଦନ୍ତ କରିବା ସହ ରାଜ୍ୟର ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି । ରାଜ୍ୟ ସରକାର ଏହି ରିପୋର୍ଟକୁ ସମୀକ୍ଷା କରିଛନ୍ତି କି ? ଯଦି କରିଛନ୍ତି ତାହା ସର୍ବସାଧାରଣରେ ପ୍ରକାଶ କରନ୍ତୁ ବୋଲି ଦାବି କରାଯାଇଛି। ଗତ ତା ୨୫-୦୬-୨୦୨୧ ରିଖ ଦିନ ବିଜେପି କୃଷକ ମୋର୍ଚ୍ଚା ସହ ୫ଜଣ ବିଧାୟକ ଖାଦ୍ୟ ଯୋଗାଣ ବିଭାଗ କର୍ପୋରେସନ୍ ଏମ୍.ଡି ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଜଳେଶ୍ୱର,୦୨/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ଆରୁହାସ୍ଥିତ ହରପ୍ରସାଦ ଏକାଡେମୀର ପ୍ରଧାନ ଶିକ୍ଷକ ପୀତାମ୍ବର ପତିଙ୍କ ଅବସର ଗ୍ରହଣ ସମ୍ବର୍ଦ୍ଧନା ପାଳିତ ହୋଇ ଯାଇଛି । ଶ୍ରୀ ପତିଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବଦ୍ଧିତ କରାଯାଇଥିଲା । ପରିଚାଳନା କମିଟି ସଭାପତି ଗୌରହରି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାର୍ତ୍ତିକ ଚନ୍ଦ୍ର ଭୂୟାଁ, ଜିଲା ଓଷ୍ଟା ସଂପାଦକ ମନୋରଂଜନ ଦାସ, ସୁକୁମାର ମିଶ୍ର, ଡ. ଅଜିତ୍ ମହାନ୍ତି, ବଂଶୀଧର ବାରିକ, କୁଂଜବିହାରୀ ପ୍ରଧାନ, ମିନାକ୍ଷୀ ପରିଡା, ସଚିଦାନନ୍ଦ ମହାନ୍ତି, ବିନୋଦ ବିହାରୀ ମହାପାତ୍ର, ପ୍ରସନ୍ନ ଦାସ, ଆରୁହା ସରପଂଚ ହରିଶ୍ଚନ୍ଦ୍ର ଭୂୟାଁ, ସମିତି ସଭ୍ୟ ରାଜେନ୍ଦ୍ର ପାତ୍ର, ନୃସିହ ଚରଣ ପତି ପ୍ରମୁଖ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo